

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୦୪ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 04 NOVEMBER 2022
Vol.No. 33 ■ No. 286 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ବାଜିଲା ଗୁଜରାଟ ନିର୍ବାଚନ ବିଗୁଲ

# ଡିସେମ୍ବର ୧ ଓ ୫ରେ ଭୋଟିଂ



ନୂଆଦିଲ୍ଲୀ, ୦୩/୧୧ : ବାଜିଲା ଗୁଜରାଟ ନିର୍ବାଚନ ବିଗୁଲ। ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଘୋଷଣା ହୋଇଛି ତାରିଖ। ଚଳିତ ଥର ମଧ୍ୟ ଦୁଇଟି ପର୍ଯ୍ୟାୟରେ ଗୁଜରାଟ ନିର୍ବାଚନ ହେବ। ଆସନ୍ତା ଡସେମ୍ବେର ୧ ପ୍ରଥମ ପର୍ଯ୍ୟାୟ ଭୋଟିଂ ହେବାକୁ ଥିବା ବେଳେ ଡିସେମ୍ବର ୫ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହେବ। ଏନେଇ ମୁଖ୍ୟନିର୍ବାଚନ ଆୟୋଗ ରାଜୀବ କୁମାର ପ୍ରେସମିଟରେ ସୂଚନା ଦେଇଛନ୍ତି। ଡିସେମ୍ବର ୮ ତାରିଖରେ ଭୋଟ ଗଣତି ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ନଭେମ୍ବର ୫ରୁ ୧୪ ନାମାଙ୍କନ ଦାଖଲ କରିପାରିବେ ପ୍ରାର୍ଥୀ। ୨ୟ ପର୍ଯ୍ୟାୟ ପାଇଁ ନଭେମ୍ବର ୧୦ରୁ ୧୭ ନାମାଙ୍କନ ଦାଖଲ ହେବ। ନଭେମ୍ବର ୧୫ ରେ ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଯାଞ୍ଚ ଏବଂ ନଭେମ୍ବର ୧୮ ରେ ଦ୍ୱିତୀୟ ପର୍ଯ୍ୟାୟ ନାମାଙ୍କନ ଦାଖଲର ଯାଞ୍ଚ ହେବ। ନେଭମ୍ବର ୧୭ ଏବଂ ୨୧ ରେ ନାମାଙ୍କନ ପ୍ରତ୍ୟାହାର ହେବ। ସୂଚନାଯୋଗ୍ୟ, ୧୮ ଫେବୃଆରୀ ୨୦୨୩ ସୁଦ୍ଧା ବିଧାନସଭା କାର୍ଯ୍ୟକାଳ ସରୁଛି। ଏହା ପୂର୍ବରୁ ସରିବ ନିର୍ବାଚନ। ଗୁଜରାଟରେ ସବୁ ୧୮୨ ବିଧାନସଭା ସିଟ୍‌ରେ ନିର୍ବାଚନ ହେବ। ୩୩ ଜିଲ୍ଲାରେ ଚଳିତ ନିର୍ବାଚନରେ ୪ କୋଟି ୯୦ ଲକ୍ଷ ଭୋଟର ରହିଛନ୍ତି। ମତଦାନକୁ ଆଖିରେ ରଖି ୫୧ ହଜାର ୭୮୨ କେନ୍ଦ୍ର କରାଯାଇଛି। ୧୪୨ଟି ମଡେଲ ମତଦାନ କେନ୍ଦ୍ର ମଧ୍ୟ କରାଯାଇଛି। ମହିଳାଙ୍କ ପାଇଁ ୧୨୭୪ ମତଦାନ କେନ୍ଦ୍ର କରାଯାଇଛି। ଚଳିତ ନିର୍ବାଚନରେ ୪ ଲକ୍ଷ ୬୦ ହଜାର ଯୁବ ଭୋଟରଙ୍କୁ ସାମିଲ କରାଯାଇଛି। ୨୦୧୭ ବିଧାନସଭା ନିର୍ବାଚନରେ ବିଜେପି ୯୯ ସିଟ୍‌ରେ ଜିତିଥିଲା ଏବଂ କଂଗ୍ରେସ ୭୭ ସିଟ୍‌ରେ ଜିତିଥିଲା।

## ରାଲି ବେଳେ ଗୁଳିମାଡ଼ : ଇମ୍ରାନ ଖାନ୍ ଆହତ



ନୂଆଦିଲ୍ଲୀ, ୦୩/୧୧ : ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ଉପରକୁ ଗୁଳିମାଡ ହୋଇଛି । ଏହି ଆକ୍ରମଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଇମ୍ରାନ । ଆଜି ପାକିସ୍ତାନରେ ସରକାର ବିରୋଧୀ ପ୍ରଦର୍ଶନ ବେଳେ ଆତତାୟୀ ତାଙ୍କ ପାଖକୁ ଆସି ଗୁଳିମାଡ କରିଥିଲେ । ଏହି ଗୁଳିମାଡରେ ଇମ୍ରାନଙ୍କ ଗୋଡରେ ଗୁଳି ବାଜିଛି । ତେବେ ଆତତାୟୀଙ୍କୁ କାବୁ କରିଛି ପୁଲିସ । ଇମ୍ରାନ ଖାନଙ୍କୁ ତୁରନ୍ତ ଲାହୋର ହସପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କ ଚିକିତ୍ସା ପାଇଁ ୪ ଜଣିଆ ଡାକ୍ତରୀ ଟିମ ଗଠନ କରାଯାଇଛି । ଗୁଳିମାଡରେ ଜଣେ ପ୍ରାଣ ହରାଇଥିବାବେଳେ ଇମ୍ରାନଙ୍କ କିଛି ସମର୍ଥକ ଆହତ ହୋଇଥିବା ସୂଚନା ମିଳିଛି । ଇମ୍ରାନ ଖାନଙ୍କୁ ଗୁଳିମାଡ । ଅଳ୍ପକେ ବର୍ତ୍ତିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ପାକିସ୍ତାନର ୱାଜିରାବାଦର ଜାଫର ଅଲ୍ଲୀ ଖାଁ ଚୌକରେ ଇମ୍ରାନ ଖାନଙ୍କ ସମର୍ଥକ ଆଜାଦୀ ମାର୍ଚ୍ଚରେ ଯିବା ବେଳେ ଏହି ଆକ୍ରମଣ ହୋଇଛି । ବର୍ତ୍ତମାନର ସରକାର ବିରୋଧରେ ଇମ୍ରାନ ଖାନଙ୍କ ପାର୍ଟି ପାକିସ୍ତାନ ତେହେରିକ-ଏ-ଇନସାଫ, ପିଟିଆଇ ଲଗାତାର ବିରୋଧ ପ୍ରଦର୍ଶନ କରିଆସୁଛି । ଏହି କ୍ରମରେ ଆଜାଦୀ ମାର୍ଚ୍ଚ ବାହାରିଥିଲା । ନିଜ ସମର୍ଥକଙ୍କ ସହ ଇମ୍ରାନ ଖାନ ରାଲିରେ ଯାଉଥିଲେ । ଏହି ସମୟରେ ଇମ୍ରାନ ଖାନଙ୍କ ଉପରେ ଅତର୍କିତ ଗୁଳିମାଡ ହୋଇଛି । କୁହାଯାଉଛି, ଇମ୍ରାନଙ୍କ ଗୋଡରେ ଗୁଳିବାଜିଛି ଓ ତାଙ୍କୁ ସାଙ୍ଗେ ସାଙ୍ଗେ ହସପିଟାଲ ନିଆଯାଇଛି । ଆକ୍ରମଣକାରୀଙ୍କୁ ବି ଗିରଫ କରାଯାଇଛି । ଗୁଳିମାଡରେ ଅନେକ ଆହତ ହୋଇଛନ୍ତି । ଅଜଣା ଆତତାୟୀ କଣ୍ଟେନର ପାଖକୁ ଆସି ଇମ୍ରାନ ଖାନଙ୍କ ଉପରେ ଆଖିବୁଜା ଗୁଳିମାଡ କରିଥିଲେ । ଏହାର ଜବାବରେ ଇମ୍ରାନଙ୍କ ସୁରକ୍ଷା କର୍ମୀ କଣ୍ଟେନର ପାଖକୁ ଆସି ତାଙ୍କୁ ବଞ୍ଚାଇଥିଲେ ଓ ଆତତାୟୀଙ୍କୁ କାବୁ କରିଥିଲେ । ଏହା ମଧ୍ୟ କୁହାଯାଉଛି ଯେ, କଣ୍ଟେନର ଉପରେ ଇମ୍ରାନଙ୍କ କିଛି ସମର୍ଥକ ଥିଲେ ଆଉ ▶▶ପୃଷ୍ଠା ୭

## ଅନୁପ ସାଏଙ୍କୁ ସର୍ତ୍ତମୂଳକ ଜାମିନ୍



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ସର୍ତ୍ତମୂଳକ ଜାମିନ୍ ମିଳିଛି। ୨୦୧୬ ମସିହାରେ ମା' ଓ ଝିଅଙ୍କ ହତ୍ୟା ମାମଲାରେ ଅନୁପ ସାଏଙ୍କୁ ଛତିଶଗଡ଼ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଅନୁପ ସାଏଙ୍କୁ ଗତ ଏପ୍ରିଲ ମାସରେ ଛତିଶଗଡ଼ର ରାୟଗଡ଼ ଜିଲ୍ଲା ସେସନ୍ସ କୋର୍ଟ ଆଜୀବନ କାରାଦଣ୍ଡ ଶୁଣାଇଥିଲେ। କିନ୍ତୁ ଏ ମାମଲାର ସହ-ଅଭିଯୁକ୍ତ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ କୋର୍ଟ ନିର୍ଦ୍ଦୋଷରେ ଖଲାସ କରିଥିଲେ। ସୂଚନାଯୋଗ୍ୟ, ୨୦୧୬ ମସିହାରେ ପୂର୍ବତନ ବିଧାୟକ ଅନୁପ ସାଏ କଳ୍ପନା ଦାସ ଓ ତାଙ୍କର ୧୪ ବର୍ଷୀୟ ଝିଅଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିଲେ। ରାୟଗଡ଼ ଜିଲ୍ଲା ହମୀରପୁର ରାସ୍ତାରୁ କଳ୍ପନା ଓ ତାଙ୍କ ଝିଅଙ୍କର ମୃତଦେହ ଠାବ ହୋଇଥିଲା। ପରେ ଏହି ମୃତଦେହ କଳ୍ପନା ଦାସ ଓ ତାଙ୍କର ଝିଅ ଭାବେ ଚିହ୍ନଟ ହୋଇଥିଲା। ପ୍ରେମ ସଂପର୍କକୁ ନେଇ ଏହି ହତ୍ୟାକାଣ୍ଡ ହୋଇଥିଲା। ଏହି ଘଟଣାରେ ତତ୍କାଳୀନ ଏସ୍‌ପି ସନ୍ତୋଷ ସିଂଙ୍କ ନେତୃତ୍ୱରେ ଚକ୍ରଧରନଗର ପୁଲିସ ଅନୁପ ସାଏ ଏବଂ ଡ୍ରାଇଭର ବର୍ଦ୍ଧନ ଟପ୍ପୋଙ୍କୁ ୨୦୨୦ ମସିହାରେ ଗିରଫ କରିଥିଲା।

## ଇଭିଏମରେ ସିଲ୍ ହେଲା ପ୍ରାର୍ଥୀଙ୍କ ଭାଗ୍ୟ : ଆସନ୍ତା ୬ ତାରିଖରେ କାଉଣ୍ଟିଂ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): କଡା ସୁରକ୍ଷା ମଧ୍ୟରେ ସରିଛି ଧାମନଗର ଭୋଟ୍ । ସନ୍ଧ୍ୟା ୫ଟା ସୁଦ୍ଧା ୫୮.୫୩ ପ୍ରତିଶତ ଭୋଟ ହୋଇଥିବା ଜଣାପଡିଛି । ଭୋଟଦାନ ପାଇଁ ଆଜି ସକାଳୁ ବୁଥରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା । ପ୍ରଥମରୁ ତିନି ପ୍ରାର୍ଥୀ ନିଜର ଗୁରୁତ୍ୱପୂର୍ଣ୍ଣ ମତ ସାବ୍ୟସ୍ତ କରିଥିଲେ । ବିଜେଡି ପ୍ରାର୍ଥୀ ଅବନ୍ତୀ ଦାସ ନିଜ ପଞ୍ଚାୟତରେ ମତଦାନ କରିଥିବାବେଳେ, କଂଗ୍ରେସ ପ୍ରାର୍ଥୀ ବାବା ହରେକୃଷ୍ଣ ସେଠୀ ଧାମନଗର ଏନଏସିରେ ଭୋଟ ଦେଇଛନ୍ତି । ସେହିଭଳି ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ଦାସ ନିଜ ଗାଁ କାଁପଡାରେ ଭୋଟ ଦେଇଛନ୍ତି । ମାତ୍ର ଭୋଟର ଲିଷ୍ଟରେ ନାଁ ନଥିବାରୁ ଭୋଟ ଦେବାରୁ ବଞ୍ଚିତ ହୋଇଛନ୍ତି ବିଜେପି ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୁରଜ, କିନ୍ତୁ ସେ ବିଭିନ୍ନ ବୁଥ ବୁଲିଛନ୍ତି । ସନ୍ଧ୍ୟା ଯାଏଁ ବିଭିନ୍ନ ବୁଥରେ ଲୋକେ ଧାଡିରେ ଆସି ମତଦାନ ସାବ୍ୟସ୍ତ କରିଛନ୍ତି । ସକାଳ ୭ଟାରୁ ଭୋଟିଂ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପରେ ମଧ୍ୟ କିଛି ବୁଥରେ ଭୋଟ ଗ୍ରହଣ ଚାଲିଥିଲା । ସନ୍ଧ୍ୟା ୬ଟା ପରେ ବୁଥକୁ ପ୍ରବେଶ କରିଥିବା ଲୋକଙ୍କୁ ସ୍ଲିପ ଦିଆଯିବ ବୋଲି କହିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ଗତ ସାଧାରଣ ନିର୍ବାଚନରୁ ଚଳିତ ଉପନିର୍ବାଚନରେ ଅଧିକ ମତଦାନ ହୋଇଥିବା ସେ ସୂଚନା ଦେଇଛନ୍ତି । କହିଛନ୍ତି ୨୦୧୯ ସାଧାରଣ ନିର୍ବାଚନରେ ୭୧.୦୧ ପ୍ରତିଶତ ମତଦାନ ହୋଇଥିଲା । ଚଳିତ ଉପ ନିର୍ବାଚନରେ ଏହାଠୁ ଅଧିକ କିମ୍ବା ପାଖପାଖ ଭୋଟିଂ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ । ▶▶ପୃଷ୍ଠା ୭

## ଜେଲ ଭିତରେ ସତ୍ୟେନ୍ଦ୍ରଙ୍କୁ ଦିଆଯାଉଥିଲା ସ୍ୱତନ୍ତ୍ର ସୁବିଧା !



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ମନି ଲଣ୍ଡ୍ରିଂ ମାମଲାରେ ତିହାଡ ଜେଲରେ ବନ୍ଦୀ ଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନଙ୍କ ଅଡୁଆ ବଢିବାରେ ଲାଗିଛି । ଗୋଟେପଟେ ଜୈନଙ୍କୁ ଜାମିନ ମିଳୁନି ଅନ୍ୟପଟେ ଏବେ ଇଡି ଏକ ନୂଆ ଦାବି କରିଛି । ତିହାଡ ଜେଲରେ ସ୍ୱତନ୍ତ୍ର ସୁବିଧା ମିଳୁଥିବା ନେଇ ଗୃହମନ୍ତ୍ରାଳୟକୁ ଚିଠି ଲେଖିଛି ଇଡି । ଘଟଣାକୁ କେନ୍ଦ୍ର ସରକାର ଗମ୍ଭୀରତା ସହ ଗ୍ରହଣ କରିବା ସହ ଦିଲ୍ଲୀ ସରକାରଙ୍କୁ ଏନେଇ ଜବାବ ମାଗିଛି । ମନ୍ତ୍ରୀଙ୍କ ପାଇଁ ନିୟମର ଉଲ୍ଲଂଘନ ! ଜେଲ ଭିତରେ ଦିଆଯାଉଥିଲା ସ୍ୱତନ୍ତ୍ର ସୁବିଧା । କଏଦୀ ଭାବରେ ନୁହେଁ ମନ୍ତ୍ରୀଭାବେ ହେଉଥିଲା ତାଙ୍କର ସେବା । ମୁଣ୍ଡ, ଦେହ, ପାଦରେ ଦିଆଯାଉଥିଲା ମସାଜ୍ । ସତ୍ୟେନ୍ଦ୍ର ଜୈନଙ୍କୁ ପ୍ରତିଦିନ ଭେଟି ହାଲଚାଲ ପଚାରୁଥିଲେ ତିହାଡ ଜେଲ ସୁପରିଟେଂଣ୍ଡେଟ । ଘଂଟା ଘଂଟା ଧରି ପତ୍ନୀଙ୍କ ସହ ସେଲ ଭିତରେ କଥା ହେଉଥିଲେ ସତ୍ୟେନ୍ଦ୍ର । ଏମିତି ଅନେକ କଥାକୁ ନେଇ ବଡ ଦାବି କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଦିଲ୍ଲୀର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ମନ ଲଣ୍ଡ୍ରିଂ ମାମଲାରେ ତିହାର ଜେଲରେ ଥିବା ସତ୍ୟେନ୍ଦ୍ର ଜୈନଙ୍କ ନାଁରେ ଏହି ସବୁ ଅଭିଯୋଗ ଆଣିଛି ଇଡି । କେବଳ ଅଭିଯୋଗ ▶▶ପୃଷ୍ଠା ୭

## ୨ ଦିନିଆ ରିମାଣ୍ଡରେ ଆରଡବ୍ଲ୍ୟୁଏସ୍ଏସ୍ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲ୍ୟୁଏସ୍ଏସ୍) ଭୁବନେଶ୍ୱର ସର୍କଲର ଅତିରିକ୍ତ ମୁଖ୍ୟଯନ୍ତ୍ରୀ ନିହାର ରଞ୍ଜନ ଦାସଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିଛି ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ। ରିମାଣ୍ଡ ଲାଗି ଅନୁମତି ଦେଇଛି ଭିଜିଲାନ୍ସ କୋର୍ଟ। ରିମାଣ୍ଡରେ ଆଣି ନିହାର ରଞ୍ଜନ ଦାସଙ୍କ ଭିଜିଲାନ୍ସ କ୍ରିପ୍ଟୋ କରେନ୍ସିରେ ଲାଗିଥିବା କୋଟି କୋଟି ଟଙ୍କାର ଖୋଳତାଡ଼ କରିପାରେ। ସୂଚନାଯୋଗ୍ୟ, ଗତ ମାସ ୨୮ ତାରିଖରେ ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ନିହାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଆୟ ବର୍ହିଭୂତ ସମ୍ପତି ଠୁଳ ଅଭିଯୋଗରେ ଚଢ଼ାଉ ସମୟରେ ଏହି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀଙ୍କ ଅମାପ ସମ୍ପତି ଥିବା ଜଣାପଡିଥିଲା। ସେଥିମଧ୍ୟରେ ୧.୭୫ କୋଟିର କ୍ରିପ୍ଟୋ କରେନ୍ସି ଠାବ ହୋଇଥିଲା।

## ପୁଣି ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ପୁଣି ଜଣେ ଛାତ୍ରୀଙ୍କ ଆତ୍ମହତ୍ୟା। ବାଲିଅନ୍ତା ଥାନା ଗଣ୍ଡିଲୋ ଗାଁରେ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ଛାତ୍ରୀ ଜଣକ ହେଲେ ଅନୁପମା ନାୟକ। ପୋଲିସ ମୃତ ଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି । ଘଟଣା ସ୍ଥଳରେ ବାଲିଅନ୍ତା ଥାନା ପୋଲିସର ତଦନ୍ତ ଜାରି ରହିଛି।

## ଗ୍ୟାସ ଚାମ୍ବର ପାଲଟିଲାଣି ରାଜଧାନୀ ଦିଲ୍ଲୀ



ନୂଆଦିଲ୍ଲୀ, ୦୩/୧୧ : ଶୀତ ଋତୁ ଆରମ୍ଭରୁ ହିଁ ଦିଲ୍ଲୀରେ କଷ୍ଟହେଲାଣି ଜିଇଁବା । ପ୍ରଦୂଷିତ ହେଲାଣି ବାୟୁମଣ୍ଡଳ, ଚିନ୍ତା ବଢାଇଲାଣି ସାରା ରାଜଧାନୀ ଉପରେ ଆଚ୍ଛାଦିତ ହୋଇଥିବା ପ୍ରଦୁଷିତ ବାୟୁ ଓ ବିଷାକ୍ତ ବାୟୁମଣ୍ଡଳ । ଦିନ ବି ଏଠାରେ ସଂଜ ପରି ମନେ ହେଉଛି । କହିବାକୁ ଗଲେ ଘରୁ ବାହାରିବା ଯେତିକି କଷ୍ଟକର ସେତିକି ବିପଦପୂର୍ଣ୍ଣ ହୋଇପଡିଛି । ଏହା ଭିତରେ ଏବେ ଏନସିପିସିଆରର ଅଧକ୍ଷ ପ୍ରିୟଙ୍କ କାନୁକୋଗା ଦିଲ୍ଲୀ ସରକାରଙ୍କୁ ଚିଠି ଲେଖି କିଛି ଦିନ ପାଇଁ ସ୍କୁଲ ଗୁଡିକ ବନ୍ଦ କରି ଅନଲାଇନ ପାଠପଢା ପାଇଁ ଅପିଲ କରିଛନ୍ତି । ଏନସିପିଆର କହିଛି ବର୍ତମାନ ଦିଲ୍ଲୀର ସ୍ଥିତି ଯେମିତି ରହିଛି ଏହା ଭିତରେ କୁନିକୁନି ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ରହିଛି । ବିଷାକ୍ତ ବାୟୁରୁ ପିଲାଙ୍କୁ ରକ୍ଷା କରିବା ପାଇଁ ବର୍ତମାନ ଅନଲାଇନ କ୍ଲାସ ଆବଶ୍ୟକତା ରହିଛି । ସେପଟେ ଦିଲ୍ଲୀ ସରକାର ଲୋକମାନଙ୍କୁ କମ ଗାଡି ବ୍ୟବହାର କରିବାକୁ ଓ ଯଦି ସମ୍ଭବ ୱାର୍କ ଫ୍ରମ ହୋମ କରିବାକୁ ଅପିଲ କରିଛନ୍ତି । ଦିଲ୍ଲୀ ପରିବେଶମନ୍ତ୍ରୀ ଗୋପାଳ ରାୟ କହିଛନ୍ତି କିଛି ଦିନ ହେବ ଦିଲ୍ଲୀରେ ବାୟୁ ପ୍ରଦୁଷଣ ଲଗାତାର ବୃଦ୍ଧି ପାଉଛି । ପଡୋଶୀ ରାଜ୍ୟମାନେ ନଡା ପୋଡିବା ଯୋଗୁଁ ଦିଲ୍ଲୀର ସ୍ଥିତି ବିଗୁଡିଥିବା ଅଭିଯୋଗ କରିଛନ୍ତି । ସଫର ଇଣ୍ଡିଆ ଏୟାର କ୍ୱାଲିଟି ସର୍ଭିସର ରିପୋର୍ଟ ଅନୁସାରେ ରାଜଧାନୀର ବାୟୁ ଗୁଣବତା ବିଗୁଡୁଛି । ▶▶ପୃଷ୍ଠା ୭

## ୨୪ରୁ ବିଧାନସଭା ଅଧିବେଶନ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଆସନ୍ତା ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭାର ଶୀତକାଳୀନ ଅଧିବେଶନ। ଚଳିତ ଅଧିବେଶନରେ ମୋଟ ୩୩ଟି କାର୍ଯ୍ୟ ଦିବସ ରହିଛି। ଅଧିବେଶନର ପ୍ରଥମ ଦିନରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପ୍ରଥମ ଅତିରିକ୍ତ ବଜେଟ୍ ଉପସ୍ଥାପନ ହେବ। ବ୍ୟୟମଞ୍ଜୁରୀ ବିଲ୍ ଡିସେମ୍ବର ୨ତାରିଖରେ ଉପସ୍ଥାପିତ ହେବ । ଡିସେମ୍ବର ୩୧ ତାରିଖରେ ଅଧିବେଶନ ଶେଷ ହେବ। ଏଥିପାଇଁ ଗୁରୁବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଧାନସଭା ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଧାନସଭାର ଏହି ୩୩ଦିନିଆ କାର୍ଯ୍ୟଦିବସରେ ନଭେମ୍ବର ୨୫, ଡିସେମ୍ବର ୯,୧୬, ୨୩,୨୮ ଓ ୩୦ତାରିଖକୁ ପ୍ରାଇଭେଟ୍ ମେମ୍ବର୍ସ ବିଜିନେସ୍ ଭାବେ ନିର୍ଦ୍ଧାରଣ କରାଯାଇଛି ।

## ଏଥର ବଡଓଷାରେ ହେବ ଡିଜିଟାଲ ଦର୍ଶନ



ନୂଆଦିଲ୍ଲୀ, ୦୩/୧୧ : କାର୍ତ୍ତିକରେ କାହିଁକି ହେବ ନାହିଁ ଦିଅଁ ଦର୍ଶନ? ଗତକାଲି ଏଲଇଡିରେ ଧବଳେଶ୍ୱରଙ୍କ ଦର୍ଶନ ଏବଂ ଅସ୍ଥାୟୀ ପ୍ରତିମା ଦର୍ଶନ ପାଇଁ ନିର୍ଦ୍ଦେଶ ଦେଇଥିଲେ କଟକ ଜିଲ୍ଲାପାଳ । ଝୁଲାପୋଲ ଠାରେ ଦିଅଁ ଦର୍ଶନର ବ୍ୟବସ୍ଥା କରିବାକୁ ଦିଆଯାଇଥିଲା ନିର୍ଦ୍ଦେଶ । ଯାହାକୁ ବିରୋଧ କରିଥିଲେ ପୂଜକ କମିଟି । ଆଜି ପୂଜକ କମିଟିର ସହ ଆଲୋଚନା ପରେ ମୁଖ୍ୟରାସ୍ତା ମନ୍ଦିର ଫାଟକ ପାଖରେ ଏଲଇଡି ସ୍କ୍ରିନରେ ଭୋଳା ଦର୍ଶନ ନେଇ କଟକ ଜିଲ୍ଲାପାଳ ନିଷ୍ପତ୍ତି ନେଇଛନ୍ତି । ହେଲେ ଝୁଲାପୋଲ ଓ ମନ୍ଦିର ବେଢାରେ ୧୪୪ ଧାରା ଲାଗୁ ରହିବ । ତେବେ କାର୍ତ୍ତିକ, ବଡ ଓଷାରେ କାହିଁକି ଦିଅଁ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ, ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି । କାର୍ତ୍ତିକ ବଡଓଷାରେ କଟକ ଜିଲ୍ଲା ଆଠଗଡର ବାବା ଧବଳେଶ୍ୱରଙ୍କ ଦର୍ଶନ ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ । ହେଲେ ଏଥରି ଠାକୁରଙ୍କୁ ପ୍ରତ୍ୟକ୍ଷ ଭାବେ ନୁହେଁ ଭର୍ଚୁଆଲ ମୋଡରେ ଶ୍ରଦ୍ଧାଳୁ ଦର୍ଶନ କରିବେ । ଜିଲ୍ଲା ପ୍ରଶାସନ ସହ ▶▶ପୃଷ୍ଠା ୭

## ମୃତ ପୋଲିଂ ଅଧିକାରୀଙ୍କ ପରିବାରକୁ ମିଳିବ ୧୫ ଲକ୍ଷ ଟଙ୍କା

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଧାମନଗର ବିଧାନସଭା ଉପନିର୍ବାଚନ ଲାଗି ନିୟୋଜିତ ପୋଲିଂ ଅଫିସର୍ ନଟବର ମୁଣ୍ଡାଙ୍କ ଅକାଳ ବିୟୋଗ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୦ ବର୍ଷ ହୋଇଥିଲା। ଗତକାଲି ରାତିରେ ନଟବର ମୁଣ୍ଡା ଭୀଷଣ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ଗତକାଲି ତାଙ୍କୁ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ରାତିରେ ସେ ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଆଜି ସକାଳେ ତାଙ୍କର ଦେହାନ୍ତ ହୋଇଯାଇଛି। ତାଙ୍କର ବିୟୋଗକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ । ନିୟମ ଅନୁଯାୟୀ, ମୃତ ପୋଲିଂ ଅଧିକାରୀ ନଟବର ମୁଣ୍ଡାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ସେ ନିଜର ଅସୁସ୍ଥତା ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚିତ କରିବା ପରେ ବି ତାଙ୍କୁ ନିର୍ବାଚନ ଦାୟିତ୍ୱ ଦିଆଯାଇଥିବା ଅଭିଯୋଗ ହୋଇଛି। ନଟବର ମୁଣ୍ଡା ଭଦ୍ରକ ଜିଲ୍ଲା ଓଲାଙ୍ଗ ନେଡାଲ୍ ୟୁପି ସ୍କୁଲରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ସେ ନିଜର ଅସୁସ୍ଥତା ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସୂଚିତ କରି ତାଙ୍କୁ ନିର୍ବାଚନ କାମ ନ ଦେବା ଲାଗି ଅନୁରୋଧ କରିଥିଲେ।

# ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ପାଳିତ

ବଲାଙ୍ଗିର, ୩/୧୧ (ନି.ପ୍ର): ସ୍ଥାନୀୟ ଠିକାଦାର ପଡା ସ୍ଥିତ ୧୦୩ ବର୍ଷର ପୃଥ୍ୱୀରାଜ ଗୋଶାଳାରେ ଗୋପାଷ୍ଟମୀ ଉତ୍ସବ ପାଳନ କରାଯାଇଥିଲା। ଭଗବାନ କୃଷ୍ଣଙ୍କ ପିଲା ଦିନରେ ଏହିଦିନ ଠାରୁ ଗାଇ ଚାରଣ ପାଇଁ ନେଇଥିବାରୁ ସେହିଦିନ ଠାରୁ ଗୋପାଷ୍ଟମୀ ଉତ୍ସବ ପାଳନ କରାଯାଇଥାଏ। ସକାଳ ୯ଟାରୁ ଉତ୍ସବ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଭଗବାନ କୃଷ୍ଣଙ୍କ ସହିତ ଗୋ ମାତାଙ୍କ ପୂଜନ ସହିତ ତାଙ୍କୁ ଭକ୍ତ ମାନେ ଖାଦ୍ୟ ଦେଇ ଥିବାବେଳେ ଏହି ଗୋଶାଳାରେ ରହୁଥିବା ଗାଈମାନଙ୍କ ବର୍ଷ ତମାମ ସେବା ଯତ୍ନ ପାଇଁ ବର୍ଷର ପ୍ରତ୍ୟେକ ଦିନରେ ପାଣ୍ଠି ସଂଚୟ କରି ରଖିଥିବା ଅର୍ଥକୁ ଦିଆ ଯାଇଥାଏ। ଉତ୍ସବ ଉପଲକ୍ଷେ ମହିଳାମାନଙ୍କ ରଙ୍ଗୋଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବଲାଙ୍ଗିର ମୁନିସିପାଲଟିର ଅଧ୍ୟକ୍ଷ ଲିକା ସାହୁ ଆସି ଯୋଗଦେଇ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପୂର୍ଣ୍ଣମା ଜୈନ, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଲତା ସାହୁ ଓ କୃତିକା ଅଗ୍ରୱାଲ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ସୁନିତା ଅଗ୍ରୱାଲଙ୍କୁ ପୁରସ୍କୃତ କରା ଯାଇଥିବା ବେଳେ ସାନ୍ତ୍ୱନା ପୁରସ୍କାର ସାକ୍ଷୀ ଓ ଜ୍ୟୋତ୍ସ୍ନା ସୋନି ପାଇଥିଲେ। ଗୋପାଷ୍ଟମୀ ଉତ୍ସବ ପାଳନରେ ମହିଳା ମାନଙ୍କ ଦ୍ୱାରା ପ୍ରତିଯୋଗିତା ଆୟୋଜନ କରଯାଇଥିଲା। ଗୋସେବା ପାଇଁ ଅନୁଷ୍ଠିତ ତୁଳା ଦାନରେ ୨୫ ରୁ ଅଧିକ ଶ୍ରଦ୍ଧାଳୁ ତୁଳାରେ ଓଜନ ହେବା ସହିତ କିଲୋ ହିସାବରେ ଅର୍ଥ ଦାନ କରିଥିଲେ। ଏଥିରେ ନଗର ପାଳ ମଧ ଦେବା ସହିତ ଗୋସେବା କରି ପୁଣ୍ୟଅର୍ଜନ କରିଥିଲେ। ଗୋଶାଳାର ସଭାପତି ନରେନ୍ଦ୍ର ଜୈନ, ସମ୍ପାଦକ ପ୍ରଫୁଲ୍ଲ ଜୈନ, ପରିଚାଳକ ଜୟପାଲ ଅଗ୍ରୱାଲଙ୍କ ସମେତ ବରିଷ୍ଠ ସଦସ୍ୟ ଓମପ୍ରକାଶ କାଉଁଟିଆ, ଆଶିଷ ଚୌଧୁରୀ, ଗୁଗୁନ୍ ରାମ ଅଗ୍ରୱାଲ, ରବି ଅଗ୍ରୱାଲ ଓ ସନ୍ତୋଷ ମୋଦୀ ବିଭିନ୍ନ ଦାୟିତ୍ୱ ନେଇ ବର୍ଷ ତମାମ ଗୋଶାଳା ପରିଚାଳନା, ଗୋରୁ ମାନଙ୍କ ପ୍ରତି ଯତ୍ନବାନ୍ ହେଉଥିବା ସହିତ ବିଭିନ୍ନ କାମ କରିଥାନ୍ତି। ସଭାପତି ଜୈନ କହିବା ଅନୁସାରେ ଗୋଶାଳାରେ ଥିବା ଗୋରୁ ବ୍ୟତୀତ ୨୦୦ରୁ ଅଧିକ ଦୁର୍ଘଟଣାଗ୍ରସ୍ତ ରୁଗଣ ଗୋରୁ ଗାଈ ଗୋରୁଙ୍କ ସେବା ପାଇଁ ଗୋଶାଳା ଭିତରେ ସ୍ଥାନ କରାଯାଇଛି। ବଜରଙ୍ଗ ଦଳର ସଦସ୍ଯ ମାନେ ମଧ ଏଥିରେ ସକ୍ରିୟ କାର୍ଯ୍ୟ କରିଥାନ୍ତି।

# ପଲ୍ଲୀରୁ ଯାଇ ପ୍ୟାରିସ୍‌ରେ ପ୍ରଶଂସିତ ହେଲା 'ରାଇମାଳି' ଏସ୍ଏଚ୍‌ଜି

ପୋଲସରା ,୩/୧୧ (ନି.ପ୍ର): ଓଡ଼ିଶା ମିଲେଟ୍ ମିସନ୍ ଆନୁକୂଲ୍ୟରେ ରାଜ୍ୟ ସରକାର ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହିତ ଯୋଗାଇଆସୁଛନ୍ତି। ସରକାରଙ୍କ ଏହି ପ୍ରୟାସକୁ ବିଶ୍ୱ ଖାଦ୍ୟ ସଂଗଠନ ମଧ ପ୍ରଶଂସା କରିଛନ୍ତି। ଆଉ ଏହି ସଫଳତାରେ ଆଉ ଏକ ଫର୍ଦ ଯୋଡ଼ି ହୋଇଛି। ପ୍ୟାରିସ୍‌ରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଖାଦ୍ୟମେଳାରେ ଗଞ୍ଜାମ ଜିଲ୍ଲାର ଏକମାତ୍ର ମହିଳା ଏସ୍ଏଚ୍‌ଜି ଭାବେ ପୋଲସରା ବ୍ଲକ୍ ଚିରିକିପଡ଼ା ଗ୍ରାମର ରାଇମାଳି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଭାଗ ନେଇ ଜିଲ୍ଲା ପାଇଁ ଗୌରବ ଆଣିଛି। ଉକ୍ତ ମହିଳା ଏସ୍ଏଚ୍‌ଜି ଦ୍ୱାରା ପ୍ରସ୍ତୁତ ବିଭିନ୍ନ ମାଣ୍ଡିଆଜାତ ଖାଦ୍ୟ ଏହି ମେଳାରେ ପ୍ରଦର୍ଶିତ ହୋଇଥିବା ବେଳେ ଏଥିରେ ସଭାନେତ୍ରୀ ଚନ୍ଦ୍ରମା ସାହୁ ଅଂଶଗ୍ରହଣ କରିଥିଲେ।
ଏହି ଅବସରରେ ଆମ ସହ ଆଲୋଚନା ବେଳେ ଚନ୍ଦ୍ରମା କହିଛନ୍ତି, 'ନାରୀ ଏବେ ସମାଜରେ ଅବଳା କି ଦୁର୍ବଳା ନୁହେଁ। ନିଜ ଦୃଢ଼ ମନୋବଳ ଓ ଅଧ୍ୟବସାୟ ବଳରେ ସେ ନିଜେ ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି'। ପୋଲସରା ବ୍ଲକ୍ ଚିରିକିପଡ଼ାଶାସନରେ ୨୦୦୮ ମସିହା ନଭେମ୍ବର ୩ ତାରିଖରେ ମାତ୍ର ୧୨ ଜଣ ମହିଳାଙ୍କୁ ନେଇ ମିନତି ନାୟକଙ୍କ ପ୍ରଚେଷ୍ଟାରେ ଉକ୍ତ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠିତ ହୋଇଥିଲା। ବର୍ତ୍ତମାନ ଚନ୍ଦ୍ରମା ସାହୁ (୩୬) ସଭାନେତ୍ରୀ ଭାବେ ଏହାର ମଙ୍ଗ ଧରିଛନ୍ତି। ୧୦୦ ଟଙ୍କା ଲେଖାଏଁ ସଞ୍ଚୟ କରି ସଦସ୍ୟାମ ?।ନେ ଏହି ଗୋଷ୍ଠୀ ଆରମ୍ଭ କରିଥିବା ବେଳେ ବର୍ତ୍ତମାନ ଏହା ରାଜ୍ୟ ଓ ଜାତୀୟସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଛି।
ପୂର୍ବରୁ ଏହି ଗୋଷ୍ଠୀ ପ୍ରଥମେ ମାଛ ଓ ପରିବା ଚାଷ କରୁଥିଲା। କରୋନା ମହାମାରୀର ପ୍ରାଦୁର୍ଭାବ ଯୋଗୁଁ ଏକ ଉଡ଼ାଘରେ ବେସନରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରାଯାଇ ସ୍ଥାନୀୟ ବ୍ୟବସାୟୀଙ୍କୁ ଯୋଗାଇ ଦିଆଯାଉଥିଲା। ଉତ୍ତମମାନର ସାମଗ୍ରୀ ବ୍ୟବସାୟୀଙ୍କ ଗ୍ରହଣୀୟ ହୋଇପାରିଥିଲା। ଏହାମଧ୍ୟରେ ଓଡ଼ିଶା ମିଲେଟ୍ ମିସନ୍ ଅଧୀନରେ ମାଣ୍ଡିଆ ଚାଷର ପ୍ରଚାରପ୍ରସାର ଏବଂ ପ୍ରୋତ୍ସାହନ ପାଇଁ ପୋଲସରା ବ୍ଲକ୍‌ର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ 'ଇଣ୍ଡିଆ'କୁ ଦାୟିତ୍ୱ ଦିଆଯାଇଥିଲା। ଉକ୍ତ ଅନୁଷ୍ଠାନର ମୁଖ୍ୟ ଡ.କୁମୁଦ ଚନ୍ଦ୍ର ବେହେରା ଏବଂ ପ୍ରଣବ କୁମାର ଭୋଇ ମାଣ୍ଡିଆଚୂନାରୁ ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ ନେଇ ମାର୍ଗଦର୍ଶନ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀକୁ ବିଭିନ୍ନ ଯନ୍ତ୍ରପାତି ଯୋଗାଇଦିଆଯିବା ସହ ମାଣ୍ଡିଆରୁ ଚୂନା, ଲଡୁ, ସେଓ ଓ ଗାଣ୍ଠିଆ ଆଦି ପ୍ରସ୍ତୁତ କରିବା ଆରମ୍ଭ ହୋଇଥିଲା। ଏସମସ୍ତ ଖାଦ୍ୟ ପ୍ୟାରିସ୍‌ରେ ଗତମାସ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ ଖାଦ୍ୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଛି। ଯାହାକୁ ବିଶ୍ୱ ଖାଦ୍ୟ ସଂଗଠନ ବି ପ୍ରଶଂସା କରିଛି। ଇତିଶ୍ରୀ ବେହେରା ଓ ରଶ୍ମିତା ବେହେରା ମଧ ଏହାର ମାର୍ଗଦର୍ଶିକା ଥିଲେ। ଆସନ୍ତା ୧୦ ତାରିଖରେ ରାଜ୍ୟରେ ମାଣ୍ଡିଆ ରାଜ୍ୟସ୍ତରୀୟ ଉତ୍ସବ ପାଳିତ ହେବାକୁ ଯାଉଥିବା ବେଳେ ଏହି କାର୍ଯ୍ୟକ୍ରମରେ ରାଇମାଳି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଭାଗ ନେବାକୁ ନିମନ୍ତ୍ରଣ ଆସିଛି। ଏହି ଗୋଷ୍ଠୀ ବ୍ଲକ୍‌ର ୧୯ଟି ପଞ୍ଚାୟତ ଅଧୀନ ୭୨ଟି ଗ୍ରାମରେ ୧୬୦୧ ଜଣ ଚାଷୀଙ୍କ ମାଧ୍ୟମରେ ୭୧୯ ହେକ୍ଟର୍ ଜମିରେ ଜୈବିକ ସାର ପ୍ରୟୋଗ ମାଧ୍ୟମରେ ମାଣ୍ଡିଆ ଚାଷ କରିଛନ୍ତି।

## ପୋଷ୍ୟ କନ୍ୟା ସନ୍ତାନ ଗ୍ରହଣ କଲେ ବେଙ୍ଗଲୀ ପରିବାର

କେନ୍ଦ୍ରାପଡ଼ା ,୩/୧୧ (ନି.ପ୍ର): ପଶ୍ଚିମବଙ୍ଗର ଏକ ଦମ୍ପତି ଗରାପୁର ଶିଶୁ ଗୃହରେ ପାଳିତ ଏକ କନ୍ୟା ସନ୍ତାନକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିବା ଜଣାପଡିଛି । ଏହି ଉପଲକ୍ଷେ ସମସ୍ତ ଆଇନ ଅନୁମୋଦିତ କାର୍ଯ୍ୟ ସରିବା ପରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ପଶ୍ଚିମବଙ୍ଗରୁ ଆସିଥିବା ଏହି ଦମ୍ପତିଙ୍କୁ କନ୍ୟା ସନ୍ତାନ ଅର୍ପଣ କରିଥିଲେ । ୨୦୨୧ ସେପ୍ଟେମ୍ବର ୧ ତାରିଖ ଦିନ ଜନ୍ମଲାଭ କରିଥିବା ଏହି ଶିଶୁ ପଲିଶ୍ରୀ ମହିଳା ସମିତି ପରିଚାଳିତ ଗରାପୁର ସ୍ଥିତ ଶିଶୁ ଗୃହରେ ଲାଳନ ପାଳନ କରାଯାଇ ଥିଲା। ପଶ୍ଚିମବଙ୍ଗର ଦମ୍‌ଦମ୍ ଏୟାରପୋର୍ଟ ଅଂଚଳର ବାସିନ୍ଦା ସୁମନଜିତ୍ ଦେ ଓ ଅଞ୍ଜନା ଚୌଧୁରୀ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବେଦନ କରିଥିଲେ।

# ବଲାଙ୍ଗୀର ଦିନ୍ ଦିବସରେ ନଟରାଜ କଳା ପରିଷଦର ଓ୍ୱିଙ୍ଗ-୬ର ପୋଷ୍ଟର ଉନ୍ମୋଚନ

ବଲାଙ୍ଗୀର ,୩/୧୧ (ନି.ପ୍ର): ନଟରାଜ କଳା ପରିଷଦର ସଭାପତି ହରିନାରାୟଣ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ ନଭେମ୍ବର ୧ ତାରିଖ ବଲାଙ୍ଗିର ଦିନ୍ ଦିବସରେ କୋସଲ କଳା ମଣ୍ଡଳର ପୁରୁଣା ମଂଚ ଠାରେ ଓ୍ୱିଙ୍ଗ-୬ ର ପୋଷ୍ଟର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଟରାଜ କଳା ପରିଷଦ ଆଗାମୀ ୧୮,୧୯ ଓ ୨୦ ତାରିଖରେ ତାର ରଜତ ଜୟନ୍ତି ଉତ୍ସବ ପାଳନ କରିବାକୁ ଯାଉଛି । ଏ ଅବସରରେ ଅଧ୍ୟାପକ ପ୍ରଶାନ୍ତ ଖମାରୀଙ୍କ ନିର୍ଦ୍ଦେଶନା ତଥା ମଧୁସୁଦନ ନାୟକଙ୍କ ସହ ନିର୍ଦ୍ଦେଶନାରେ ଆଶାପୁର ନୁ ଆମେରିକା, ଅ-ଆ-ଇ, ଘା, ଯଯାତି, ପୃଥ୍ୱୀରାଜ ଓ ନାବକେଲି ଏପରି ୫ଟି ନାଟକ ଓ ଗୋଟିଏ ନୃତ୍ୟ ନାଟିକା ପ୍ରଦର୍ଶିତ ହେବ। ବଲାଙ୍ଗିର ଦିନ୍ ସମୟକୁ ଶୁଭ ଲଗ୍ନ ମନେକରି ନାଟକର ପୋଷ୍ଟରଗୁଡିକୁ କଳାମଣ୍ଡଳ ପଡିଆର ପୁରୁଣା ମଂଚ ଠାରେ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ଉନ୍ମୋଚିତ କରାଯାଇଥିଲା। ବିଶିଷ୍ଟ କଳାକାର ଉଗ୍ରସେନ ଷଡଙ୍ଗୀ ଏହାକୁ ଉନ୍ମୋଚନ କରିଥିଲେ। ପରେ ପରେ ପୋଷ୍ଟର ଗୁଡିକୁ କଳାମଣ୍ଡଳ ପଡିଆରେ ପ୍ରଦର୍ଶନ ଉଦ୍ଦେଶ୍ୟରେ ସଜ୍ଜିତ କରାଯାଇଥିଲା। ବଲାଙ୍ଗିର ଦିନ୍ ଉତ୍ସବ କୁ ଆସୁଥିବା ସମସ୍ତ ଦର୍ଶକ ଓ କଳାକାର ଏହାକୁ ଉପଭୋଗ କରିଥିଲେ। ଅନୁଷ୍ଠାନର ସଂପାଦକ ପ୍ରହଲ୍ଲାଦ ଦର୍ଜୀ, କାର୍ଯ୍ୟକାରୀ ସଭାପତି ସତ୍ୟବ୍ରତ ଆଚାର୍ଯ୍ୟ ଓ ଆଶିଷ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଇତ୍ୟବସରରେ ନଟରାଜ କଳାପରିଷଦର ମୁଖପତ୍ର ତାଣ୍ଡବର ସଂପାଦକ ଶମ୍ଭୁ ପ୍ରସାଦ ଦାଶ ତାଣ୍ଡବର ପ୍ରକାଶନ କାର୍ଯ୍ୟ ଆଗେଇ ଚାଲିଥିବା କଥା ସୂଚିତ କରାଇଥିଲେ।

# କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠର ଛାତ୍ର ବିଶ୍ୱଜିତଙ୍କ ସଫଳତା

ବାସୁଦେବପୁର ,୩/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ର ବିଶ୍ୱଜିତ ବାରିକ ବାସୁଦେବପୁର ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରେ ସଫଳତା ଲାଭ କରିଛନ୍ତି । ଏହି ସୁରଭି କାର୍ଯ୍ୟକ୍ରମ କୃଷ୍ଣପୁର ସରକାରୀ ଉ ପ୍ରା ବିଦ୍ୟାଳୟ ରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ମେଧାବୀ ଛାତ୍ର ବିଶ୍ୱଜିତ ଭାଷଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ହାସଲ କରିଛନ୍ତି । ଏହା ସହିତ ବିଶ୍ୱଜିତ ଜିଲ୍ଲା ସ୍ତର କୁ ମନୋନୀତ ହୋଇଛନ୍ତି । ଶ୍ରୀ ବାରିକ ବ୍ଲକ ସ୍ତରରେ ପ୍ରମାଣ ପତ୍ର ଏବଂ ଟ୍ରଫି ପୁରସ୍କାର ଲାଭ କରିଛନ୍ତି। ଭାଷଣ



ର ବିଷୟ ବସ୍ତୁ ଥିଲା ଏକ ଭାରତ ଶ୍ରେଷ୍ଠ ଭାରତ। ଏହି ସୁରଭି ପ୍ରୋଗ୍ରାମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଭଦ୍ରକ ଜିଲ୍ଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ସାହୁ, ବାସୁଦେବପୁର ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନସ ଦଣ୍ଡପାଟ, ସରପଞ୍ଚ ସନ୍ଧ୍ୟା ରାଣୀ ବାରିକ,ସମାଜସେବୀ ରାମଚନ୍ଦ୍ର ବାରିକ,ପ୍ରଧାନ ଶିକ୍ଷକ ଅବିନାଶ ସାର, ସି ଆର ସି ସି ଗଜେନ୍ଦ୍ର ବେହେରା । କୃତି ଛାତ୍ର ବିଶ୍ୱଜିତଙ୍କ ସଫଳତା ପାଇଁ କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ସହକାରୀ ଶିକ୍ଷକ ରାକେଶ ନାୟକ, ପ୍ରତାପ ବାରିକ, ମାନସୀ ନାଥ,ବଳରାମ ବାରିକ, ବିଜୟଲକ୍ଷ୍ମୀ ବେହେରା, ସୁନୀଲ ନାୟକ, ପ୍ରଦୀପ୍ତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ଅଟୋ ନଗର ନିର୍ମାଣ ପାଇ ସରକାରୀ ଜମି ଦେବାକୁ ଦାବି

ଜୟପୁର ,୩/୧୧ (ନି.ପ୍ର): ଜୟପୁର ସହରର ନିକଟବର୍ତି ଅଂଚଳରେ ଅଟୋ ନଗର ନିର୍ମାଣ କରିବା ନେଇ ସରଜାରି ଜମି ଦେବାକୁ ଦାବୀ କରାଯାଇଛି । ଆଜି ଜୟପୁର ମୋଟର ଗ୍ୟାରେଜ ମାଲିକ ଆସୋସିଏସନ ସଦସ୍ୟ ମାନେ ଏକ ତ୍ରିତ ହୋଇ ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତିଙ୍କୁ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ଗାନ୍ଧୀ ଛକ କେନାଲ ତଟରେ ସେମାନେ ଗ୍ୟାରେଜ ଖୋଲି ଗୁଜୁରାଣ ମେଣ୍ଟାଉଥିଲେ । ପ୍ରଶାସନ ତରଫରୁ ତାଙ୍କୁ ଉଚ୍ଛେଦ କରାଗଲା । ଫଳରେ ସେ ମାନଙ୍କ ଜୀବିକା ପ୍ରଭାବିତ ହୋଇଛି। ତେଣୁ ଜୟପୁର ସହର ନିକଟରେ ସରକାରୀ ଜମି ଦେଲେ ଅଟୋ ନଗର ନିର୍ମାଣ କରିବାକୁ ଦାବି ହୋଇଛି । ପ୍ରଶାସନର ଉଚ୍ଛେଦ ଫଳରେ ୨୫୦ରୁ ଅଧିକ ଲୋକ ଜୀବିକା ହରାଇଛନ୍ତି । ତେଣୁ ପ୍ରଶାସନ ସହର ନିକଟ ବର୍ତ୍ତି ଅଂଚଳରେ ସରକାରି ଜମି ଦେଲେ ସେମାନେ ଅଟୋ ନଗର ନିର୍ମାଣ କରି ଗୁଜୁରାଣ ମେଣ୍ଟାଇବେ ବୋଲି ଦାବି କରାଯାଇଛି ।

## ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ପାଳିତ

ପୁରୀ,୩/୧୧ (ନି.ପ୍ର): ଶହୀଦ ଜୟୀ ରାଜଗୁରୁଙ୍କ ଜୟନ୍ତୀ ଅବସରରେ ଆଜି ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଛି। ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ଓ ଗୋପୀନାଥ ଦେବସ୍ଥାନ ସମିତିର ମିଳିତ ସହଯୋଗରେ ଜୟୀ ରାଜଗୁରୁଙ୍କ ଜନ୍ମ ସ୍ଥାନ ବୀର ହରେକୃଷ୍ଣପୁର ଗ୍ରାମରେ ପହଞ୍ଚି ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ପ୍ରମୁଖ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ଜୟୀ ରାଜଗୁରୁ ସ୍ମୃତି ପୀଠର ବିକାଶ ସମ୍ପର୍କରେ ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ପରେ ବୀର ହରେକୃଷ୍ଣ ମାର୍କେଟ ଛକରେ ସ୍ଥାପିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

# ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ସୁବର୍ଣ୍ଣପୁର ,୩/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ଅଧ୍ୟକ୍ଷ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅସିତ ତ୍ରିପାଠୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଗତକାଲି ଅପରାହ୍ନରେ ସୋନପୁର ଠାରେ ପହଂଚିଥିଲେ। ପରେ ୨ଟା ୩୦ ମିନିଟ୍ ରେ ସ୍ଥାନିୟ ସର୍କିଟ ହାଉସ ଠାରେ ପ୍ରସ୍ତାବିତ ଡବ୍ଲୁଓଡିସି ହ୍ୟାଣ୍ଡଲୁମ ମଲ ର ଯୋଜନା ଓ ଅଗ୍ରଗତି ସମ୍ପର୍କରେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତତ ସହ ଜିଲ୍ଲାର ହ୍ୟାଣ୍ଡଲୁମ ବସ୍ତ୍ର ବୁଣାଳୀଙ୍କ ସହିତ ଆଲୋଚନା କରି ବୁଣାକାର ମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ଚାହିଦା ଦୃଷ୍ଟିରୁ ନୂତନ ଡିଜାଇନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେବାସହ ଜିଲ୍ଲାର ହ୍ୟାଣ୍ଡଲୁମ ବସ୍ତ୍ରର ବଜାରୀକରଣକୁ ଅଧିକ ସୁଦୂର ପ୍ରସାରି କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପରେ ପରେ ଅଧ୍ୟକ୍ଷ ୩ଟା ୩୦ ମିନିଟ୍ ରେ କ୍ଷେତ୍ର ପରିଦର୍ଶନରେ ବାହାରି ଡୁଙ୍ଗୁରିପାଲି ବ୍ଲକର ରାମପୁର ଠାରେ ଶ୍ରୀରାମ ମହାବିଦ୍ୟାଳୟ ଦ୍ୱାରା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଭବ୍ୟ ସଭାରେ ଯୋଗଦାନ କରି ବିଦ୍ୟାର୍ଥୀଙ୍କୁ ଉଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ଉପାଦେୟ ପରାମର୍ଶ ଦେଇଥିଲେ। ତତ ପଶ୍ଚାତ ରାମପୁର ଠାରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ୫୫ ଲକ୍ଷ ଟଙ୍କାରେ ନିର୍ମାଣାଧିନ ବିଜୁ ଗ୍ରାମୀଣ ବଜାରର କାର୍ଯ୍ୟ ବୁଲି ଦେଖିଥିଲେ ଓ ସମୟ ଅବଧି ଭିତରେ କାମ ସମାପ୍ତ ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ପରେ ସ୍ଥାନୀୟ ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅଧାରୁ ପାଠ ଛାଡିଥିବା ବାଳିକା ବିଦ୍ୟାର୍ଥୀଙ୍କ ସହ ଭାବ ବିନିମୟ କରିବା ସହ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ।
ତାଙ୍କର ଏହି ଗସ୍ତ ଅବସରରେ ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର ନିରଞ୍ଜନ ପୂଜାରୀ, ପଶ୍ଚିମ ଓଡିଶା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼ଃ. ଅଜିତ କୁମାର ମିଶ୍ର, ଜିଲ୍ଲାପାଳ ଅବୋଲୀ ସୁନିଲ ନରଓ୍ୱଣେ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପରେ ବିନିକା ମାର୍କେଟ ୟାର୍ଡ଼ ଠାରେ ଡୁଙ୍ଗୁରିପାଲି ବ୍ଲକ୍ ର ଗଜବନ୍ଧ ଏବଂ ଗଣିଆ ସମେତ ଅନ୍ୟାନ୍ୟ ଗ୍ରାମରେ ଚାଷୀ ମାନଙ୍କ ସହିତ ମାଛ ଚାଷ ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧରେ ପଚାରି ବୁଝିଥିଲେ। ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଚାଷୀ ମାନଙ୍କ ସହିତ ସମନ୍ୱିତ ଚାଷ, ଧାନ ବଜାର ଓ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସେ ଏହି ଅବସରରେ ଚାଷୀ ମାନଙ୍କୁ କେବଳ ଧାନ ଚାଷ ନକରି ଅନ୍ୟାନ୍ୟ ଅଣଧାନ ଅଧିକ ଲାଭକାରୀ ଚାଷ କରିବା ଉପରେ ପରାମର୍ଶ ଦେଇଥିଲେ। ଯାହାଦ୍ୱାରା ଜିଲ୍ଲାର ଚାଷ ଓ ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ। ଏହି ବୈଠକରେ ନିୟନ୍ତ୍ରିତ ବଜାର କମିଟି ଡୁଙ୍ଗୁରିପାଲି ସମ୍ପାଦକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଅଧ୍ୟକ୍ଷ ଙ୍କୁ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଅବଗତ କରାଇଥିଲେ।
ସନ୍ଧ୍ୟାରେ ଶ୍ରୀ ତ୍ରିପାଠୀ ସୋନପୁର ଠାରେ ଥିବା ମିଶନ ଶକ୍ତି ଦ୍ୱାରା ପରିଚାଳିତ ସୁବର୍ଣ୍ଣା ଶ୍ରୀ ଫରେଷ୍ଟ ପାର୍କ ପରିଦର୍ଶନ କରିଥିଲେ। ପରେ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟନ ତଥା ବିକାଶ ପରିଷଦର ଭାରପ୍ରାପ୍ତ ଅଧିକାରୀ, ସୁବର୍ଣ୍ଣପୁର, ପଶ୍ଚିମ ଓଡିଶା ବିକାଶ ପରିଷଦ ଯୋଜନାର ଅଗ୍ରଗତି ଓ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଗୃହରେ ଉପସ୍ଥାପନା କରିଥିଲେ। ଏହି ଅବସରରେ ଅଧ୍ୟକ୍ଷ, ଜିଲ୍ଲା ହସ୍ତତନ୍ତ, କୃଷି, ଶିକ୍ଷ, ମତ୍ସ୍ୟ, ଉଦ୍ୟାନ, ଓରମାସ୍ ଅଧିକାରୀ ମାନଙ୍କ ସହିତ ଅଲୋଚନା କରି ଜିଲ୍ଲାର ଏକ କାର୍ଯ୍ୟ ଖସଡା ( ଜିଲ୍ଲାର ଏକସନ ପ୍ଲାନ) କରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତାସାଙ୍ଗକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ସମୟୋଚିତ ଭାବରେ ପରିଷଦ ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକୁ ସମାପ୍ତ କରି କାର୍ଯ୍ୟ ସମାପ୍ତ ସାର୍ଟିଫିକେଟ ଏବଂ ବିନିଯୋଗ ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ

କେନ୍ଦ୍ରାପଡ଼ା ,୩/୧୧ (ନି.ପ୍ର): ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇ ଯାଇଛି । ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁର୍ନିତି ନିବାରଣ ବିଭାଗର ଡିଏସପି ଭାଗ୍ୟଲକ୍ଷ୍ମୀ ପୁହାଣ ଓ ଉପଖଣ୍ଡ ସୂଚନା ଲୋକ ସଂପର୍କ ଅଧିକାରୀ ଅଶୋକ ବଳିଆର ସିଂହ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ କେନ୍ଦ୍ରାପଡା କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଦେଶର ଆର୍ଥିକ, ରାଜନୈତିକ ଓ ସାମାଜିକ ପ୍ରଗତି ପଥରେ ଦୁର୍ନିତି ହିଁ ସବୁଠାରୁ ବଡ ପ୍ରତିବନ୍ଧକ । ସମସ୍ତ କର୍ମଚାରୀ ଓ ଅଧିକାରୀ ଗଣ ନିଜ ନିଜର କର୍ତବ୍ୟ ଓ କାର୍ଯ୍ୟଧାରାରେ ସାଧୁତା ଓ ସ୍ୱଚ୍ଛତା ବଜାୟ ରଖିବା ସହ ଆତ୍ମ ସମୀକ୍ଷା କରିବା ନେଇ ଶ୍ରୀ ସାମଲ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାର ଦୁର୍ନିତି ଅଭିଯୋଗରେ ୧୬୮ ଜଣ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆମ ସମାଜରେ ଦୁର୍ନିତି ସବୁ କ୍ଷେତ୍ରକୁ ପରିବ୍ୟାପ୍ତ ହୋଇଥିବା ନେଇ ଅତିଥି ଗଣ ଓ ବକ୍ତାମାନେ କ୍ଷୋଭ ପ୍ରକାଶ କରି ଏହାକୁ ବିରୋଧ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସାମ୍ବାଦିକ ପରୀକ୍ଷିତ ପାତ୍ର, ଆଶିଷ ସେନାପତିଙ୍କ ସମେତ ଭବାନୀ ପ୍ରସାଦ ଓଝା, ହେମନ୍ତ କୁମାର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ୧୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ବଣ୍ଟନ କରାଯାଇ ଥିଲା ।

## ମୁଖ୍ୟ କେନାଲରେ କଲେଜ ଛାତ୍ରୀ ନିଖୋଜ

ଜୟପୁର ,୩/୧୧ (ନି.ପ୍ର): ଜୟପୁର ମୁଖ୍ୟ କେନାଲରେ କଲେଜ ଛାତ୍ରି ନିଖୋଜ ଅଛନ୍ତି । ନିଖୋଜ ଛାତ୍ରି ଜଣକ ହେଲେ ଶାନ୍ତି ହନ୍ତାଳ । ଆଜି ମୁଖ୍ୟ କେନାଲର କୁମ୍ଭାରସାହି ଠାରେ ଗାଧୋଉ ଥିବା ବେଳେ ଗୋଡ ଖସି ଯାଇଥିଲା । ଏନେଇ ଖବର ପାଇ ଓଡ୍ରାଫ ଓ ଦମକଳ ବିଭାଗ ଖୋଜା ଖୋଜି କରୁଥିଲେ ବି କିଛି ଖୋଜ ଖବର ମିଳି ନାହିଁ । ଲମତାପୁଟ ବ୍ଲକର ତୁସବା ପଂଚାୟତର ମସ୍ତିପୁଟ ଗ୍ରାମର ଶାନ୍ତି ହନ୍ତାଳ ଜୟପୁର କୁମ୍ଭାର ସାହିରେ ମାମୁ ଘରେ ରହି ସହରର ଏକ କଲେଜ ରେ ପଢୁଥିଲେ । ଆଜି ଗାଧୋଉ ଥିବା ସମୟରେ ଗୋଡ ଖସି ଯାଇଥିବା ସ୍ଥାନାୟ ବାସିନ୍ଦା ସୁଚନା ଦେଇଛନ୍ତି ।

# ପବିତ୍ର ଅଁଳା ନବମୀରେ ଶ୍ରୀରାଧାଙ୍କ ପାଦଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ସାକ୍ଷିଗୋପାଳ ,୩/୧୧ (ନି.ପ୍ର): ପବିତ୍ର କାର୍ତିକ ମାସ ଶୁକ୍ଲପକ୍ଷ ନବମୀ ତିଥି ଓ ପବିତ୍ର ଅଁଳା ନବମୀରେ ଆଜି ଶ୍ରୀରାଧାଙ୍କ ପାଦ ଦର୍ଶନ କରିଛନ୍ତି ଶ୍ରଦ୍ଧାଳୁ । ଏହି ବିଶେଷ ତିଥିରେ ଶ୍ରୀକୃଷ୍ଣଙ୍କ ନଟବର ବେଶ ଓ ମା ରାଧାରାଣୀଙ୍କ ଓଡ଼ିଆଣୀ ବେଶ ଦର୍ଶନ ସାଙ୍ଗକୁ ପାଦଦର୍ଶନ ପାଇଁ ରାଜ୍ୟର ପ୍ରମୁଖ ବୈଷ୍ଣବ କ୍ଷେତ୍ର ସାକ୍ଷୀଗୋପୀନାଥଙ୍କ ପୀଠରେ ଲକ୍ଷାଧିକ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଦୀର୍ଘ ୨ ବର୍ଷର କରୋନା କଟକଣା ପରେ ଚଳିତ ବର୍ଷ ଭକ୍ତମାନେ ଏହି ଦୁର୍ଲ୍ଲଭ ବେଶ ଦର୍ଶନର ସୁଯୋଗ ପାଇଛନ୍ତି। ଭକ୍ତ ମାନେ ଘଂଟା ଘଂଟା ଧରି ଧାଡିରେ ପ୍ରତୀକ୍ଷା ପୂର୍ବକ ମା ରାଧାରାଣୀଙ୍କ ପାଦ ଦର୍ଶନ କରିଛନ୍ତି । ଭକ୍ତ ମାନେ ବ୍ୟାରିକେଡ୍ ଦେଇ ଯାଇ ସିଂହଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି। ସେହିପରି ଭିଆଇପି ପାସ୍ ଧାରୀ ମାନେ ଦକ୍ଷିଣ ଦ୍ୱାରରେ ପ୍ରବେଶ ପୂର୍ବକ ଦର୍ଶନ ଓ ବେଢ଼ା ପରିକ୍ରମା କରି ଉତର ଦ୍ୱାରରେ ପ୍ରସ୍ଥାନ କରୁଛନ୍ତି । କାର୍ତିକ ମାସ ଶୁକ୍ଲ ପକ୍ଷ ନବମୀ ତିଥିରେ ଜଗଦ୍ଧାତ୍ରୀଙ୍କ ପୂଜା, ଶ୍ରୀ ରାଧାଙ୍କ ପାଦ ଦର୍ଶନ, ବେଢ଼ା ପରିକ୍ରମା ଓ ମନ୍ଦିର ବେଢ଼ାରେ ଥିବା ଅଁଳା ବୃକ୍ଷ ମୂଳେ ପୂଜାର୍ଚ୍ଚନା କଲେ ଅଶେଷ ପୂର୍ଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଅବସରରେ ସାକ୍ଷୀଗୋପୀନାଥଙ୍କୁ ନଟବର ବେଶରେ ଓ ଶ୍ରୀ ରାଧାଙ୍କୁ ଓଡ଼ିଆଣୀ ବେଶରେ ସଜ୍ଜିତ କରାଯାଇଥିଲା । ଏହି ବେଶରେ ଶ୍ରୀକୃଷ୍ଣଙ୍କୁ ସୁବର୍ଣ୍ଣ ମୁକୁଟ, ସୁବର୍ଣ୍ଣ ବଂଶୀ, କୁଣ୍ଡଳ, ହୀରା ମୁଦି ଆଦି ଆଭୂଷଣ ଲାଗି ହୋଇଛି। ସେହିପରି ଶ୍ରୀ ରାଧାଙ୍କୁ ସୁବର୍ଣ୍ଣ କିରଟୀ, ପାଉଁଜି, ଗୁଣା, ଚନ୍ଦ୍ରହାର, ଶିକୁଳି, ଖଡୁ, ନୋଥ ଏବଂ ଅଁଳା ମାଳ, ପୋହଳା ମାଳ ଆଦି ଆଭୂଷଣ ଲାଗି ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ମାଙ୍କ ପାଦପଦ୍ମ ବର୍ଷସାରା ଆବୃତ ରହିଥାଏ । ଆଜିର ଏହି ବିଶେଷ ତିଥିରେ ମାଙ୍କ ଓଡ଼ିଆଣୀ ବେଶ ଦର୍ଶନ ସାଙ୍ଗକୁ ଭକ୍ତଙ୍କୁ ପାଦ ଦର୍ଶନର ସୌଭାଗ୍ୟ ମିଳିଥାଏ। ଆଜିର ଏହି ବିଶେଷ ନୀତିକାନ୍ତି ପାଇଁ ରାତି ୧ଟାରେ ମନ୍ଦିର ଦ୍ୱାରଫିଟା, ୧ଟା ୩୦ରେ ମଙ୍ଗଳଆଳତୀ, ରାତି ୧ଟା ୩୦ ରୁ ୩ଟା ମଧ୍ୟରେ ବେଶ, ମଇଲମ, ମର୍ଦ୍ଦନ, ଅବକାଶ ଏବଂ ନଟବର ବେଶ ସମ୍ପନ୍ନ ହୋଇଥିଲା । ରାତି ୩ଟାରୁ ଭୋର୍ ସାଢ଼େ ୪ଟା ମଧ୍ୟରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ବଲ୍ଲଭ, ସକାଳ ଧୂପ, ବାଳଧୂପ ନୀତି ସମ୍ପନ୍ନ ହୋଇଥିଲା। ଭୋର୍ ସାଢ଼େ ୫ଟା ଠାରୁ ସକାଳ ୬ଟା ପର୍ଯ୍ୟନ୍ତ ମନ୍ଦିର କର୍ମଚାରୀ ଓ ସେବାୟତ ପରିବାର ଦର୍ଶନ କରିଥିଲେ । ସକାଳ ୬ଟା ଠାରୁ ରାତି ପ୍ରାୟ ସାଢ଼େ ୧୧ଟା ପର୍ଯ୍ୟନ୍ତ ସାହାଣମେଳା ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା । ରାତି ସାଢ଼େ ୧୧ଟା ପରେ ପରବର୍ତି ଦେବନୀତି ଆରମ୍ଭ ହୋଇଥିଲା ଏବଂ ପହୁଡ଼ ପଡିଥିବା ଶ୍ରୀ ଶ୍ରୀ ସାକ୍ଷୀଗୋପାଳ ସେବାୟତ ସଂଘ ସୂତ୍ରରୁ ପ୍ରକାଶ । ଏହା ବ୍ୟତୀତ ପଂଚସଖା ପଡିଆରେ ବିଭିନ୍ନ ପ୍ରକାର ଫୁଡ୍, ଅନ୍ୟାନ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି । ଭଳିକି ଭଳି ଦୋଳି ନିକଟରେ ପିଲାଙ୍କ ଭିଡ଼ ଲାଗିଛି । ପଚଂସଖା ମୁକ୍ତାକାଶ ରଙ୍ଗମଂଚରେ ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଶ୍ରୀରାଧା ଉତ୍ସବ - ୨୦୨୨ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଛନ୍ତି । ହାଲକା ହାଲକା ଶୀତ ସାଙ୍ଗକୁ ସଙ୍ଗୀତର ମୂର୍ଚ୍ଛନା ଦର୍ଶକଙ୍କୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।

# କାଳୀପୂଜା ଭସାଣି ଉତ୍ସବ: ବାଜାରେ ଦୁଲୁକିଲା ଭୁବନ

ଭୁବନ ,୩/୧୧ (ନି.ପ୍ର): ଗତ ୨୪ ତାରିଖ ସୋମବାର ରାତିରୁ କାଳୀବଜାର ଓ ସିନେମାହଲ ଛକ(ଅରାସାହି)ରେ ଶକ୍ତିସ୍ୱରୂପିଣୀ, ଅଭୟଦାୟିନୀ, ଦୁଷ୍ଟନିବାରିଣୀ ମା କାଳୀଙ୍କ ପୂଜାର୍ଚ୍ଚନା କରାଯାଇ ଆଜି ଅପରାହ୍ନରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବାଜା ବାଣରେ ସମଗ୍ର ଭୁବନ କମ୍ପିଥିଲା। କାଳୀବଜାର ବଣିକ ସଂଘ ଓ ସିନେମାହଲ ଛକ (ଅରାସାହି) କାଳୀମେଢ ଅପରାହ୍ନ ୪ ଘଟିକା ସମୟରେ ନିଜନିଜର ଆସ୍ଥାନ ରୁ ମ୍ୟୁଜିକ ଗ୍ରୁପ, ଭାଙ୍ଗଡା ଢୋଲ ବାଦ୍ୟ, ଲଉଡିବାଡି, ଲୋକକଳା, ସଂକୀର୍ତନ ସହିତ ଶୋଭାଯାତ୍ରାରେ ବାହାରି ନୂଆବଜାର, ଗଣେଶବଜାର, ଗୁଜୁରୀହାଟ, ଦୁର୍ଗାଛକ, ଲକ୍ଷ୍ମୀଛକ, ବଣିଆସାହି, ରାଉତସାହି, ବେହେରା ସାହି, ବାଜିଛକ, ବଡହାଟ ଦେଇ ସହର ପରିକ୍ରମା କରିଥିଲା। କାଳୀବଜାର ବଣିକ ସଂଘ ସଭାପତି ସମୀର କୁମାର ସାହୁ ଙ୍କ ନେତୃତ୍ୱରେ ସମସ୍ତ ବ୍ୟବସାୟୀ ଭାଇମାନେ ସାମିଲ ହୋଇଥିବା ବେଳେ ସିନେମାହଲ ଛକ (ଅରାସାହି) ସଭାପତି ସନ୍ତୋଷ କୁମାର ପୋଥାଳଙ୍କ ନେତୃତ୍ୱରେ ସାହିଭାଇଙ୍କ ସହଯୋଗରେ ଶୃଙ୍ଖଳାର ସହ ଭସାଣିଯାତ୍ରା ଅନୁଷ୍ଠିତ ହେଉଛି ।

# ସାନଘାଗରା ଜଳପ୍ରପାତ

ପ୍ରାକୃତିକ ଶୋଭାରେ ପରିପୂର୍ଣ୍ଣ କେନ୍ଦୁଝର ଜିଲା । ପ୍ରକୃତି ଯେପରି ଗୋଟିଗୋଟି କରି ଶୋଭାର ଭଣ୍ଡାର ଏଠାରେ ସଜାଇ ରଖିଛି । ଏଗୁଡ଼ିକ ମଧ୍ୟରୁ ଅନ୍ୟତମ ସାନଘାଗରା ଜଳପ୍ରପାତ । ବଣଭୋଜି ସମୟ ଆରମ୍ଭ ହେବା ମାତ୍ରେ ଅନେକଙ୍କର ପ୍ରଥମ ପ୍ରସନ୍ଦ ପାଲଟେ ସାନଘାଗରା ଜଳପ୍ରପାତ । ଓଡ଼ିଶାର ଉତ୍ତର ସୀମାରେ ପଡ଼ୋଶୀ ଝାଡ଼ଖଣ୍ଡକୁ ଲାଗି ସମୁଦ୍ର ପତ୍ତନଠାରୁ ହାରାହାରି ୪୮୦ ମିଟର ଉଚ୍ଚରେ ଅବସ୍ଥିତ କେନ୍ଦୁଝର ଜିଲା । ରାଜଧାନୀ ଭୁବନେଶ୍ୱରଠାରୁ ସଡ଼କ ପଥରେ ପ୍ରାୟ ୨୩୫ କିଲୋମିଟର ଏବଂ ଯାଜପୁର କେନ୍ଦୁଝର ରେଳଷ୍ଟେସନଠାରୁ ୧୧୫ କିଲୋମିଟର ଦୂର ହୋଇଥିବା ବେଳେ ଯାଜପୁର ରୋଡ଼ଠାରୁ ୩୦ କିଲୋମିଟର ଦୂରରେ ଏହି ଜିଲ୍ଲା ଅବସ୍ଥିତ । ୧୧୫ ନମ୍ବର ଜାତୀୟ ରାଜପଥରେ ଗଲେ ପଡ଼େ ଆନନ୍ଦପୁର ଉପଖଣ୍ଡ । ଜିଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୀଠ ଘଟଗାଁ । ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ସୁଉଚ୍ଚ ଜଳପ୍ରପାତ ଦେଖିବାଲାଗି କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ବର୍ଷ ତମାମ ଛୁଟିଥାଏ ।





### ଅବସ୍ଥିତି :

ଜିଲା ମୁଖ୍ୟାଳୟଠାରୁ ମାତ୍ର ୫କିମି ଦୂରରେ ଥିବା ୪୯ ନଂ ଜାତୀୟ ରାଜପଥକୁ ଲାଗି ୩୧ମି ଉଚ୍ଚତା ବିଶିଷ୍ଟ ସାନଘାଗରା ଜଳପ୍ରପାତ ବୁଲି ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କ ସୁଅ ଛୁଟି ଥାଏ । ଘଞ୍ଚ ବଣପାହାଡ଼ ଘେରା ସାନଘାଗରାର ଶିଶୁପାର୍କ, ଗୋଲାପ ଉଦ୍ୟାନ, ବୋଟିଂ ସୁବିଧା ତଥା ଚତୁଃପାରର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ପିକନିକ୍ ଋତୁରେ ପ୍ରବଳ ଗହଳି ଜମେ । ପର୍ଯ୍ୟଟକଙ୍କ ସହିତ ପ୍ରକୃତିପ୍ରେମୀ, ସାହିତ୍ୟିକ ଓ କବିମାନେ ବି ଏଠାକାର ଆକର୍ଷଣ ଏଡାଇ ପାରନ୍ତି ନାହିଁ । ପ୍ରାକୃତିକ ଶୋଭା ମଧ୍ୟରେ ପ୍ରାୟ ୧୦୦ଫୁଟ ଉଚ୍ଚରୁ ସ୍ତରସ୍ତର ହୋଇ ଆସୁଥିବା ଏଇ ପ୍ରପାତ ନିକଟରେ ଏକାଧିକ ଚଳଚ୍ଚିତ୍ରର ଫଟୋ ଉତ୍ତୋଳନ ସ୍ଥାନ ଭାବେ ପରିଚିତ । ପର୍ଯ୍ୟଟନରେ ଆସିଥିବା ଶିଶୁମାନଙ୍କର ମଧ୍ୟ ମନୋରଞ୍ଜନ ଏବଂ ସୁବିଧା ପାଇଁ ସାନ ଘାଗରାରେ ବଣଭୋଜିର ବ୍ୟବସ୍ଥା କରାଯାଇଥାଏ ।

### ଦର୍ଶନୀୟ ସ୍ଥାନ :

ଏହାର ନିକଟବର୍ତ୍ତୀ ଏକାଧିକ ପର୍ଯ୍ୟଟନସ୍ଥଳ ରହିଛି । ତେଣୁ ଇଚ୍ଛା କଲେ ବଡ଼ ଘାଗରା, ଷୋଡ଼ଶ ଶତାବ୍ଦୀର ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ରାଜବାଟୀ, ସିଦ୍ଧମଠ, କେନ୍ଦୁଝର ରାଜାଙ୍କ ବିରାଟ ଦରବାର ହଲ ଗୋନାସିକା, ମା ତାରିଣୀଙ୍କ ମନ୍ଦିର ସୀତାବିଞ୍ଜ ,ବଂ ଖଣ୍ଡାଧାର ଜଳପ୍ରପାତ ମଧ୍ୟ ଦେଖିବାକୁ ଯାଇପାରିବେ । ଏ ସମସ୍ତ ସ୍ଥାନ କେନ୍ଦୁଝରଠାରୁ ୩୦ରୁ ୫୦କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।





### କେମିତି ଯିବେ :

ଉଭୟ ସଡକ ଏବଂ ରେଳପଥରେ ଏଠାକୁ ଯିବା ସହଜ । ବିଭିନ୍ନ ଅଞ୍ଚଳରୁ ଏଠାକୁ ବସସେବା ରହିଥିବା ବେଳେ ରେଳଷ୍ଟେସନରୁ ସାନଘାଗରା ମୋଟ ୮କିଲୋମିଯର ଦୂର । ଷ୍ଟେସନରୁ କେନ୍ଦୁଝର ୩କିଲୋମିଟର ଏବଂ କେନ୍ଦୁଝରରୁ ଘାଗରାର ଦୂରତ୍ୱ ୫କିଲୋମିଟର ।

### କେଉଁଠି ରହିବେ :

ପାନ୍ଥ ନିବାସ (ସାନଘାଗରାଠାରୁ୨ କିଲୋମିଟର), ପ୍ରକୃତି ନିବାସ (ବନ ନିବାସ ପକ୍ଷରୁ ଅନଲାଇନ ବୁକିଂ) । ଏହା ବ୍ୟତୀତ କେନ୍ଦୁଝରରେ ଏକାଧିକ ହୋଟେଲର ସୁବିଧା ଉପଲବ୍ଧ ।



# କଦଳୀ କଳା ନ ପଡ଼ି ନଷ୍ଟ ନହେବାର ଉପାୟ ଜାଣିଛନ୍ତି କି ?

କଦଳୀ ହେଉଛି ଏମିତି ଏକ ଫଳ ଯାହା ପ୍ରତି ଋତୁରେ ମିଳିଥାଏ । ଫାଇବର, ଭିଟାମିନ୍, ମିନେରାଲସ ଭରପୁର ଥିବା କଦଳୀରେ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ। କଦଳୀରେ, ଆଣ୍ଟିଅକ୍ସିଡାଣ୍ଟ, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣରେ ଥାଏ, ଯାହା କିଡନୀ, ହୃତପିଣ୍ଡ ଏବଂ ହଜମ ପ୍ରକ୍ରିୟା ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଭଳି ପରିସ୍ଥିତିରେ କିଛି ଲୋକ ନିୟମିତ ଭାବରେ କଦଳୀ ଖାଇଥା'ନ୍ତି। ଅବଶ୍ୟ, ପାଚିଲା କଦଳୀ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରହେ ନାହିଁ ଏବଂ ଗ୍ରୀଷ୍ମ ଋତୁରେ କିମ୍ବା ଗରମ ତାପମାତ୍ରାରେ କଦଳୀ ଅତି ଶୀଘ୍ର ପଚିବାକୁ ଲାଗିଥାଏ । ଏଭଳି ପରିସ୍ଥିତିରେ କଦଳୀକୁ କିଭଳି ସତେଜ ରଖିହେବ, ସେନେଇ ଆମେ ଆପଣଙ୍କୁ କିଛି ଉପାୟ କହିବୁ । ଆଜି କିଛି ଏଭଳି ଟିପ୍ସ ବିଷୟରେ କହିବାକୁ ଯାଉଛୁ, ଯାହା ଦ୍ୱାରା ଆପଣ ଏକ ସପ୍ତାହ ପର୍ଯ୍ୟନ୍ତ କଦଳୀକୁ ସତେଜ ରଖିପାରିବେ ।

**ଫଏଲ୍ ବ୍ୟବହାର କରନ୍ତୁ**

କଦଳୀକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରଖିବା ପାଇଁ ଆପଣ ଫଏଲ୍ ପେପର ବ୍ୟବହାର କରିପାରିବେ । ଏଥିପାଇଁ ଏକ ଫଏଲ୍ କାଗଜ ନିଅନ୍ତୁ ଏବଂ ଏହାକୁ କଦଳୀ ଉପରେ ଗୁଡ଼ାଇ ରଖନ୍ତୁ । ଏହା ଦ୍ୱାରା କଦଳୀ ଶୀଘ୍ର ନଷ୍ଟ ହୁଏ ନାହିଁ ।

**ହ୍ୟାଙ୍ଗରରେ ଝୁଲାଇ ରଖନ୍ତୁ**

କଦଳୀଗୁଡିକ ଶୀଘ୍ର ନଷ୍ଟ ନହେବା ପାଇଁ ଆପଣ ଏକ ହ୍ୟାଙ୍ଗର୍ ବ୍ୟବହାର କରିପାରିବେ । ଏଥିପାଇଁ କଦଳୀକୁ ହ୍ୟାଙ୍ଗରରେ ଟାଙ୍ଗନ୍ତୁ । ଏହା କଦଳୀକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସତେଜ ରଖିବ । ସେହି ସମୟରେ, ଯଦି ଆପଣ ସେଗୁଡିକୁ ତଳେ ରଖନ୍ତି, ତେବେ ତାହା ଶୀଘ୍ର ନଷ୍ଟ ହୋଇଯିବ ।

**ଭିଟାମିନ୍ ସି ଟାବଲେଟ୍ ବ୍ୟବହାର କରନ୍ତୁ**

କଦଳୀକୁ ସତେଜ ରଖିବାରେ ଭିଟାମିନ୍ ସି ଟାବଲେଟ୍ ମଧ୍ୟ ପ୍ରଭାବଶାଳୀ । ଏଥିପାଇଁ ଭିଟାମିନ୍ ସି ଟାବଲେଟକୁ ପାଣିରେ ଭିଜାଇ ରଖନ୍ତୁ ଏବଂ ତା'ପରେ କଦଳୀକୁ ସେହି ପାଣିରେ ଭିଜାନ୍ତୁ । ଏହା ଦ୍ୱାରା କଦଳୀ ଶୀଘ୍ର ନଷ୍ଟ ହେବ ନାହିଁ ।




# ଦୁନିଆର ସବୁଠାରୁ ଦାମୀ ପାଣି ବୋତଲ: ଦାମ ଶୁଣିଲେ ହୋଇଯିବେ ଆଶ୍ଚର୍ଯ୍ୟ...



ଜଳ ହିଁ ଜୀବନ, ଏ କଥା ଆମେ ସମସ୍ତେ ଜାଣିଛେ । ପାଣି ଆମକୁ ସବୁ ସ୍ଥାନରେ ମିଳିଥାଏ। ହେଲେ ଅନେକ ଲୋକ ବିଭିନ୍ନ ବ୍ରାଣ୍ଡର ପାଣି ପିଇବାକୁ ପସନ୍ଦ କରନ୍ତି । ଆଜି ଆମେ ଆପଣଙ୍କୁ ଏମିତି ଏକ ପାଣି ବୋତଲ ବ୍ରାଣ୍ଡ ନାଁ କହିବୁ ଯାହାର ମୂଲ୍ୟ ଲକ୍ଷାଧାକ ଟଙ୍କା । ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ବି ପୂରା ସତ । ଏହି ପାଣି ବୋତଲର ଦାମ ଏତେ ଟଙ୍କା ଯେ ଏଥିରେ ଆପଣ ଚାହିଁଲେ ଏକ ମର୍ସେଡିସ କାର କିଣିପାରିବେ ।

ଏହି ପାଣି ବୋତଲର ନାଁ ହେଉଛି ଆକ୍ୱା କ୍ରିଷ୍ଟାଲୋ ଟ୍ରିବିଟୋ ଏ ମୋଡିଗ୍ଲିଆନି । ଫ୍ରାନ୍ସରେ ମାଟିର ଅନେକ ଗଭିରତାରୁ ଏହି ପାଣି ସଂଗ୍ରହ କରାଯାଇଥାଏ । ଏହାର ପ୍ୟାକିଂରେ ବହୁତ ଟଙ୍କା ଖର୍ଚ୍ଚ ହୋଇଥାଏ । ଏହାର ସ୍ୱାଦ ମଧ୍ୟ ସବୁ ପାଣିଠାରୁ ଭିନ୍ନ ହୋଇଥାଏ।

ଏହି ପାଣି ବୋତଲରେ ୧ ଲିଟର ପାଣି ବି ରହିନଥାଏ, ଏହି ବୋତଲରେ ୭୫୦ ମିଲି ଲିଟର ପାଣି ରହିଥାଏ । ଆଉ ଏହାର ଦାମ ହେଉଛି ୪୫ ଲକ୍ଷ ଟଙ୍କା । ଏକ ରିପୋର୍ଟ ଅନୁସାରେ ଏହି ଭିନ୍ନ ଧରଣର ପାଣି ରହୁଥିବା ବୋତଲ ୨୪ କ୍ୟାରେଟ ସୁନାରେ ତିଆରି ହୋଇଥାଏ ।

ଏହି ପାଣି ବୋତଲ ଦାମୀ ହେବାର ଅନେକ କାରଣ ରହିଛି । ପ୍ରଥମ କାରଣ ହେଉଛି ଏହି ସୁନାର ବୋତଲ । ଆଉ ଏହି ପାଣି ବୋତଲକୁ ତିଆରି କରିଛନ୍ତି ଦୁନିଆର ପ୍ରତିଷ୍ଠିତ ବୋତଲ ଡିଜାଇନର ଫର୍ନାଡୋ ଅଲତାମିରାନୋ । ଏହାଛଡା ଏହି ପାଣି ଅନ୍ୟ ପାଣିଠାରୁ ଅଧିକ ଏନର୍ଜି ମଧ୍ୟ ଦେଇଥାଏ ।

## ଅଦରକାରୀ ଉପକାର ଦେବ

ଅସରପା ସମସ୍ୟା ପ୍ରାୟତଃ ପ୍ରତ୍ୟେକ ଘରେ ଥିବ । ଏଥିରୁ ମୁକ୍ତି ପାଇବା ଲାଗି ବଡ଼ ଚାମଚରେ ୨ଚାମଚ ଲେଖାଏ ବୋରିକ୍ ପାଉଡର ଏବଂ ଗହମ ଅଟା ନେଇ ଏଥିରେ କ୍ଷୀର ମିଶାଇ ଚକଟିଦେବେ । ଏହାର ଛୋଟଛୋଟ ଗୁଳା କରି ଅସରପା ହେଉଥିବା ସ୍ଥାନରେ ରଖିଦିଅନ୍ତୁ ।

ବହି ଥାକରେ କିଛି ଶୁଖିଲା ନିମପତ୍ର ରଖିଦେଲେ ପୋକ ଲାଗିବେନି । ଚନ୍ଦନ କାଠ ବି ସେଠାରେ ରଖିପାରନ୍ତି । ଘରେ ବେଶୀ କଳାପିମ୍ପୁଡ଼ି ହେଉଥିଲେ ସେସବୁ ଜାଗାରେ ଅଳ୍ପ ଅଟା, ଚିନି ଏବଂ ହଳଦି ମିଶାଇ ପକାଇ ଦିଅନ୍ତୁ । ପିମ୍ପୁଡ଼ି ପଳାଇବେ ।

# ଘରୋଇ ଉପାୟରେ କରନ୍ତୁ କେଶ ସିଧା

ଆପଣ ଯଦି କୌଣସି ପାର୍ଟି ଉତ୍ସବକୁ ଯାଉଛନ୍ତି ଏବଂ ଚାହୁଁଛନ୍ତି ଆପଣଙ୍କର କେଶ ବି କୌଣସି ହିରୋଇନ୍‌ଙ୍କ କେଶ ଭଳି ଚିକ୍କଣ ଓ ସିଧା ଦେଖାଯାଉ ବୋଲି ତେବେ ଚିନ୍ତା କରନ୍ତୁ ନାହିଁ। କାହିଁକି ନା, ଆଜି ଆମେ ଆପଣଙ୍କୁ ପାର୍ଲର ନ ଯାଇ ବିନା କୌଣସି କେମିକାଲ୍ ବ୍ୟବହାର ନ କରି ଘରୋଇ ଉପାୟ ଦ୍ୱାରା କେଶକୁ କିପରି ଚିକ୍କଣ ଓ ସିଧା କରାଯାଇପାରିବ ସେହି ବିଷୟରେ ଜଣାଇବୁ। ଆସନ୍ତୁ ଜାଣିବା ଏହା ବିଷୟରେ।

**ଆବଶ୍ୟକୀୟ ସାମଗ୍ରୀ:**

୧- ୧୦ ଚାମଚ ଏଲୋଭରା ଜେଲ୍

୨-୧ ଚାମଚ ନଡ଼ିଆର ତେଲ

**ପ୍ରସ୍ତୁତି :** ପ୍ରଥମେ ଆପଣ ଏଲୋଭରାରୁ ତାହାର ଭିତର ଅଂଶର ଜେଲ୍‌କୁ ବାହାର କରି ତାହାକୁ ଗ୍ରାଇଣ୍ଡର ସାହାଯ୍ୟରେ ଭଲକରି ପେସିଦିଅନ୍ତୁ। ଏହାପରେ ଆପଣ ଏକ ପାତ୍ରରେ ଏଲୋଭରା ଜେଲ୍‌ର ୧୦ ଚାମଚ ଏବଂ ଏକ ଚାମଚ ନଡ଼ିଆ ତେଲକୁ ଆଣି ତାହାକୁ ଭଲଭାବରେ ୨ରୁ ୩ ମିନିଟ୍ ପଯ୍ୟର୍ନ୍ତ ଫେଣ୍ଟି ଦିଅନ୍ତୁ। ଏଥିସହିତ ଆପଣ ଆପଣଙ୍କ କେଶର ମୂଳରୁ ଅଗ ପର୍ଯ୍ୟନ୍ତ ଭଲ ଭାବରେ ଏହାକୁ ଲଗାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମାଲିସ୍ କରନ୍ତୁ। ଏହାପରେ ଆପଣ ଏହାକୁ ୧ ଘଣ୍ଟା ପର୍ଯ୍ୟନ୍ତ ରଖି କେଶକୁ ଥଣ୍ଡାପାଣି ସାହାଯ୍ୟରେ ଧୋଇଦିଅନ୍ତୁ। ଏହାପରେ ଆପଣ ନିଜେ ହିଁ ଅନୁଭବ କରିବେ କି କିଭଳି ଭାବରେ ଆପଣଙ୍କ କେଶ ପୂର୍ବାପେକ୍ଷା ସିଧା, ସୁନ୍ଦର, ଚିକ୍କଣ ଏବଂ ନରମ ହୋଇଯାଇଅଛି। ଆଉ ଯଦି ଆପଣ ଏହାର ଭଲ ଫଳାଫଳ ପାଇବାକୁ ଚାହୁଁଛନ୍ତି ତ, ତେବେ ଆପଣଙ୍କୁ ଏହି ଉପାୟର ଉପଯୋଗକୁ ନିରନ୍ତର ଭାବରେ ୧୦ ଦିନ ପର୍ଯ୍ୟନ୍ତ କରିବାକୁ ପଡ଼ିବ।



# ମା'ର ଅବସାଦ ପିଲାର ମସ୍ତିଷ୍କ ବିକାଶରେ ବାଧକ

ଗର୍ଭାବସ୍ଥା କିମ୍ବା ତାପରେ ମହିଳାଙ୍କଠାରେ ଅବସାଦ ଲକ୍ଷଣ ରହିଲେ, ଶିଶୁର ମସ୍ତିଷ୍କ ବିକାଶ ବାଧାପ୍ରାପ୍ତ ହୁଏ । ମା'ଠାରେ ଏହି ଲକ୍ଷଣ ଥିଲେ, ପିଲାର ମସ୍ତିଷ୍କର ବାହ୍ୟ ପରସ୍ତର ଘନତ୍ୱ ହ୍ରାସ ପାଏ ବୋଲି ଅଧ୍ୟନରୁ ଜଣାପଡ଼ିଛି । ଗବେଷଣାରେ ଉଭୟ ଗର୍ଭାବସ୍ଥା ଓ ମାତୃତ୍ୱ ପରେ ମହିଳାଙ୍କ ମାନସିକ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିବା କାନାଡ଼ାର ଆଲବର୍ଟା ସ୍ଥିତ କାଲଗାରୀ ୟୁନିଭର୍ସିଟିର ମୁଖ୍ୟ ଗବେଷକ କ୍ୟାଥେରିନ ଲେବେଲ କହିଛନ୍ତି । ଜୀବନର ଜଟି ସୋପାନରେ ପିଲାର ମସ୍ତିଷ୍କ ବିକାଶ ଉପରେ ମାର ମୁଡ୍ ପ୍ରଭାବ ପକାଇପାରେ । ଗର୍ଭାବସ୍ଥା ଓ ମାତୃତ୍ୱ ସମୟରେ ୧୮ ପ୍ରତିଶତ ମହିଳା ଅବସାଦର ଶିକାର ହୋଇଥାନ୍ତି, ଯାହା ସେମାନଙ୍କ ପିଲାର ମସ୍ତିଷ୍କ ଉପରେ କୁପ୍ରଭାବ ପକାଇଥାଏ । ଅଧ୍ୟନ ପାଇଁ ଗବେଷକମାନେ ୫୨ ମହିଳାଙ୍କ ଗର୍ଭାବସ୍ଥା ଓ ମାତୃତ୍ୱ ପରର



# ଠିଆହୋଇ ଖାଇଲେ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଯାଏ

ଏକ ଅଧ୍ୟନରୁ ଜଣାପଡ଼ିଛି, ଠିଆ ହୋଇ ଖାଇବା ଦ୍ୱାରା ଶାରୀରିକ ଜାପ ବୃଦ୍ଧିପାଏ ଓ ସ୍ୱାଦ ଗ୍ରନ୍ଥି ନିଷ୍କ୍ରିୟ ହୋଇଥାଏ । 'କଂକୁମର ରିସର୍ଚ୍ଚ' ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ନୁସାରେ, ବ୍ୟକ୍ତି ଶରୀରର ମୁଦ୍ରା ଦ୍ୱାଦ ଧାରଣା ଉପରେ ପ୍ରଭାବ ପକାଏ ଏବଂ ଚଟାଣରେ ବସି ଖାଇବା ସମୟରେ ଖାଦ୍ୟର ସ୍ୱାଦ ଅପେକ୍ଷାକୃତ ଭଲଭାବେ ଅନୁଭବ ହୋଇଥାଏ । ଗବେଷକମାନେ ନିର୍ଦ୍ଦିଷ୍ଟ ଭାବେ ଭେଷ୍ଟିବୁଲାର ସେନ୍ସ ଉପରେ ଫୋକସ କରିଥିଲେ, ଯାହା ଶରୀରର ଭାରସାମ୍ୟ, ମୁଦ୍ରା ଉପରେ ଆଧାରିତ । ଏହା ସ୍ୱାଦକୁ ପ୍ରଭାବିତ କରୁଥିବା ସ୍ୱାଦ ସମ୍ବେଦନ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ବେଳେବେଳେ ମା ବାପା ପିଲାକୁ ବିଭିନ୍ନ ମୁଦ୍ରାରେ ତିକ୍ତ ଖାଦ୍ୟ ବା ଔଷଧ ଖୁଆଇଥାନ୍ତି । ଅଧ୍ୟନ ଅନୁସାରେ, ଏହା ଦ୍ୱାରା ମାଧ୍ୟକର୍ଷଣ ଶକ୍ତି ଯୋଗୁ ଶରୀରର ନିମ୍ନ ଭାଗକୁ ରକ୍ତ ଠେଲିହୋଇଯାଏ । ଫଳରେ ହୃତସ୍ପନ୍ଦନ ମାତ୍ରା ବଢ଼ିଯାଏ ଏବଂ ଶରୀରର ଶୀର୍ଷକୁ ରକ୍ତ ଫେରିଆସେ । ଏହି କାର୍ଯ୍ୟକଳାପ ଦ୍ୱାରା ଚାପ ହର୍ମୋନ କୋର୍ଟିସୋଲ ସ୍ତର ବୃଦ୍ଧିପାଏ ।


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଚେତନତା ଆବଶ୍ୟକ...

ଦୁର୍ନୀତିରେ ଲିପ୍ତ ଅଧିକାରୀ ଓ କର୍ମଚାରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ରାଜ୍ୟ, ଦେଶ କିମ୍ବା ବିଶ୍ୱରେ ଯେଉଁଠି ହେଉ, ହାତ ମାରିଲେ ଦୁର୍ନୀତିର ଗନ୍ଧ ମିଳିବ । ସମସ୍ତଙ୍କୁ ଦୁର୍ନୀତିଗ୍ରସ୍ତ ବୋଲି କହିହେବ ନାହିଁ । ମାତ୍ରାଧିକ ଧନ-ସମ୍ପତ୍ତି, ଜମିବାଡ଼ି ଓ ଗହଣା ଗାଣ୍ଠି ଆହରଣ ଲାଳସା ମାତ୍ରାଧିକ ହେବାର କିଛି ଲୋକଙ୍କ ଭିତରେ ମାତ୍ରାଧିକ ହୋଇଯାଉଛି । ଏମାନେ ରାଷ୍ଟ୍ର ଓ ସମାଜର ଶତ୍ରୁ କିନ୍ତୁ ଏହି ସତ୍ୟକୁ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ସଂଖ୍ୟା ହାତଗଣତିରେ ଯାଉଛି । ନିୟମିତ ଉପାର୍ଜନରେ ସନ୍ତୁଷ୍ଟ ହୋଇନପାରି କତିପୟ ବ୍ୟକ୍ତି ଅମଡ଼ା ବାଟରେ ଚାଲିବାର ଅଭ୍ୟାସ କରୁ କରୁ ଧରା ପଡ଼ିଯାନ୍ତି । ପୂର୍ବ ଅପକର୍ମ ପାଇଁ ଜେଲ-ଜରିମାନା ଭୋଗିବା ଭିତରେ ସେମାନଙ୍କର ପଶ୍ଚାତାପ କରିବା ବେଳକୁ ନେଡ଼ି ଗୁଡ଼ କହୁଣିକୁ ବୋହିଯାଇଥାଏ । ଦେଶର ଅନ୍ୟ କ୍ଷେତ୍ର କଥା କଣ କହିବା, ଆମ ନିଜ ରାଜ୍ୟରେ ଅସଦୁପାୟରେ ଧନ ଅର୍ଜିବା ଲୋକମାନଙ୍କର ସଂଖ୍ୟା କମ୍ ନୁହେଁ । ଏହା ଭିତରେ ଦୁର୍ନୀତି ନିବାରଣ ବିଭାଗର ସୁପାରିସ ଆଧାରରେ ହୋଇଛି କାର୍ଯ୍ୟାନୁଷ୍ଠାନ । ଜଣ ଜଣ କରି ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୁର୍ନୀତିର ପ୍ରମାଣ ମିଳିବା ପରେ କରାଯାଇଥିବା ଶାସ୍ତି ବିଧାନର ଲମ୍ବା ଫର୍ଦ୍ଦ ସୂଚାଉଛି । କାହାର ହାତ କେତେ ଲମ୍ବା ୫-ଟି ଓ ମୋ' ସରକାର ଲୋକମାନଙ୍କୁ ସ୍ୱଚ୍ଛ ପ୍ରଶାସନ ଦେବା ନୀତି ବର୍ତ୍ତମାନ ପ୍ରଶାସନର ମାପଦଣ୍ଡ ହୋଇଛି । ଏହି ସମୟ ମଧ୍ୟରେ ସରକାର ୧୮୭ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିଛନ୍ତି, ଅଧିକଙ୍କ ବିରୋଧରେ ଦୁର୍ନୀତି-ବିରୋଧୀ ମ ବୁଲିବ । ଯେଉଁ ଅଧିକାରୀ ଓ କର୍ମଚାରୀମାନେ ଠେକି ଭିତରେ ମୁହଁ ପୂରାଇ ବିଲେଇ ଭଳି କ୍ଷୀର ପିଉଥିଲେ, ସେମାନଙ୍କୁ ଧରି ଜେଲ୍‌ରେ ଭର୍ତ୍ତି କରୁଛନ୍ତି, ସେଥିରୁ ଶିକ୍ଷା ନେଇ ଅନ୍ୟମାନେ ଚେତିବା ସକାଶେ ଏହା ସତର୍କବାଣୀ। । ଦିନକ ତଳେ ୮ ଅଧିକାରୀଙ୍କୁ ବିଦା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେମାନଙ୍କ ଭିତରୁ ୪ଜଣଙ୍କୁ ଚାକିରିରୁ ବିଦା କରାଯାଇଛି, ୪ଜଣଙ୍କୁ ଦିଆଯାଇଛି ବାଧ୍ୟତାମୂଳକ ଅବସର। ବର୍ତ୍ତମାନ ସୁଦ୍ଧା କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଭିତରେ କିଏ ଜେଲ କାଳକୋଠରିରେ ଦଣ୍ଡ ଭୋଗୁଛନ୍ତି ତ ଆଉ କାହାର ଅସଦୁପାୟରେ ଅର୍ଜିତ ଧନ ପୋଡ଼ି ପାଉଁଶ ହୋଇଯାଉଛି। ତାଜା ସୂଚନା କହୁଛି: କାର୍ଯ୍ୟାନୁଷ୍ଠାନ ହୋଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କ ଭିତରେ ଅଛନ୍ତି ଜଣେ ଅଧକ୍ଷଣ ଯନ୍ତ୍ରୀ, ଜଣେ ଡିଏସ୍‌ପି, ବିଡ଼ିଓ, ସିନିଅର ମ୍ୟାନେଜର, ଟ୍ୟାକ୍ସ କଲେକ୍ଟର, ସପ୍ଲାଏ ଇନ୍‌ସପେକ୍ଟର, ଦୁଇଜଣ ସହକାରୀ ଯନ୍ତ୍ରୀ ଓ ତିନିଜଣ କନିଷ୍ଠ ଯନ୍ତ୍ରୀ । ପୂର୍ବରୁ ଯେଉ ୧୭୩ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି, ସେମାନଙ୍କ ସହ ୧୪ଜଣଙ୍କୁ ମିଶାଇ ଏହି ସଂଖ୍ୟା ୧୮୭ ଛୁଇଁଲାଣି । ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କୁ ଲାଞ୍ଚ ଗ୍ରହଣ, କର୍ତ୍ତବ୍ୟରେ ଅବହେଳା ଭଳି ଗୁରୁତର ଧର୍ତ୍ତବ୍ୟ ଅପରାଧର ସୂଚନା ମିଳୁଥିଲା, ତାହା ପ୍ରମାଣିତ ହେବାପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉଥିବାର ଦେଖାଯାଉଛି । ଏହା କେବଳ ଆମ ରାଜ୍ୟରେ ହେଉଛି ତାହା ନୁହେଁ, ଯେଉଁ ସ୍ଥାନଗୁଡ଼ିକରେ ତଦନ୍ତକାରୀ ସଂସ୍ଥାମାନେ ଏଭଳି ସୁରାକ୍ ପାଉଛନ୍ତି, ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଉଥିବାର ଦେଖାଯାଉଛି । ତାହାରି ଭିତରେ ଦୁର୍ନୀତିବିରୋଧୀ ଅଭିଯାନ ଅଧିକ ଶାଣିତ ହେବାର ସମ୍ଭାବନା ରହିଥିବାରୁ ଆଗକୁ ସତର୍କ ରହିବାର ଆବଶ୍ୟକତା ରହିଛି । ଯେଉଁ ବ୍ୟକ୍ତି ଓ ଅଧିକାରୀ ଅବାଞ୍ଛିତ ଉଦାହରଣ ସୃଷ୍ଟି କରିଛନ୍ତି, ସେମାନଙ୍କ ଠାରୁ ଶିକ୍ଷାଲାଭ କରି ପରିଚାଳିତ ହେବା ବାଞ୍ଛନୀୟ । ଅଧିକାରୀ ଓ କର୍ମଚାରୀମାନଙ୍କ ଉପରେ ପ୍ରଶାସନର ସ୍ୱଚ୍ଛତା ନିର୍ଭର କରୁଛି । ପ୍ରଶାସନ ଯେତେ ସ୍ୱଚ୍ଛ ରହିବ, ସେଥିରେ ଅଧିକାରୀମାନଙ୍କର ଯୋଗଦାନ ଅବଶ୍ୟ ରହିବ । ସେହି ନୀତିରେ ବିଶ୍ୱାସ ରଖୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ସହକର୍ମୀମାନେ ପାଞ୍ଚପାଳିର ଶାସନ ତାଙ୍କୁ ଦୁର୍ଲଭ ଅନୁଭବ ଆଣିଦେଇଛି ଓ ଭବିଷ୍ୟତରେ ଅଧିକ ଅଭିଜ୍ଞତା ପାଇବାରେ ସହାୟକ ହେବ। ରାଜନୈତିକ କାର୍ଯ୍ୟକଳାପ ହେଉ କି ସାମାଜିକ ପ୍ରତିବଦ୍ଧତା, ସବୁଥିରେ । କେନ୍ଦ୍ର ସହିତ ସମୟ ରକ୍ଷା, ଆବଶ୍ୟକ ସ୍ଥଳେ ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ଅଧିକାର ସକାଶେ ଲଢ଼ି ବା ନୀତିରେ ବିଶ୍ୱାସ ରଖି ତାଙ୍କ ଦଳ ଏଯାବତ୍ ପାଞ୍ଚପାଳି ଶାସନ କରୁଛି । ବାସ୍ତବତା, ସଚେତନ ରହି ମୁଖ୍ୟମନ୍ତ୍ରୀ ସେ ଦିଗରେ ଅଗ୍ରସର ହେଉଥିବା ବେଳେ କଣ୍ଟା ସାଜିଥିବା ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ ସେ ଅବଶ୍ୟ କାର୍ଯ୍ୟାନୁଷ୍ଠାନ କରିବେ, ସେଥିନେଇ କାହାରି ମନରେ ତିଳେମାତ୍ର ସନ୍ଦେହ ରହିବା ଉଚିତ୍ ନୁହେଁ ।

## ଧର୍ମ-ସଂସ୍କୃତି-ପରଂପରାର ମାସ କାର୍ତ୍ତିକ



ଡକ୍ଟର ଲକ୍ଷ୍ମଣ ସାହୁ

ବର୍ଷର ବାରଟି ମାସ ଭିତରେ କାର୍ତ୍ତିକ ମାସଟି ଏକ ଧାର୍ମିକ ମାସ । ଏହି ମାସରେ ପଡୁଥିବା ପୂର୍ଣ୍ଣମା କାର୍ତ୍ତିକ ପୂର୍ଣ୍ଣମା ମଧ ରାସ ପୂର୍ଣ୍ଣମା ନାମରେ ଅଭିହିତ । ଅନ୍ୟ ପଟରେ ଓଡ଼ିଶାରେ କାର୍ତ୍ତିକ ପୂର୍ଣ୍ଣମା 'ବୋଇତ ବନ୍ଦାଣ' ଦିବସ ନାମରେ ଖ୍ୟାତ । ବହୁ ପୁରାକାଳରୁ ଏହି ଉତ୍ସବ ପାଳିତ ହୋଇଆସୁଛି । ଓଡ଼ିଶାର ସୁଦୃଢ ପରଂପରା, ଆଚାର ବିଚାର, ଚାଲିଚଳଣି, ସଂସ୍କୃତି, ତଥା ଧର୍ମୀୟ ଭାବନା ସହିତ ଏହି ପର୍ବ ଓତପ୍ରୋତ ଭାବେ ଜଡ଼ିତ ହୋଇ ଆସିଛି । ଗୌରବମୟ ଉତ୍କଳର ପ୍ରାଚୀନ ଇତିହାସ ସହିତ ଏହା ଏତେ ନିବିଡ଼ ଭାବରେ ଜଡ଼ିତ ଅଛି ଯେ ଏଭଳି ଏକ ପବିତ୍ର ଧାର୍ମିକ ଦିବସର ଗୁରୁତ୍ୱକୁ ଯଦି ବାଦ ଦିଆଯାଏ ତେବେ ଖ୍ରୀଷ୍ଟପୂର୍ବୀୟ କାଳରେ ଓଡ଼ିଶାରେ ନୌବାଣିଜ୍ୟ ସମ୍ପର୍କରେ ଅଣୁ ମାତ୍ର ଚିନ୍ତା ବି କରାଯାଇ ପାରିବ ନାହିଁ । ସେହି ଦୃଷ୍ଟିରୁ ଧର୍ମଗତ ତଥା ଐତିହାସିକ ଉଭୟ ଦୃଷ୍ଟିକୋଣରୁ ଏହାର ମୂଲ୍ୟବୋଧ ଅତୀବ ସୁଦୂର ପ୍ରସାରିତ ଓ ଭାବମୟ ପୂର୍ଣ୍ଣ ବୈଶିଷ୍ଟ୍ୟ ଦ୍ୱାରା ପରିପୂର୍ଣ୍ଣ । ପୂର୍ବତ୍ ଆଶ୍ୱିନ ମାସରେ ଯେତେବେଳେ ବିଶ୍ୱଜନନୀ କରୁଣାମୟୀ ମା' ଦୁର୍ଗାଙ୍କ ଶାରଦୀୟ ବନ୍ଦନା ପରେପରେ ଚନ୍ଦ୍ର ଏବଂ ମା' କାଳୀଙ୍କ ଆରାଧନା ଅତ୍ୟନ୍ତ ଆଡ଼ମ୍ବର ସହକାରେ ସମାହିତ ହୁଏ ସେତେବେଳେ ଦେବ ସେନାପତି କାର୍ତ୍ତିକଙ୍କ ଆରାଧନା ମନରେ ଜାଗ୍ରତ ହୁଏ । ତେଣୁ ଏହି ମାସରେ ଓଡ଼ିଶାର ପୁରପଲ୍ଲୀରେ ଦେବ ସେନାପତି ଚିର କୁମାର କାର୍ତ୍ତିକେୟଙ୍କ ଆରାଧନା ମହାଆଡମ୍ବରରେ ଅତ୍ୟନ୍ତ ଉତ୍ସାହର ସହିତ ପାଳନ ହୁଏ ।

ଓଡ଼ିଶାର ପ୍ରାତଃ ସ୍ମରଣୀୟ ଆଦିକବି ଶୂଦ୍ରମୁନି ସାରଳା ଦାସଙ୍କ ରଚିତ ମହାଭାରତର ଆଦିପର୍ବରେ କାର୍ତ୍ତିକ ମାସର ପବିତ୍ରତା ସମ୍ପର୍କରେ ବର୍ଣ୍ଣନା ରହିଛି । ଏହି ପର୍ବରେ ବର୍ଣ୍ଣିତ କାର୍ତ୍ତିକ ପୂର୍ଣ୍ଣମା ଦିନ ଭୋଜ ରାଜ ଓ ଭୀଷ୍ମଙ୍କ ଗଙ୍ଗାସ୍ନାନ ଯାତ୍ରା ପ୍ରସଙ୍ଗରୁ କାର୍ତ୍ତିକ ମାସର ମାହାତ୍ମ୍ୟ ସଂପର୍କରେ ଉଲ୍ଲେଖ ଅଛି । ଏହି ମାସରେ ମୃତ୍ୟୁବରଣ କଲେ ବୈକୁଣ୍ଠ ପ୍ରାପ୍ତି ମିଳେ । ପୁନଶ୍ଚ ଆଧାତ୍ମିକ ଦୃଷ୍ଟିରୁ କାର୍ତ୍ତିକ ଏକ ଧର୍ମ ମାସ ରୂପେ ଜନସାଧାରଣଙ୍କ ମନରେ ଦୃଢ ବିଶ୍ୱାସ ରହିଛି । ଯାହା ଫଳରେ ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଓ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇ ଉଠୁଥିବାର ଦେଖାଯାଏ । ମୃଦଙ୍ଗ, ଖୋଳ, ଝାଞ୍ଜ, ଗିନି, ପଖଉଜ, ମହୁରୀର ତାଳେ ତାଳେ ନଗର ପରିକ୍ରମା କରି ପୁଣ୍ୟ ଅର୍ଜନ କରନ୍ତି । ପୂର୍ଣ୍ଣମା ପାଞ୍ଚଦିନ ପଞ୍ଚ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ଶ୍ରଦ୍ଧା ଭାବନା ତଥା ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜାର୍ଚ୍ଚନା କରିଥାନ୍ତି । ଶୁଣାଯାଏ ଏହି ପବିତ୍ର ପାଞ୍ଚଦିନ ବଗ ମଧ ଆମିଷ ସ୍ପର୍ଶ କରେ ନାହିଁ ।

ଏସବୁ ଯାହା ହେଉନା କାହିଁକି ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ ଏକାଦଶୀ ଠାରୁ ପୂର୍ଣ୍ଣମୀ ପାଞ୍ଚଦିନ ଧରି ଅନୁଷ୍ଠିତ ମହାପଞ୍ଚକ ହିନ୍ଦୁମାନଙ୍କ ପାଇଁ ଧର୍ମଗତ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପାଳଟିଯାଏ । କାର୍ତ୍ତିକ ପୂର୍ଣ୍ଣମୀ ଅବସରରେ ପିଣ୍ଡ ପ୍ରଦାନ ଓଡ଼ିଶାରେ ସଂପ୍ରତି ପ୍ରଚଳିତ ନଥିଲେ ମଧ ଭକ୍ତି ସହକାରେ ବ୍ରତ ପାଳନ ଓଡ଼ିଆ ପରମ୍ପରାରେ ଅନୁସୃତ ରହିଛି । ଏହି ଦିବସରେ ମହିଳାମାନେ ରାଇ-ଦାମୋଦର ବ୍ରତର ଉଦ୍ ଯାପନ କରିଥାନ୍ତି । ପ୍ରତ୍ୟେକ ମହିଳା ପ୍ରତ୍ୟୁଷରୁ ଶଯ୍ୟା ଛାଡ଼ି ପୋଖରୀ ତୁଠରେ ମିଳିତ ହୁଅନ୍ତି ଓ ସ୍ନାନ ସାରି ଦେବଦେବୀ ଦର୍ଶନ ପାଇଁ ଯାଆନ୍ତି । ଦେବାଳୟରୁ ଫେରିବା ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନ ଦିଅନ୍ତି । ତୁଳସୀ ବୃକ୍ଷକୁ ଏହିମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଏ । ବିଧବାମାନଙ୍କ ପକ୍ଷରେ ଏହି ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ । ଗ୍ରାମାଞ୍ଚଳରେ ବିଧବା ନାରୀ ମାନେ ସକାଳ ସ୍ନାନ ପୂର୍ବକ ନଗର ପରିକ୍ରମା କରି ବର-ଓସ୍ତ ବା ମନ୍ଦିର ଚର୍ତୁପାଶ୍ୱ ଓଳାଇ ସ୍ୱଚ୍ଛ ପବିତ୍ର କରୁଥିବା ଦେଖାଯାଏ । ଏହି ମାସରେ ପଡୁଥିବା ଅଁଳା ନବମୀରେ ରାଧା ପାଦ ଦର୍ଶନ କରି ପୁଣ୍ୟ ଅର୍ଜନ କରିବା ପାଇଁ ଶ୍ରୀକ୍ଷେତ୍ର ନିକଟସ୍ଥ ସାକ୍ଷୀଗୋପାଳର 'ସାକ୍ଷୀଗୋପିନାଥ' ମନ୍ଦିର ଜନସମାଗମରେ ପୁରି ଉଠେ ।

କିମ୍ବଦନ୍ତୀ ଅନୁସାରେ ରାକ୍ଷସ ଜଳନ୍ଧର ନିଜ ସତୀ ସ୍ୱାଧୀ ପତ୍ନୀ ତୁଳସୀଙ୍କ ପାତିବ୍ରତ୍ୟ ବଳରେ ବଳୀୟାନ ହୋଇ ଉଠିଥିଲା । ଏପରିକି ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁ ଚେଷ୍ଟା ସତ୍ତ୍ୱେ ଜଳନ୍ଧର କୌଣସି ଅନିଷ୍ଟ ଘଟିନଥିଲା । ଏହି ମାସରେ ଭଗବାନ ବିଷ୍ଣୁ ଯୋଗ ନିଦ୍ରାରୁ ଜାଗ୍ରତ ହୁଅନ୍ତି । ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସୃଷ୍ଟିକୁ ସୁଖମୟ କରିବା ପାଇଁ ବିଶେଷ ଅନୁଗ୍ରହ ପ୍ରଦର୍ଶନ କରନ୍ତି । ବିଶ୍ୱାସ କରାଯାଏ ଯେ ଭଗବାନ ବିଷ୍ଣୁଙ୍କ ଅର୍ଦ୍ଧଙ୍ଗିନୀ ମା' ଲକ୍ଷ୍ମୀ ପୃଥିବୀ ଭ୍ରମଣ କରି ଭକ୍ତମାନଙ୍କୁ ଉଦ୍ଧାର କରନ୍ତି । କାର୍ତ୍ତିକ ମାସରେ ତୁଳସୀ ରୋପଣ ଏବଂ ବିବାହ ସର୍ବୋତ୍ତମ ବୋଲି ବିବେଚନା କରାଯାଇଛି । ଯେଉଁମାନେ ଏହି ମାସରେ ଦେବୀ ଲକ୍ଷ୍ମୀ-ନାରାୟଣଙ୍କୁ ପୂଜା କରନ୍ତି, ସେମାନେ କେବେବି ଅଭାବ ଅନଟନ ଅନୁଭବ କରନ୍ତି ନାହିଁ । ଧନ, ଐଶ୍ୱର୍ଯ୍ୟ, ପ୍ରାଚୁର୍ଯ୍ୟ ଓ ସୁଖ, ଶାନ୍ତି, ନିରୋଗ ଭିତରେ ଜୀବନ ଅତିବାହିତ କରନ୍ତି ।

ପୁରାଣ ତଥ୍ୟାବଳୀ ଅନୁସାରେ ଭଗବାନ ବିଷ୍ଣୁ ଓ ତୁଳସୀଙ୍କୁ ଶାଳଗ୍ରାମ ରୂପରେ ପୂଜା କରାଯାଏ । ଆଦର୍ଶ ଆୟୁର୍ବେଦିକ ମାନଙ୍କ ମତରେ କାର୍ତ୍ତିକ ମାସର ମହନୀୟ ମହତ୍ତ୍ୱ ରହିଛି । ସେମାନେ କୁହନ୍ତି- କାର୍ତ୍ତିକ ମାସରେ ସୂର୍ଯ୍ୟ କିରଣରେ ସ୍ନାନ କରିବାର ବିଶେଷ ମହତ୍ତ୍ୱ ରହିଛି । ଆୟୁର୍ବେଦ ଅନୁଯାୟୀ, କାର୍ତ୍ତିକ ମାସରେ ଡାଲି ଖାଇବା ଠାରୁ ଦୂରେଇ ରହିବା ଏବଂ ଅପରାହ୍ନରେ ଶୋଇବା ଉଚିତ୍ ନୁହେଁ । ବରଂ ଏହି ମାସରେ ଗୋଲମରିଚ ବ୍ୟବହାରରେ ବିଶେଷ ମହତ୍ତ୍ୱ ଅଛି । ବୈଦିକ ବିଶ୍ୱାସ ହେଉଛି ଯେ ଯଦି କାର୍ତ୍ତିକ ମାସର ସମସ୍ତ ଦିନ ଗଙ୍ଗା ସହିତ ସମାନ । ଏପରିକି ତ୍ରୟୋଦଶୀ, ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣମାର ଶେଷ ତିନି ଦିନ ଯେ କେହି ଭକ୍ତ ସୂର୍ଯ୍ୟୋଦୟ ପୂର୍ବରୁ ଗଙ୍ଗାରେ ସ୍ନାନ ଓ ପୂଜା କରେ, ତେବେ ଭକ୍ତ କାର୍ତ୍ତିକ ମାସର ସକଳ ପୁଣ୍ୟ ଲାଭ କରିଥାଏ । କାର୍ତ୍ତିକ ମାସ ହେଉଛି ଦାନ, ଧର୍ମ, ପୁଣ୍ୟର ମାସ । ଉପାସନାର ଗୁଣାତ୍ମକ ଦୃଷ୍ଟିରୁ ବିଚାର କଲେ ପୁଷ୍କରିଣୀରେ ବା ନଦୀ ପଠରେ ସ୍ନାନ ସାରି କାର୍ତ୍ତିକ ମାହାତ୍ମ୍ୟ ପୁରାଣ ପାଠ ଦ୍ୱାରା ମନ ପ୍ରଫୁଲ୍ଲ ରହେ । ଏହି ମାସରେ କୁମାରୀ ଝିଅ ମାନେ ନଦୀ ବା ପୁଷ୍କରିଣୀକୁ ସ୍ନାନ କରିବାକୁ ଯାଆନ୍ତି ।

ଏହି ମାସରେ ଭଗବାନ ବିଷ୍ଣୁ, ମାତା ଲକ୍ଷ୍ମୀ, ରାମଦେବ ଧନଭନ୍ତରୀ, କାର୍ତ୍ତିକେୟ, ଗୋବର୍ଦ୍ଧନଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଛି । ବିଶେଷତ୍ୱ ହେଉଛି ମହାଭାରତ ଅନୁଶାସନ ମହୋତ୍ସବ ଅନୁଯାୟୀ କାର୍ତ୍ତିକ ମାସର ଶୁକ୍ଳ ପାକାରେ କାକାରର ବିଶେଷ ମହତ୍ତ୍ୱ ରହିଛି । ଶିବ ପୁରାଣ ଅନୁଯାୟୀ କାର୍ତ୍ତିକରେ ଦାନ, ଧର୍ମ କଲେ ପୂର୍ବ ଅର୍ଜିତ ମନ୍ଦ କର୍ମର କ୍ଷୟ ଘଟିଥାଏ । ସ୍କନ୍ଦ ପୁରାଣରେ କୁହାଯାଇଛି, ଦେବତାମାନଙ୍କ ମଧ୍ୟରେ ଭଗବାନ ବିଷ୍ଣୁ ଶ୍ରେଷ୍ଠ । ଗୀତାରେ ଭଗବାନ କୃଷ୍ଣ ଶ୍ରେଷ୍ଠତା ବିଚାର କରି କହିଛନ୍ତି ଯେ ବନସ୍ପତି ରେ ତୁଳସୀ, ତୀର୍ଥରେ ହରିକାପୁରୀ, ତିଥିରେ ଏକାଦାଶି ଏବଂ ମାସରେ କାର୍ତ୍ତିକ ଶ୍ରେଷ୍ଠ ଅଟନ୍ତି । ଏପରି ଭାବରେ କାର୍ତ୍ତିକ ସର୍ବୋତ୍ତମ ମାସ ଭାବେ ସନାତନ ଧର୍ମୀ ମାନେ ବିଶ୍ୱାସ କରିଥାନ୍ତି । ଏହି ଗଭୀର ବିଶ୍ୱାସ ଭିତରେ 'ଆକାମାବୈ' ଗୁରୁତ୍ୱ ଉପଲବ୍ଧ ହୋଇଥାଏ । ଅର୍ଥାତ୍ ଆଷାଢ଼, କାର୍ତ୍ତିକ, ମାଘ, ବୈଶାଖ - ଏଇ ଚାରିମାସର ପ୍ରଥମ ଅକ୍ଷର । ଏହି ଚାରିମାସ ବର୍ଷର ପୁଣ୍ୟମାସ । ଆମର କାର୍ତ୍ତିକ ପୂର୍ଣ୍ଣମୀର ଡଙ୍ଗାଭସା ସମୟରେ ଏଇ କଥା କୁହାଯାଏ । ମୁଖ୍ୟତଃ ଏଇ ଚାରି ମାସରେ ଚକୁଳିଆ ପଣ୍ଡାମାନେ ଗାଁ ଗାଁ ବୁଲି ଭିକ୍ଷା କରନ୍ତି ଓ ଏଇ ଚାରି ମାସରେ ପୁଣ୍ୟପ୍ରାପ୍ତି ନିମିତ୍ତ ଦାନ ଧାନାଦି କରାଯାଏ ।

ଉଜ୍ଜ୍ୱଳ ଆକାଶଦୀପ ପ୍ରତିଷ୍ଠା ହେଉଛି ପବିତ୍ର କାର୍ତ୍ତିକ କୃତ୍ୟର ଆଉ ଏକ ମହତ୍ତ୍ୱପୂର୍ଣ୍ଣ ପୁଣ୍ୟ ଫଳ । କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ । ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରାଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ପ୍ରଜ୍ୱଳନ ବିଧି ପ୍ରଚଳିତ ହୋଇଆସୁଛି । ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟରେ ସରୁ ଦଉଡ଼ି ଦ୍ୱାରା ସନ୍ଧ୍ୟାରେ ଆକାଶଦୀପ ଦିଆଯାଏ । ଦିବସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରାଯାଇଥାଏ । ଏହି ଆକାଶଦୀପ କାର୍ତ୍ତିକ ମାସରେ ଶୁକ୍ଳପକ୍ଷ ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚ?ଉରାମୂଳେ ପୋତାଯାଉଥିବା ବାଉଁଶ ଉପରକୁ ଉଠା ଯାଉଥିବା ଘିଅଦୀପ । ଗୋଟିଏ ଛିଦ୍ରଥିବା ମାଟି ହାଣ୍ଡିରେ ତଳେ ବାଲି ଓ ଗୋବର ରଖାଯାଇ ଏହା ଉପରେ ଦୀପ ରଖାଯାଏ । ଏହାକୁ ଏକ ଶିକାରେ ରଖି, ବାଉଁଶ ଅଗରେ ଥିବା ଶଗଡ଼ିରେ ଦ?ଉଡ଼ା ଲଗାଯାଇ ଏଇ ଦୀପ ଉପରକୁ ଉଠାଯାଏ । ସଂପୃକ୍ତ ହାଣ୍ଡି ଆକାଶହାଣ୍ଡି, ବାଉଁଶ ଆକାଶବାଉଁଶ ରୂପେ ପରିଚିତ । ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଏଭଳି ଦୀପଦାନ ବିଧି ରହିଛି ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

## ଲୌହମାନବ ସର୍ଦ୍ଦାର ପଟେଲ ଜୀ



ବିଶ୍ୱବିଜୟୀ ଦାଶ

ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜଣେ ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ।ସ୍ୱାଧୀନ ଭାରତର ସେ ଥିଲେ ପ୍ରଥମ ଉପ-ପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ।ଭାରତରେ ଥିବା ଗଡ଼ଜାତ ଅଞ୍ଚଳ ଓ ସ୍ୱାଧୀନ ରାଜ୍ୟକୁ ଭାରତ ସହ ମିଶାଇବାରେ ସେ ନେଇଥିଲେ ଗୁରୁତ୍ୱପୂର୍ଣ୍ଣ ଭୂମିକା। ସାରା ଭାରତ ବର୍ଷରେ ଜଣେ ଲୌହମାନବ ଭାବେ ପରିଚିତ ସର୍ଦ୍ଦାର ପଟେଲ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ୧୮୭୫ ମସିହା ଅକ୍ଟୋବର ୩୧ ତାରିଖ ରେ ଗୁଜୁରାଟ ରାଜ୍ୟ ର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ।


ଗୁଜୁରାଟର ଗୋଟିଏ ସାଧାରଣ ପରିବାରରୁ ଆସିଥିବା ସର୍ଦ୍ଦାର ପଟେଲ ସ୍ୱାଧୀନ ଭାରତର ଜଣେ ମହାନ ଜନନେତା ହୋଇପାରିଥିଲେ। ତାଙ୍କର ଦୃଢ଼ ସଂକଳ୍ପ ବଳରେ ଭାରତରେ ୫୬୫ଟି ସ୍ୱାଧୀନ ଗଡ଼ଜାତ ରାଜ୍ୟ ମିଶିଥିଲେ। ସେଥିପାଇଁ ତାଙ୍କୁ ଏକତାର ପ୍ରତୀକ ବୋଲି ମଧ କୁହାଯାଇଥାଏ।

ସର୍ଦ୍ଦାର ପଟେଲ ଜଣେ ଅଭିଜ୍ଞ ପ୍ରଶାସକ ଥିଲେ।

ପ୍ରଶାସନିକ କ୍ଷେତ୍ରରେ ତାଙ୍କର ନିଜସ୍ୱ ଅଭିଜ୍ଞତା, ବିଶେଷ କରି ୧୯୨୦ରେ ସେ ଯେତେବେଳେ ଅହମ୍ମଦାବାଦ ପୌର ପାଳିକାର ପ୍ରଶାସକ ଥିଲେ, ସ୍ୱାଧୀନ ଭାରତର ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବିଶେଷ ଭାବେ କାମରେ ଆସିଥିଲା। ଅହମ୍ମଦାବାଦରେ ଥିବା ସମୟରେ ସେ ସହରର ସ୍ୱଚ୍ଛତାକୁ ତ୍ୱରାନ୍ୱିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ସେ ସାରା ସହରରେ ସ୍ୱଚ୍ଛତା ଏବଂ ଡ୍ରେନେଜ ବ୍ୟବସ୍ଥାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିଥିଲେ। ସଡ଼କ, ବିଦ୍ୟୁତିକରଣ ଏବଂ ଶିକ୍ଷା ଭଳି ସହରାଞ୍ଚଳ ଭିତ୍ତିଭୂମିର ଅନ୍ୟ ଦିଗ ପ୍ରତି ମଧ ସେ ଗୁରୁତ୍ୱାରୋପ କରିଥିଲେ।

ସର୍ଦ୍ଦାର ପଟେଲଙ୍କର ଦୁଇଟି ବିଶେଷତ୍ୱ ଥିଲା – ବିଶ୍ୱାସ ଏବଂ ସଚ୍ଚୋଟତା। ଭାରତର କୃଷକମାନେ ତାଙ୍କ ଉପରେ ଅତୁଟ ବିଶ୍ୱାସ ରଖିଥିଲେ। ସର୍ବୋପରି, ସେ ଜଣେ କୃଷକର ପୁତ୍ର ଥିଲେ।ରାଜସ୍ୱ ପ୍ରସଙ୍ଗକୁ ନେଇ ୧୯୨୮ରେ ସେ ପ୍ରଧାନ କମାଣ୍ଡର ରୂପେ ବଦ୍ରୋଦାଳି ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇ ଚାଷୀମାନଙ୍କୁ କହିଥିଲେ ଯେ ଦାବି ହାସଲ ନିମନ୍ତେ ଦୀର୍ଘ ସମୟ ପାଇଁ କଷ୍ଟ ସହିବାକୁ ପ୍ରସ୍ତୁତ ହୁଅ। ଶେଷରେ ସର୍ଦ୍ଦାରଙ୍କ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ସଫଳ ହେଲା ଏବଂ ସରକାର ଚାପର ବଶବର୍ତ୍ତୀ ହୋଇ ରାଜସ୍ୱ କରରେ ପରିବର୍ତ୍ତନ କଲେ। ଏକ ଗ୍ରାମସଭାରେ ଜଣେ ଚାଷୀ ଭାଷଣ ଦେଇ କହିଥିଲେ ଯେ "ଆପଣ ହେଉଛନ୍ତି ଆମର ସର୍ଦ୍ଦାର"। ପରବର୍ତ୍ତୀ ସମୟରେ ଏହି ବଦ୍ରୋଦାଳି ଆନ୍ଦୋଳନ ସର୍ଦ୍ଦାର ପଟେଲଙ୍କୁ ଜାତୀୟ ସ୍ତରରେ ପରିଚିତ କରିପାରିଥିଲା। ସର୍ଦ୍ଦାରେ ପଟେଲ ମିଷ୍ଟଭାଷୀ, ଅନୁଶାସନ ପ୍ରିୟ ଓ କର୍ମଠ ବ୍ୟକ୍ତି ଥିଲେ। ତାଙ୍କ ବ୍ୟକ୍ତିତ୍ୱରେ ବିସ୍ମାର୍କଙ୍କ ଭଳି ସାଙ୍ଗଠନିକ କୁଶଳତା, କୌଟିଲ୍ୟଙ୍କ ଭଳି ରାଜନୈତିକ ପଟୁତା ଓ ଆବ୍ରାହମ ଲିଙ୍କନଙ୍କ ଭଳି ରାଷ୍ଟ୍ରୀୟ ଏକତା ପ୍ରତି ଅତୁଟ ନିଷ୍ଠା ଥିଲା। ତାଙ୍କର ଅଦମ୍ୟ ଉତ୍ସାହ, ଅସୀମ ଶକ୍ତି ଏବଂ ମାନବୀୟ ସମସ୍ୟାଗୁଡିକ ପ୍ରତି ବ୍ୟବହାରିକ ଦୃଷ୍ଟିକୋଣ ଦ୍ୱାରା ସେ ନିର୍ଭୟ ହୋଇ ସ୍ୱାଧୀନ ଭାରତର ପ୍ରାରମ୍ଭିକ ସମସ୍ୟା ଗୁଡିକର ସମାଧାନ କରି ପାରିବାରେ ସଫଳ ହୋଇ ପାରିଥିଲେ। ୧୯୫୦ ମସିହା ଡିସେମ୍ବର ୧୫ ତାରିଖ ଦିନ ଏଭଳି ଏକ ମହାନ୍ ନାୟକଙ୍କର ଦେହବସାନ ଘଟିଥିଲା। ।ଭାରତୀୟ ଦେଶଭକ୍ତମାନଙ୍କ ମଧ୍ୟରେ ଅମୂଲ୍ୟ ରତ୍ନ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କୁ ୧୯୯୧ ମସିହାରେ ମରଣୋତ୍ତର ଭାରତ ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା।ତାଙ୍କ ଜନ୍ମଜୟନ୍ତୀ କୁ 'ରାଷ୍ଟ୍ରୀୟ ଏକତା ଦିବସ' ରୂପେ ପାଳନ କରାଯାଉଛି। ଏହି ଦିନ ଭାରତୀୟ ଇତିହାସରେ ସର୍ଦ୍ଦାର ପଟେଲଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଦେଶବ୍ୟାପୀ ଏକତାର ଶପଥ ନେବା, ଜନ ଅଭିଯାନ ଚଳାଇବା, ଏକତା ପାଇଁ ଦୌଡ ପୋଷ୍ଟର ଏବଂ ପ୍ରଶ୍ନୋତ୍ତର ପ୍ରତିଯୋଗିତା ଏବଂ ପ୍ରଦର୍ଶନୀ ଆଦିର ଆୟୋଜନ କରାଯାଉଛି।

ଏହି ଅବସରରେ ସାରା ଦେଶରେ ସମାରୋହ ଆୟୋଜନ କରାଯାଉଛି। ବାସ୍ତବିକ ଦେଶ ପାଇଁ ଏହା ଏକ ମହାନ ଅବସର। କାରଣ ଏହି ଦିନ ସ୍ୱାଧୀନତା ସଂଗ୍ରାମର ମହାନାୟକଙ୍କୁ କେବଳ ସମ୍ମାନ ପ୍ରଦର୍ଶନ କରାଯାଏ ତା ନୁହେଁ ବରଂ ଏକତାର ମହାମନ୍ତ୍ରରେ ଦେଶବାସୀଙ୍କୁ ଉଦ୍ ବୃଦ୍ଧ କରାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ।ଭାରତ ସରକାର ପଟେଲଙ୍କ ସମ୍ମାନରେ ପୃଥିବୀର ସବୁଠାରୁ ଉଚ୍ଚ ପ୍ରତିମା 'ଷ୍ଟେଚ୍ୟୁ ଅଫ୍ ୟୁନିଟି' (୧୮୨ ମିଟର ଉଚ୍ଚ) ଗୁଜୁରାଟ ରାଜ୍ୟର ନର୍ମଦା ଜିଲ୍ଲାରେ ସର୍ଦ୍ଦାର ସରୋବର ଡ୍ୟାମ୍ ସନ୍ନିକଟ ସାଧୁବେଟ୍ ନାମକ ଏକ ଦ୍ୱୀପରେ ନିର୍ମାଣ କରିଛନ୍ତି। ଦେଶକୁ ଏକସୂତ୍ରରେ ବାନ୍ଧାଇ ପାରିଥିବା ଦେଶର ଏହି ମହାନ୍ ନେତାଙ୍କ ପାଇଁ ଏହା ଏକ ଉପଯୁକ୍ତ ସମ୍ମାନ। ଆଜି ତାଙ୍କ ଜନ୍ମ ଜୟନ୍ତୀରେ ଦେଶର ଏକତା ବଜାୟ ରଖିବା ପାଇଁ ଆମ୍ଭେମାନେ ବଜ୍ର ଶପଥ ନେଲେ ତାହା ହିଁ ହେବ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି।



କବିତା କୋଣାର୍କ

## ଆମେ ସର୍ବେ ସ୍ରଷ୍ଟାଙ୍କର

ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ପିତୃମାତୃ ହରା ସନ୍ତାନଙ୍କ ପ୍ରତି
ନିଷ୍ଠୁର ନହେବା କେହି-
ସେମାନଙ୍କ ପ୍ରତି ହୋଇଲେ ଅନ୍ୟାୟ
ନସହିବେ କେବେ ବିହି,
କଲେ ହତାଦର ଦେଲେ ନିର୍ଯ୍ୟାତନା
ଢ଼ାଳିବେ ସେମାନେ ଲୁହ -
ସେମାନଙ୍କ ଲୁହ ନାଶିବ ଆମକୁ
ସାଜି ସୁନାମୀର ସୁଅ,
ମାଆର ମମତା ବାପାର ସାହସ
ଭରି ସେମାନଙ୍କ ମନେ -
ଆସ ଆମେ ତାଙ୍କୁ କରିଦେବା ଧନୀ
ଭଲପାଇବାର ଧନେ,
ତେଜି ଅହଙ୍କାର କରି ଆପଣାର
ଭରିବା ତାଙ୍କଠି ଖୁସି -
ଦେବା ଦେବୀଙ୍କର ଶୁଭାଶିଷ ରାଶି
ସରଗୁ ପଡ଼ିବ ଖସି,
ସେମାନେ ସାଜିବେ ନିଜଠୁ ନିଜର
ହେବେନାହିଁ ବେଇମାନ-
ପୁତ୍ରକନ୍ୟା ଠାରୁ ଦେବେତ ଅଧିକ
ଶ୍ରଦ୍ଧା ଭକ୍ତି ସନମାନ,
ମରତେ ଝରିବ ସରଗ ସୁଷମା
ନରହିବ ଈର୍ଷା ଘୃଣା-
କାହା ଉପରକୁ ଭୟଙ୍କର ଫଣା
ନଟେକିବ ପ୍ରତାରଣା,
ସଭିଙ୍କର ଅଛି ସମାନ ଭାବରେ
ବଞ୍ଚିବାର ଅଧିକାର -
ଏକଥାକୁ କେହି ଭୁଲିଯିବା ନାହିଁ
ଆମେ ସର୍ବେ ସ୍ରଷ୍ଟାଙ୍କର ।
ଝଝଝ ଝଝଝ ଝଝଝ

କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ -୮୫୯୪୮୮୫୮୯୮

## ଧୋଇଯିବ ମୋର ପାପ

ଦୀପକ କୁମାର ନାଏକ

ଆସିବାକୁ ବଡ଼ ବଡୁଆ ହୋ ଆଜି
କରିବନି ଯମା ଡେରି
ଡାକିଦେବା କ୍ଷଣି ସରଗପୁରରୁ
ଚଞ୍ଚଳ ଆସିବ ଭାରି !!
ଜୀବ ଥିଲାବେଳେ ମୁହଁରେ ତୁମର
ଦେଇନି ମୁଠାଏ ଅନ୍ନ
ଜୀବ ଗଲାପରେ ପିଠା ପଣା କରି
ଦବାକୁ ମୁଁ କନକନ !!
କେତେ ଦୁଃଖ କଷ୍ଟେ କରିଥିଲ ବଡ଼
ବୁଝି ନ ପାରିଲି କେବେ
ସବୁକିଛି ଶେଷ ହୋଇଗଲା ପରେ
ବୁଝି ମୁଁ ପାରୁଛି ଏବେ !!
ଭାରିଜା କଥାରେ ଗାଳି ମନ୍ଦ କଲି
ଶେଷରେ ମାରିଲି ମାଡ଼
ଯନ୍ତ୍ରଣାରେ କେତେମୁଁ ଛଟପଟ କରି
ପଠାଇଲି ଯମ ଭୁବନ !!
ବହୁ ଦୁଃଖ କଷ୍ଟ ଦେଇଛି ତୁମକୁ
ଭାରିଜା କଥାରେ ପଡି
ଯେଉଁ ଘରକୁ ନିଜେ ତୋଳିଥିଲ
ସେ ଘରୁ ଦେଇଛି ତଡ଼ି !!
କାହାକୁ ନ ମିଳୁ ମୋ ଭଳିଆ ପୁଅ
ପ୍ରାର୍ଥନା ହେ କଳାଦିଅଁ
ବାପାମାଆଙ୍କୁ ଯେ ହତାଦର କରେ
ଦରକାର ନାହିଁ ସେ ପୁଅ !!
ରାଗ କରିବନି କି ଦୋଷ ଧରିବନି
ଦବ ନାହିଁ ଅଭିଶାପ
ଆଶୀର୍ବାଦ ଟିକେ ଦେଇଦବ ଯଦି
ଧୋଇଯିବ ମୋର ପାପ !!

ଗ୍ରାମ-ଗଣ୍ଡାନାଳୀ,ବ୍ଲକ୍-ହିନ୍ଦୋଳ
ଜିଲ୍ଲା-ଢେଙ୍କାନାଳ,
ପିନ୍-୭୫୯୦୨୧
ମୋ: ୮୬୩୭୨୬୧୮୨୮

## ଜୟ ଜଗନ୍ନାଥ

ଜଗଦୀଶ ସାହୁ

ଏ ମହାକାର୍ତ୍ତିକ ମାସରେ
ଶିରୀକ୍ଷେତ୍ର ଯିବା ଆସରେ
ସଜ ହୋଇଥିବ ମୋ କଳମାଧବ
ରାଇଦାମୋଦର ବେଶରେ !
ଜଗା ନାମ ଥିବ ତୁଣ୍ଡରେ
ଆଣ୍ଠୁମାଡି ବଡ଼ଦାଣ୍ଡରେ
ପତିତପାବନ କରି ଦରଶନ
ଧୂଳି ବୋଳି ହେବା ମୁଣ୍ଡରେ !
ନୀଳାଚଳ ନୀଳକନ୍ଦର
ଦେଖିବା କାଳିଆ ସୁନ୍ଦର
ଭଜନ କୀର୍ତ୍ତନ ଚାଲେ ରାତିଦିନ
ମନ୍ଦିର ଲାଗଇ ସୁନ୍ଦର !
ଦରଶନେ ପାପ ନାଶିବା
ଆନଂଦ ବଜାରେ ପଶିବା
ଅବଢ଼ା ଖାଇବା ତୋରାଣୀ ପିଇବା
ବାଇଶି ପାହାଚେ ବସିବା !
ଜଗା ପାଦେ ଥିଲେ ଭକତି
ମନକୁ ମିଳଇ ଶକତି
ଜୟ ଜଗନ୍ନାଥ ଅନାଥର ନାଥ
ଏ ସଂସାରୁ କର ମୁକତି !

ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ଅସ୍ତମିତ ଅପରାହ୍ନ

ସୁଧାକର ରାଉତ

ଜରା ନିବାସରେ ଜୀବନ ଖୋଜଇ
ବଞ୍ଚିବାର ଅଧିକାର
ମଣିଷ ପଣିଆ ହଜିଯାଏ କାହିଁ
କାନ୍ଦେ ମୋହମଗ୍ନ 'ମୋର' ।

ଯୌବନର ଫୁଲ ମଉଳିବା ଦେଖି
ଅଲୋଡ଼ା ଅଳିଆ ସମ
ଫିଙ୍ଗିଦେଲେ ଦୂରେ ଅତଳ ଗର୍ଭରେ
ଆତ୍ମୀୟତା ସତେ ଭ୍ରମ ।

ସ୍ନେହର ଆବେଶ ଏକଲବ୍ୟ ପରି
ସବୁ ଯାତନା ଯନ୍ତ୍ରଣା
ସମର୍ପି ଦେଇ ମୁଁ କର୍ତ୍ତବ୍ୟ ପାଶରେ
ଏବେ ହୁଏ ବାଟବଣା ।

ସ୍ନେହ ସବୁ ଏଠି କାକୁସ୍ଥେ କାନ୍ଦନ୍ତି
କାତରତା ଆଲିଙ୍ଗନେ
ଆଶା ଆକାଶରେ ଧ୍ରୁବତାରା ଦେଖି
ଚକ୍ଷୁ ମୁଦଇ ମଉନେ ।

ଶୂନ୍ୟ ଆତୁରତା ଆବୋରିଛି ଦେହ
ସାଥି କରି ନିଥରତା
ଅସୀମ ବିଶ୍ୱାସ ପ୍ରତାରଣା ବିଷେ
ଜଳେ ଧରି ବିବଶତା ।

ଜୀବନ ମରଣ ର ସନ୍ଧିକ୍ଷଣରେ
ଅସ୍ତଗାମୀ ନିଃଶ୍ୱାସରେ
ଦମ୍ଭହୀନ ହିଆ ପାଣ୍ଡୁର ଜୀବନେ
ଖୋଜଇ ହା ହତୋସ୍ମିରେ ।

ବହଳ ଅନ୍ଧାରେ ଇଚ୍ଛା ମାନେ ସବୁ
ଶୋଇ ରହି ଶବାଧାରେ
ଜୁଇ ଜଳିବାର ସ୍ୱପ୍ନେ ବିଭୋରିତ
ଦିବସ ବା ନିଶୀଥରେ ।

ପ୍ରତାପ ନଗରୀ,କଟକ
ମୋ ୮୨୪୯୯୩୨୭୯୨

## ଆସନ୍ତା କାଲିର ସୂର୍ଯ୍ୟୋଦୟ

ଲକ୍ଷ୍ମୀଧର ସିଂ

କିଏ ଜାଣେ
ତମ ଆମ ଭିତରୁ
କାହା ଭାଗ୍ୟରେ
ଆସନ୍ତା କାଲିର ସୂର୍ଯ୍ୟୋଦୟ
ଥିବ କି ନ ଥିବ !
ଆସ, ଆଜିକୁ ଜିଇ ଯିବା
ଜୀବନର ସବୁଠୁ ମୂଲ୍ୟବାନ ସମୟ
ଭାବି
କାହା ସାଥିରେ ବାଦ ବିବାଦ ନକରି ।
ଉତ୍ତମ କର୍ମ କରିଯିବା
ମିଳିମିଶି ଖୁସି ଖୁସି ଚଳି ଯିବା
ହୁଏ ତ କାଲି
ଆମ ଆମ ଭିତରେ ଦେଖା ହୋଇ ନ
ପାରେ !
ଆଜି ହିଁ ଆସ
ଭଲ ପାଇବା ଆମ ଜୀବନକୁ
ଆମ ସମ୍ପର୍କକୁ, ଆମ ବନ୍ଧୁତ୍ୱକୁ
ଆମ ମାତୃଭୂମିକୁ, ଆମ ଦେଶକୁ
ଆସନ୍ତା କାଲିର ସୂର୍ଯ୍ୟୋଦୟ ତ
ଆମ ଅନେକଙ୍କ ପାଇଁ ସତ
ହେଇପାରେ
ଆମ ଅନେକଙ୍କ ପାଇଁ ମିଛ ବି
ହେଇପାରେ
କିନ୍ତୁ ଆଜି, ଆମ ସମସ୍ତଙ୍କ ପାଇଁ
ଅଛି
ମୂଲ୍ୟବାନ ହେଇ ..........

ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ: ୬୩୭୦୦୨୬୮୦୫



# 'ଭୋଲା'ରେ ଦିଶିବେ ଅମାଲା

ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତା ଅଜୟ ଦେବଗନଙ୍କର ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଚତୁର୍ଥ ଚଳଚ୍ଚିତ୍ର 'ଭୋଲା' ହେଉଛି ବଲିଉଡ୍‌ର ଅନ୍ୟତମ ବହୁପ୍ରତ୍ୟାଶିତ ଚଳଚ୍ଚିତ୍ର । ଅଜୟଙ୍କ ସହିତ ଅଭିନେତ୍ରୀ ତବୁ ଏହି ସିନେମାର ଏକ ନିର୍ଣ୍ଣାୟକ ଭୂମିକାରେ ଅଭିନୟ କରିବେ ବୋଲି ପୂର୍ବରୁ ଘୋଷଣା ହୋଇଥିଲା । ଏବେ ମୁମ୍ବାଇରେ ଏହାର ସୁଟିଂ ଚାଲିଥିବା ବେଳେ ଜାଣିବାକୁ ମିଳିଛି ଯେ 'ଭୋଲା' ସେଟ୍‌ରେ ଆଉ ଜଣେ ଅଭିନେତ୍ରୀ ଯୋଗ ଦେବାକୁ ଯାଉଛନ୍ତି । ସେ ହେଉଛନ୍ତି ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଶିଳ୍ପରେ ବ୍ୟାପକ ଲୋକପ୍ରିୟତା ସାଉଁଟିଥିବା ଅଭିନେତ୍ରୀ ଅମାଲା ପାଲ । 'ଭୋଲା'ରେ ଅମାଲା ଅଜୟ ଦେବଗନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଅଭିନୟ କରିବେ । ଅଜୟ ଦେବଗନ ନିଜେ ଅମାଲାଙ୍କୁ ଏହି ଚରିତ୍ର ପାଇଁ ଉପଯୁକ୍ତ ଅନୁଭବ କରି ତାଙ୍କୁ ବଲିଉଡ୍‌ରେ ପ୍ରଥମ ସୁଯୋଗ ଦେଇଛନ୍ତି । ଆସନ୍ତା ଡିସେମ୍ବରରେ ଆରମ୍ଭ ହେବାକୁ ଥିବା ସୁଟିଂର ପରବର୍ତ୍ତୀ ପର୍ଯ୍ୟାୟରେ ଅମାଲା ଯୋଗ ଦେବାର ଧାର୍ଯ୍ୟ ହୋଇଛି । ତାମିଲ, ମାଲାୟାଲମ୍ ଓ ତେଲୁଗୁ ସିନେମା ଓ ଧାରାବାହିକରେ ଅମାଲା ନିୟମିତ ଭାବେ ଅଭିନୟ କରିଆସୁଛନ୍ତି । ୨୦୧୦ରେ ମୁକ୍ତଲାଭ କରିଥିବା 'ମୈନା' ନାମକ ତାମିଲ ଚଳଚ୍ଚିତ୍ରରେ ମୁଖ୍ୟ ଅଭିନେତ୍ରୀ ଭାବେ ଦେଖାଦେଇ ସେ ଦର୍ଶକଙ୍କ ଗହଣରେ ଚର୍ଚ୍ଚିତ ହୋଇଥିଲେ । 'ରନ୍ ବେବି ରନ୍', 'ରତ୍ସାସନ', 'ମିଲି', 'ଆଦାଇ' ହେଉଛି ତାଙ୍କର କେତେକ ସଫଳତମ ଚଳଚ୍ଚିତ୍ର । 'ଭୋଲା' ହେଉଛି ୨୦୧୯ରେ ମୁକ୍ତିଲାଭ କରିଥିବା ସୁପରହିଟ ତାମିଲ ଚଳଚ୍ଚିତ୍ର 'କୈଥୀ'ର ଏକ ରିମେକ୍ । ଆସନ୍ତା ବର୍ଷ ମାର୍ଚ୍ଚ ୩୦ରେ ବିପୁଳ ଆକ୍ସନ୍ ଓ ରୋମାଞ୍ଚ ଧାରଣ କରି 'ଭୋଲା' ମୁକ୍ତିଲାଭ କରିବ ବୋଲି ଅଜୟ ଦେବଗନ ପୂର୍ବରୁ ଘୋଷଣା କରିଛନ୍ତି ।

# ନୂଆ ଗୀତ ଆସୁଥିବା ଜଣାଇ ଆଉ ବାଦାମ ବିକିବି ନାହିଁ ବୋଲି କହିଲେ ଭୁବନ



ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବା ପରେ ରାତାରାତି ଲୋକପ୍ରିୟ ହୋଇଥିବା କାଚା ବାଦାମ କଣ୍ଠଶିଳ୍ପୀ ଭୁବନ ବାଦ୍ୟକର ପୁଣିଥରେ ତାଙ୍କର ଏକ ନୂତନ ଗୀତକୁ ନେଇ ଚର୍ଚ୍ଚାରେ । ଏମଧ୍ୟରେ ତାଙ୍କର ଏକ ସାକ୍ଷାତକାରର ଭିଡିଓ ଭାଇରାଲ ହୋଇଛି । ଭୁବନ ଏହି ସାକ୍ଷାତକାରରେ କହିଛନ୍ତି ଯେ ଆଗକୁ ସେ ବାଦାମ ବିକ୍ରି କରିବେ ନାହିଁ । ସେ ନୂଆ ନୂଆ ଗୀତ ତିଆରି କରି ଲୋକଙ୍କର ମନୋରଞ୍ଜନ କରିବେ । କିଛି ଦିନ ତଳେ ଭୁବନ ଏକ ଦୁର୍ଘଟଣାର ଶିକାର ହୋଇଥିଲେ । ସେ ଏକ କାର କିଣିଥିଲେ । ଆଉ ଏହି କାରକୁ ସେ ଚଲାଇବା ଶିଖୁଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ । ଏହା ପରେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ପରେ ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଇଛନ୍ତି । ତାଙ୍କର ଏକ ନୂତନ ଗୀତ ମଧ୍ୟ ଆସୁଛି, ଯାହାକୁ ନେଇ ସେ ପୁଣିଥରେ ମିଡିଆ ସାମ୍ନାକୁ ଆସିଛନ୍ତି । ସେ କହିଛନ୍ତି ଯେ, ଏଭଳି ଜମା ନୁହେଁ ଯେ ମୁଁ ବାଦାମ ବିକ୍ରି କରିବାକୁ ଚାହୁଁ ନାହିଁ । ହେଲେ ବର୍ତ୍ତମାନ ମୋ ପାଖରେ ସମୟ ନାହିଁ । ମୋର ନିଜ ଜୀବନ ଅଛି, ମୋ ପାଖରେ କାର୍ ଅଛି । ଏହା ମୋ ଜୀବନର ସବୁଠାରୁ ବଡ ସତ୍ୟ, ଯାହା ମୁଁ ମୋ ଗୀତ ମାଧ୍ୟମରେ ଦେଖାଇବାକୁ ଚାହୁଁଛି । ଏତେ ସବୁ ମିଳିଥିବାରୁ ଭୁବନ୍ ନିଜକୁ ବହୁତ ଭାଗ୍ୟବାନ ମନେ କରୁଥିବା କହିଛନ୍ତି । ଏହା ସହ ସେ କହିଛନ୍ତି ଯେ, ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି ଯେ ଲୋକମାନେ ମୋର ଗୀତ ଶୁଣିବାକୁ ଚାହାଁନ୍ତି । ସେହି ଭାଇରାଲ୍ ଭିଡିଓ ପରେ ମଧ୍ୟ ମୋ ସହ କାମ କରିବାକୁ ଚାହାଁନ୍ତି । ମୁଁ ଏବେ ନିଜକୁ ଜଣେ ସେଲିବ୍ରିଟି ଭାବରେ ବିବେଚନା କରୁଛି ।



# ଚୀନ୍‌ରେ ବାପି ଲାହିରିଙ୍କ 'ଜିମି, ଜିମି'

କୋଭିଡ ଲକ୍‌ଡାଉନକୁ ବିରୋଧ କରିବା ପାଇଁ ଚୀନ୍‌ରେ ହିନ୍ଦୀ ସିନେମାର କିମ୍ବଦନ୍ତି ଗାୟକ ବାପି ଲାହିରିଙ୍କ ୧୯୮୨ ମସିହା ଚଳଚ୍ଚିତ୍ର 'ଡିସ୍କୋ ଡ୍ୟାନ୍ସର'ର ସୁପରହିଟ୍ ଗୀତ 'ଜିମି ଜିମି ଆଜା ଆଜା' ଲୋକପ୍ରିୟ ହେବାରେ ଲାଗିଛି । ଲକ୍ଷ ଲକ୍ଷ ଚୀନ ନାଗରିକ ଦେଶର କଠୋର ଶୂନ୍ୟ-କୋଭିଡ ନୀତି ଉପରେ ନିଜର କ୍ରୋଧ ଏବଂ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଚୀନର ସୋସିଆଲ ମିଡିଆ ନେଟୱାର୍କରେ ଲାହିରିଙ୍କ ଦ୍ୱାରା ରଚିତ ଏବଂ ପାର୍ବତୀ ଖାନ ଗାଇଥିବା ଗୀତଟି ମାଣ୍ଡାରିନ୍‌ରେ 'ଜି ମି, ଜି ମି' ସ୍ୱରରେ ଗାନ କରାଯାଇଛି । ଯାହାର ଅର୍ଥ 'ମୋତେ ଚାଉଳ ଦିଅ, ମୋତେ ଚାଉଳ ଦିଅ' । ଲୋକମାନେ ଲକଡାଉନ୍ ସମୟରେ ଅତ୍ୟାବଶ୍ୟକ ଖାଦ୍ୟ ପଦାର୍ଥରୁ କିପରି ବଞ୍ଚିତ ହେଉଛନ୍ତି ତାହା ଦେଖାଇବା ପାଇଁ ଭିଡିଓରେ ଦର୍ଶାଯାଇଛି । ଏହି ଭିଡିଓ ଏପର୍ଯ୍ୟନ୍ତ ଚୀନ୍ ସେନ୍‌ସରରୁ ରକ୍ଷା ପାଇବାରେ ସଫଳ ହୋଇଛି । ୧୯୫୦ରୁ ରାଜ କପୁରଙ୍କଠାରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଭାରତୀୟ ଚଳଚ୍ଚିତ୍ର ସବୁବେଳେ ଚୀନରେ ବହୁତ ଲୋକପ୍ରିୟତା ହାସଲ କରି ଆସିଛି । ସୂଚନାଯୋଗ୍ୟ, ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଶୂନ୍ୟ-କୋଭିଡ ନୀତି ଅନୁଯାୟୀ ଲକଡାଉନକୁ କଡ଼ାକଡ଼ି ଲାଗୁ କରାଯାଇଛି । ପଜିଟିଭ ରିପୋର୍ଟ ଆସିଲେ ସେହି ଅଞ୍ଚଳର ଲୋକଙ୍କୁ କ୍ୱାରାଣ୍ଟିନ୍ ସେଣ୍ଟରକୁ ସ୍ଥାନାନ୍ତର କରାଯିବ । ବେଜିଂ ସମେତ ପ୍ରାୟ ସମସ୍ତ ସହରରେ ପରୀକ୍ଷା ସମସ୍ତ ବାସିନ୍ଦାଙ୍କ ପାଇଁ ବାଧ୍ୟତାମୂଳକ ଅଟେ । ନକାରାତ୍ମକ ପରୀକ୍ଷା ଫଳାଫଳ ବିନା, ସହରର ଲୋକମାନେ ରେଷ୍ଟୁରାଣ୍ଟ ଏବଂ ବଜାର ସମେତ ସର୍ବସାଧାରଣ ସ୍ଥାନରେ ପ୍ରବେଶ କରିପାରିବେ ନାହିଁ ।



# ଇନ୍ଦିରାଙ୍କ ବାୟୋପିକ୍ ବାତିଲ : ବିଦ୍ୟାଙ୍କ ସ୍ୱପ୍ନଭଙ୍ଗ

ଭାରତର ପୂର୍ବତନ ତଥା ଏକମାତ୍ର ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବାୟୋପିକ୍‌ରେ ଅଭିନୟ କରିବା ପାଇଁ ବିଦ୍ୟା ବାଲନଙ୍କ ଉତ୍ସାହ ଶୀର୍ଷ ଛୁଇଁ ସାରିଥିଲା । ବିଦ୍ୟାଙ୍କ ସ୍ୱାମୀ ସିଦ୍ଧାର୍ଥ ରୟ କପୁର ଉକ୍ତ ୱେବ୍ ଧାରାବାହିକର ପ୍ରଯୋଜକ ହେବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ଭାରତର ଜଣାଶୁଣା ଟିଭି ସାମ୍ବାଦିକା ସାଗରିକା ଘୋଷଙ୍କ ଦ୍ୱାରା ରଚିତ 'ଇନ୍ଦିରା : ଇଣ୍ଡିଆସ୍ ମୋଷ୍ଟ ପ୍ୱାରଫୁଲ୍ ପ୍ରାଇମ୍ ମିନିଷ୍ଟର' ଶୀର୍ଷକ ପୁସ୍ତକକୁ ଭିତ୍ତି କରି ସେହି ୱେବ୍ ଧାରାବାହିକ ଗତିଶୀଳ ହୋଇଥାନ୍ତା । କିନ୍ତୁ ଏହି ମହତ୍ତ୍ୱାକାଂକ୍ଷୀ ଧାରାବାହିକ ନିର୍ମାଣ କରିବା ନେଇ ଘୋଷଣା ହେବାର ତିନି ବର୍ଷ ପରେ ଉକ୍ତ କାର୍ଯ୍ୟକ୍ରମକୁ ବାତିଲ କରିଦିଆଯାଇଛି । ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଜଣେ ବିବାଦୀୟ ରାଜନୈତିକ ବ୍ୟକ୍ତିତ୍ୱଙ୍କର ବାୟୋପିକ୍ ନିର୍ମାଣ କରିବା ଲାଗି ବର୍ତ୍ତମାନର ରାଜନୈତିକ ପରିବେଶ ଅନୁକୂଳ ନୁହେଁ ବୋଲି ଏହାର ନିର୍ମାତାମାନେ ଅନୁଭବ କରୁଛନ୍ତି । ଗୋଟିଏ ପଟେ କଙ୍ଗନା ରାଣାୱତ ଇନ୍ଦିରାଙ୍କ ଭୂମିକାରେ ଅଭିନୟ କରୁଥିବା ବେଳେ ବିଦ୍ୟା ବାଲନ ସେହି ବିପଜ୍ଜନକ ପଥ ଅନୁକରଣ କରିବାର କୌଣସି କାରଣ ନାହିଁ । ତେବେ ଇନ୍ଦିରାଙ୍କ ବାୟୋପିକ୍ ବାତିଲା ହେବାର ଏହା ପ୍ରଥମ ଘଟଣା ନୁହେଁ । ମନୀଷା କୋଇରାଲା ମଧ୍ୟ ଇନ୍ଦିରାଙ୍କ ଚରିତ୍ରରେ ଅଭିନୟ କରିବାର ଥିଲା । ୨୦୦୨ରେ ଇନ୍ଦିରା ଗାନ୍ଧୀଙ୍କ ୮୫ତମ ଜନ୍ମବାର୍ଷିକୀରେ ଏ ଚଳଚ୍ଚିତ୍ରର ପ୍ରକଳ୍ପ ଉନ୍ମୋଚିତ ହୋଇଥିଲା । ଏଥିରେ ଇନ୍ଦିରାଙ୍କ ରାଜନୈତିକ ଜୀବନ ସମେତ ବ୍ୟକ୍ତିଗତ ଜୀବନର କାହାଣୀ ମଧ୍ୟ ପ୍ରଦର୍ଶିତ କରିବାର ଯୋଜନା ରଖାଯାଇଥିଲା । ମନୀଷା ସେତେବେଳେ ଇନ୍ଦିରାଙ୍କ ବେଶରେ ଦେଖାଦେବା ଲାଗି ଏତେ ଉତ୍ସାହିତ ହୋଇପଡ଼ିଥିଲେ ଯେ ସେ ନିଜର ନାକର ଆକାର ବଦଳାଇବା ଲାଗି ମଧ୍ୟ ପ୍ରସ୍ତୁତ ଥିଲେ । ତେବେ ତାହା ମଧ୍ୟ କୌଣସି କାରଣବଶତଃ ବାତିଲ ହୋଇଯାଇଥିଲା । ସେହିପରି ୨୦୦୯ରେ ସିନେନିର୍ମାତା କୃଷ୍ଣା ଶାହ ମାଧୁରୀ ଦୀକ୍ଷିତଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ଅଭିନୟ କରିବା ଲାଗି ପ୍ରସ୍ତାବ ଦେଇଥିଲେ । କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ କେବେହେଲେ ଆରମ୍ଭ ହୋଇପାରି ନ ଥିଲା । ଆସନ୍ତା ବର୍ଷ ମୁକ୍ତିଲାଭ କରିବାକୁ ଥିବା କଙ୍ଗନାଙ୍କ ଅଭିନୀତ 'ଇମରଜେନ୍‌ସି' ଚଳଚ୍ଚିତ୍ରରେ ଇନ୍ଦିରାଙ୍କ ଜୀବନ କାହାଣୀ ଦେଖିବାକୁ ମିଳିବ ।

# ବିଜୟ ଦେବରକୋଣ୍ଡା ବିବାହିତ: ଖୁଲାସା କଲେ ଜାହ୍ନବୀ

ସାଉଥ ସୁପରଷ୍ଟାର୍ ତଥା ଲାଇଗର୍ ଫେମ୍ ବିଜୟ ଦେବରକୋଣ୍ଡା । ତାଙ୍କ ରିଲେସନ୍‌ସିପ୍ ଷ୍ଟାଟସ୍‌କୁ ନେଇ ହେଇଛି ବଡ ଖୁଲାସା । ସେ କୁଆଡେ ବିବାହିତ । ବିଜୟ ଦେବରକୋଣ୍ଡାଙ୍କୁ ନେଇ ଏଭଳି କିଛି ମହା ଖୁଲାସା କରିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର । ତାଙ୍କର ଏହି ବୟାନକୁ ନେଇ ଏବେ ବି-ଟାଉନରେ ହଲ୍‌ଚଲ ଆରମ୍ଭ ହୋଇଯାଇଛି ।

ଜାହ୍ନବୀ କପୁର ଏବେ ତାଙ୍କ ଅପ୍‌କମିଂ ଫିଲ୍ମ 'ମିଲି'ର ପ୍ରମୋସନରେ ବ୍ୟସ୍ତ ଅଛନ୍ତି । ଫିଲ୍ମର ପ୍ରମୋସନ ପାଇଁ ବୁଧବାର ଏକ ଇଭେଣ୍ଟରେ ଯୋଗ ଦେଇଥିଲେ ଜାହ୍ନବୀ । ଏଥିରେ ଜାହ୍ନବୀଙ୍କ ସହ ରାପିଡ୍ ଫାୟାର୍ ରାଉଣ୍ଡ ଖେଳାଯାଇଥିଲା । ଏହି ରାପିଡ୍ ଫାୟାର୍ ରାଉଣ୍ଡରେ ଜହ୍ନବୀ ମିଡିଆ ସାମ୍ନାରେ ବିଜୟ ଦେବରକୋଣ୍ଡାଙ୍କ ଗୁମର ଖୋଲି ଦେଇଥିଲେ ।

ଜାହ୍ନବିଙ୍କୁ ଏହି ରାପିଡ୍ ଫାୟାର୍ ରାଉଣ୍ଡରେ ଅନେକ ପ୍ରଶ୍ନ ପଚରା ଯାଇଥିଲା । ସେଥିମଧ୍ୟରୁ ଗୋଟିଏ ଥିଲା, ତାଙ୍କ ସ୍ୱୟଂମ୍ବରରେ ସେ କାହାକୁ ଭାଗ ନେଇଥିବା ଦେଖିବାକୁ ଚାହିଁବେ । ଏହାର ଉତ୍ତରରେ ଜାହ୍ନବୀ ପ୍ରଥମେ ରଣବୀର କପୁରଙ୍କ ନାଁ ନେଇଥିଲେ । କିନ୍ତୁ ପରେ ସେ ବିବାହିତ ଥିବା ଜାଣି ଟାଇଗର ସ୍ରଫଙ୍କ ନାଁ ନେଇଥିଲେ । ବିଜୟ ଦେବରକୋଣ୍ଡାଙ୍କ ନାଁ କାହିଁକି ନେଲନି ପଚାରିବାରୁ ସେ କହିଥିଲେ, ବିଜୟ ବିବାହିତ ।

ଗତ କିଛି ଦିନ ତଳେ ଜାହ୍ନବୀ ସାରା ଅଲି ଖାନ୍‌ଙ୍କ ସହ କଫି ୱିଥ କରନ୍ ଶୋ'ରେ ଯୋଗ ଦେଇଥିଲେ । ଏଠାରେ ବିଜୟ ଦେବରାକୋଣ୍ଡାଙ୍କ ଉପରେ ତାଙ୍କର କ୍ରସ୍ ଥିଲା ବୋଲି ସେ ସ୍ୱୀକାର କରିଥିଲେ । ଏଥିସହ ତାଙ୍କ ସହ ଡେଟ୍‌ରେ ଯିବା ପାଇଁ ମଧ୍ୟ ଇସାରା ଦେଇଥିଲେ ଜାହ୍ନବୀ ।



# ମନୋବଳ ବଢ଼ାଇଛି ଜାତୀୟ ସ୍ୱୀକୃତି : 'ବାଳିକା ବଧୂ' ଏବେ ବ୍ୟସ୍ତ କଳାକାର

କଲର୍ସ ଟିଭିରେ ପ୍ରସାରିତ ହିନ୍ଦୀ ଧାରାବାହିକ 'ବାଳିକା ବଧୂ' ଓ 'ଶଶୁରାଲ୍ ସିମର କା' ପାଇଁ ଘରେ ଘରେ ପରିଚିତ ଅଭିନେତ୍ରୀ ଅବିକା ଗୋର ନିଜର ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ଏବେ ଜଣେ ବ୍ୟସ୍ତ କଳାକାର ପାଲଟିଛନ୍ତି । ସାତଟି ଟିଭି ଧାରାବାହିକ ସାଙ୍ଗକୁ କୋଡ଼ିଏଟି ଫିଲ୍ମ ଓ ତିନିଟି ସଂଗୀତ ଭିଡିଓରେ ଅଭିନୟ କରି ସେ ଦର୍ଶକମାନଙ୍କୁ ମୁଗ୍ଧ କରିପାରିଛନ୍ତି । ଫଳସ୍ୱରୂପ, ଚାରି ଚାରି ଥର ଜାତୀୟ ସ୍ତରର ପୁରସ୍କାର ହାସଲ ପରେ ତାଙ୍କର ମନୋବଳ କାହିଁରେ କ'ଣ ବଢ଼ିଯାଇଛି । ଦର୍ଶକମାନଙ୍କୁ କିପରି ଅଧିକରୁ ଅଧିକ ମନୋରଞ୍ଜନ ଯୋଗାଇବେ, ସେଥିପାଇଁ ସେ ସଦା ଉଦ୍ୟମରତ ଥିବାରୁ ତାଙ୍କ ପ୍ରଦର୍ଶନ ମଧ୍ୟ ଉନ୍ନତତର ହେବାରେ ଲାଗିଛି ।

ମୁମ୍ବାଇ ଠାରେ ୧୯୯୭ ଜୁନ୍ ୩୦ ତାରିଖରେ ଏକ ହିନ୍ଦୁ ପରିବାରରେ ଜନ୍ମିତ ଅବିକା ସମୀର ଗୋରଙ୍କର ଅଭିନୟ ଜୀବନ ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର ଭାବରେ । ତାଙ୍କର ପ୍ରଥମ ଆବିର୍ଭାବ ହୋଇଥିଲା ୨୦୦୭ରେ ଷ୍ଟାର ପ୍ଲସ୍‌ର ଧାରାବାହିକ 'ସ୍‌ସ୍‌ସ୍....କୋଇ ହେଁ'ରେ । ଏଥିରେ ତାଙ୍କ ଭୂମିକାଟି ସଂକ୍ଷିପ୍ତ ଥିଲେ ମଧ୍ୟ ତାହା ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ ପାଇଁ ଯଥେଷ୍ଟ ଥିଲା । ୨୦୦୮ରୁ ୨୦୧୦ ଯାଏ କଲର୍ସ ଟିଭିରେ ପ୍ରସାରିତ 'ବାଳିକା ବଧୂ' ଧାରାବାହିକ ହିଁ ଅବିକାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା । ଏହାପରେ ୨୦୧୧ରୁ ୨୦୧୬ ଯାଏ ପ୍ରସାରିତ ଧାରାବାହିକ 'ଶଶୁରାଲ ସିମର କା'ରେ ମଧ୍ୟ ଏକ ପ୍ରଭାବୀ ଭୂମିକାରେ ଅବତୀର୍ଣ୍ଣ ହୋଇ ସେ ଦର୍ଶକଙ୍କ ମନରେ ଏକ ସ୍ୱତନ୍ତ୍ର ଛାପ



ଛାଡ଼ିପାରିଥିଲେ । ଏହି ଅବସରରେ ସେ 'ମର୍ନିଂ ୱାକ୍', 'ପାଠଶାଳା' ଓ 'ତେଜ୍ ?' ଆଦି ହିନ୍ଦୀ ଫିଲ୍ମରେ ଅଭିନୟ କରି ଦର୍ଶକ ପରିସରକୁ ପରିବର୍ଦ୍ଧିତ କରିଥିଲେ ।

ସେହିପରି ୨୦୧୩ରେ ତେଲୁଗୁ ଫିଲ୍ମ 'ଉୟାଲା ଜମ୍ପାଲା'ରେ ଅବିକା ପ୍ରଥମ ପଦାର୍ପଣ ପୂର୍ବକ ଦକ୍ଷିଣ ଭାରତରେ ଚହଳ ପକାଇଥିଲେ । ପଛକୁ ପଛ ଆଉ ଚାରିଟି ତେଲୁଗୁ ସିନେମାରେ ଅଭିନୟ କରିବା ସହ ୨୦୧୫ରେ କନ୍ନଡ଼ ଫିଲ୍ମ 'କେୟାର ଅଫ୍ ଫୁଟପାଥ ୨'ରେ ତାଙ୍କର ଆବିର୍ଭାବ ମଧ୍ୟ ପ୍ରଶଂସା ସାଉଁଟିଥିଲା । ଚଳିତ ବର୍ଷ ମୁକ୍ତିଲାଭ କରିଥିବା ତେଲୁଗୁ ଫିଲ୍ମ 'ଟେନ୍ଥ କ୍ଲାସ ଡାଏରିଜ୍' ଓ 'ଥାଙ୍କ ୟୁ' ସମେତ କାଜାଖସ୍ତାନୀ ସିନେମା 'ଆଇ ଗୋ ଟୁ ସ୍କୁଲ' ଏବଂ ହିନ୍ଦୀ ଫିଲ୍ମ 'କାହାଣୀ ରବରବ୍ୟାଣ୍ଡ କି'ରେ ମଧ୍ୟ ଅବିକାଙ୍କ ଅଭିନୟ ବେଶ୍ ବାରି ହୋଇପଡୁଛି । 'ଝଲକ ଦିଖାଲା ଯା' ଓ 'ଖତରୋଁ କେ ଖିଲାଡ଼ି' ପରି ବାସ୍ତବଧର୍ମୀ ଧାରାବାହିକରେ ସାମିଲ ହୋଇ ସେ ଭିନ୍ନ ରୁଚିର ଦର୍ଶକମାନଙ୍କ ମନ କିଣିବାରେ ସମର୍ଥ ହୋଇଛନ୍ତି । ଏଥି ସହିତ ସଂଗୀତ ଭିଡିଓ 'ଡଗି', 'ଦିଲ୍ କୋ ମେରେ' ଓ 'କୁର୍ବାନ୍'ରେ ମଧ୍ୟ ଅବିକା ଭରପୂର ମନୋରଞ୍ଜନ ଯୋଗାଇପାରିଛନ୍ତି । ଦୀର୍ଘ ଦିନ ଧରି ଉଦ୍ୟୋଗୀ ମିଲିନ୍ଦ ଚାନ୍ଦ୍ୱାନିଙ୍କ ସହ ପ୍ରେମ ସମ୍ପର୍କରେ ଥିବା ନେଇ ଚର୍ଚ୍ଚା ହୋଇଆସୁଥିବା ବେଳେ ଅଭିନୟ ହିଁ ତାଙ୍କର ପ୍ରାଥମିକତା ବୋଲି ଅବିକା କହିଛନ୍ତି ।

# ପୂର୍ବତଟ ରେଳପଥ ପକ୍ଷରୁ ଭ୍ରଷ୍ଟାଚାର ମୁକ୍ତ ଭାରତ-ବିକଶିତ ଭାରତ ସମ୍ବନ୍ଧରେ କର୍ମଶାଳା

ଭୁବନେଶ୍ୱର ,୩/୧୧ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ପାଳନ ଅବସରରେ ବୁଧବାର ଏହାର ମୁଖ୍ୟାଳୟ ରେଳ ସଦନ ଠାରେ "ବିକଶିତ ରାଷ୍ଟ୍ର ପାଇଁ ଦୁର୍ନୀତିମୁକ୍ତ ଭାରତ" ସମ୍ବନ୍ଧରେ ଏକ ସେମିନାର ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶାର ପୂର୍ବତନ ମୁଖ୍ୟ ସଚିବ ବିଜୟ କୁମାର ପଟ୍ଟନାୟକ, ଆଇଏଏସ୍ (ଅବସରପ୍ରାପ୍ତ) ଯୋଗଦେଇ କହିଛନ୍ତି ଯେ ଆମର ଦୈନନ୍ଦିନ ଜୀବନରେ ଅଖଣ୍ଡତା ଏବଂ ସଚ୍ଚୋଟତାର ଗୁରୁତ୍ୱାରୋପ କରାଯିବ ଦରକାର । ସେ ଅଖଣ୍ଡତା ସହିତ ଆତ୍ମନିର୍ଭରଶୀଳତାର ସଂଜ୍ଞା, କାର୍ଯ୍ୟକ୍ଷେତ୍ରରେ ଏହାର ପ୍ରଭାବ ଏବଂ ଆମର ଦୈନନ୍ଦିନ ଜୀବନରେ ଏହାକୁ କିପରି ଅନୁସରଣ କରାଯିବ ସେ ବିଷୟରେ ବର୍ଣ୍ଣନା କରିଥିଲେ । ପୂର୍ବତଟ ରେଳପଥର କାର୍ଯ୍ୟକାରୀ ମହାପ୍ରବନ୍ଧକ ଶରଦ କୁମାର ଶ୍ରୀବାସ୍ତବ କାର୍ଯ୍ୟ ପରିବେଶରେ ଅଖଣ୍ଡତା ସହ ଆତ୍ମନିର୍ଭରଶୀଳ ହେବା ଏବଂ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ । ବିଭିନ୍ନ ବିଭାଗର ପ୍ରମୁଖ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ରେଳପଥର ବରିଷ୍ଠ ଉପ ମହାପ୍ରବନ୍ଧକ ତଥା ମୁଖ୍ୟ ସତର୍କତା ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ମଧ୍ୟ ଏହି ବିଷୟରେ ସେମାନଙ୍କର ବକ୍ତୃତା ରଖି କହିଥିଲେ ଯେ ଜଣେ କିପରି ଇଚ୍ଛାଠାରୁ ଉର୍ଦ୍ଧ୍ୱକୁ ଯାଇ ଆତ୍ମନିର୍ଭରଶୀଳ ହୋଇପାରିବ ସେଥିପ୍ରତି ଗୁରୁତ୍ୱାରୋପ କରିବା ଦରକାର ଯାହାଦ୍ୱାରା ଏକ ବିକଶିତ ରାଷ୍ଟ୍ର ପାଇଁ ଏକ ଦୁର୍ନୀତି ମୁକ୍ତ ଭାରତ ଅପରିହାର୍ଯ୍ୟ ହେବ ।

ଆଲୋଚନା ସମୟରେ ହିତାଧିକାରୀଙ୍କ ସହ କାରବାର ଏବଂ ଅଭିଯୋଗକୁ ନ୍ୟାୟପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଭାବରେ ସମାଧାନ କରିବାରେ ସ୍ୱଚ୍ଛତା ଉପରେ ପ୍ରାଧାନ୍ୟ ଦିଆଯାଇଥିଲା । ଏହା ବ୍ୟତୀତ, ଦ୍ରବ୍ୟ ଏବଂ ସେବା କ୍ରୟ କରିବା ସହିତ ଚୁକ୍ତିନାମା କରିବା ସମୟରେ ଅତ୍ୟନ୍ତ ସ୍ୱଚ୍ଛତା ଆଣିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ବିଭିନ୍ନ ଶିଳ୍ପ ସଂସ୍ଥା ପ୍ରତିନିଧି ମାନଙ୍କ ସହିତ ହିତାଧିକାରୀ ଏବଂ ରେଳ ଉପଭୋକ୍ତା ଯଥା ଇସ୍ପାତ କାରଖାନା, ବନ୍ଦର, ଯୋଗାଣକାରୀ, ବ୍ୟାଙ୍କ ଏବଂ କଂଟ୍ରାକ୍ଟରଙ୍କ ପ୍ରତିନିଧୀମାନେ ଏହି ଇଂଟରାକ୍ଟିଭ୍ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ମୂଲ୍ୟବାନ ମତ ଏବଂ ପରାମର୍ଶ ଉପସ୍ଥାପନ କରିଥିଲେ । ପୂର୍ବତଟ ରେଳପଥ ମୁଖ୍ୟ ସତର୍କତା ଅଧିକାରୀ ତଥା ବରିଷ୍ଠ ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ମହାପାତ୍ର ଏହି ଅଧିବେଶନକୁ ସଭାପତିତ୍ୱ କରିଥିଲେ ।

# ଉପକୂଳରେ ରାଜପଥ ଦାବିକରି ଶହେ କିମି ପଦଯାତ୍ରା

ଭୁବନେଶ୍ୱର ,୩/୧୧ (ନି.ପ୍ର): ଭାରତମାଳା ପରିଯୋଜନା ଅନ୍ତର୍ଗତ ପ୍ରସ୍ତାବିତ ଉପକୂଳ ରାଜପଥ ସ୍ଥାନାନ୍ତରଣ ପ୍ରତିବାଦ ଆଜି ରାଜଧାନୀ ରାଜରାସ୍ତାରେ ଦେଖିବାକୁ ମିଳିଥିଲା । ଜଗତସିଂହପୁର ଜିଲ୍ଲା ବାଲିକୁଦା ଅଞ୍ଚଳର ଯୁବ ସଂଗଠନ 'ଭଏସ୍ ଅଫ୍ ବାଲିକୁଦା'ର ସଦସ୍ୟମାନେ ପ୍ରାୟ ଶହେ କିଲୋମିଟର ପଦଯାତ୍ରାରେ ଆସି ରାଜଧାନୀରେ ପହଞ୍ଚିଥିଲେ । ହାତରେ ପ୍ଲାକାର୍ଡ, ବ୍ୟାନର ଧରି ଯୁବକମାନେ ପାଦରେ ଚାଲି ଚାଲି ପ୍ରତିବାଦ କରିଥିଲେ । ଆମ ରାଜପଥ ଫେରାଇ ଦିଅ ସ୍ଲୋଗାନ୍ ଦେଇ ସରକାରଙ୍କୁ ହକ୍ ମାଗିଥିଲେ । ନବୀନ ନିବାସ ଅଭିମୁଖେ ଯିବାକୁ ପୁଲିସ ନଦେବାରୁ ବିଧାନସଭା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ଉପକୂଳ ରାଜପଥ ସ୍ଥାନାନ୍ତରଣକୁ ଦୀର୍ଘ ଦିନ ଧରି 'ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି' ବିରୋଧ କରିଆସୁଛି । ଏହି କ୍ରମରେ 'ଭଏସ୍ ଅଫ୍ ବାଲିକୁଦା' ସଂଗଠନ ପକ୍ଷରୁ ସମୁଦ୍ର ତଟରେ ଥିବା ମରିଚପୁର ପଞ୍ଚାୟତ ମା' ବନ୍ଦରେଇ ପୀଠରେ ଗତ ୩୦ ତାରିଖରେ ଏକ ସଭା କରାଯାଇଥିଲା । ୩୧ ତାରିଖ ଦିନ ମରିଚିପୁର ବଜାରରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ନବୀନ ନିବାସ ଅଭିମୁଖେ ଯୁବକମାନେ ପଦଯାତ୍ରାରେ ବାହାରିଥିଲେ । ଗତକାଲି ରାତିରେ ନଖରା ନିକଟରେ ରାତ୍ରିଯାପନ ପରେ ଆଜି ସକାଳୁ ନବୀନ ନିବାସ ଅଭିମୁଖେ ବାହାରିଥିଲେ । ତେବେ ପୁଲିସ ଆନ୍ଦୋଳନକାରୀଙ୍କୁ ନବୀନ ନିବାସ ଯିବାକୁ ଦେଇନଥିଲା । ଶେଷରେ ଲୋୟର ପିଏମ୍‌ଜିରେ ଯୁବକମାନେ ଦିନ ସାରା ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସନ୍ଧ୍ୟାରେ ସଂଗଠନର ସଭାପତି କିଶୋର ମହାନ୍ତି, ସମ୍ପାଦକ ଆଲୋକ ବେହେରା, ବୃନ୍ଦାବନ ଜେନା ଓ ଆଶିଷ ସ୍ୱାଇଁ ପ୍ରମୁଖ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ଦାବିପତ୍ର ଦେବା ସହ ଆଲୋଚନା କରିଥିଲେ ।

ସଂଗଠନ ପକ୍ଷରୁ କୁହାଯାଇଛି ଯେ, ରାଜପଥକୁ ଉପକୂଳରେ କରାନଯାଇ ୨୫ କିମି ଦୂରକୁ ସ୍ଥାନାନ୍ତର କରାଯାଇଛି । ଯାହାର କୌଣସି ପ୍ରୟୋଜନ ନାହିଁ । ପରିବେଶ ସୁରକ୍ଷା ଦୃଷ୍ଟିରୁ ଚିଲିକା, ବାଲୁଖଣ୍ଡ ଓ ଭିତରକନିକା ଠାରୁ ଉପକୂଳ ରାଜପଥକୁ ଦୂରରେ ନେବା ପାଇଁ ଏକ୍ସପର୍ଟ ଆପ୍ରାଇଜାଲ୍ କମିଟି ପ୍ରସ୍ତାବ ଦେଇଥିଲେ । ବାଲୁଖଣ୍ଡ ନିକଟରେ ସମୁଦ୍ରଠାରୁ ମାତ୍ର ୫ କିମି ଦୂରରେ ଏହି ରାସ୍ତା ନିଆଯାଉଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଉପକୂଳଠାରୁ ୨୫ କିମି ଦୂରରେ ନିଆଯାଉଛି । ଉପକୂଳବାସୀଙ୍କ ନାର୍ଯ୍ୟ ଅଧିକାରକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଷଡ଼ଯନ୍ତ୍ର କରି ଛଡ଼ାଇ ନେଇଛନ୍ତି । ଏହି ରାଜପଥକୁ ଉପକୂଳବାସୀ ସ୍ୱାଗତ କରୁଥିବା ବେଳେ ନକ୍ସା-୩ ଅନୁସାରେ ୨୫ କିମି ଦୂରରେ ଯାଉଥିବା ସ୍ଥାନରେ ବିରୋଧ କରାଯାଉଛି । କାରଣ ୨୫ କିମି ଦୂରରେ ଥିବା ଲୋକମାନଙ୍କର ଗମନାଗମନର ବିଶେଷ ଅସୁବିଧା ନାହିଁ । ସେଠାରେ ଉପକୂଳ ରାଜପଥ ଗଲେ ଶହ ଶହ ଲୋକଙ୍କ ଘର ଭାଙ୍ଗିବ, ମୂଲ୍ୟବାନ ଜମି ଚାଲିଯିବ । ୨୦ ପ୍ରତିଶତ ଲୋକ ଭୂମିହୀନ ହୋଇଯିବେ । ହେଲେ ଉପକୂଳରେ ରାଜପଥ ହେଲେ ଜଗତସିଂହପୁର ଜିଲ୍ଲାରେ ପରିବେଶ ଉପରେ ବିଶେଷ ପ୍ରଭାବ ପଡ଼ିବ ନାହିଁ, କିମ୍ବା ସାଧାରଣ ଲୋକଙ୍କର ବଡ଼ କ୍ଷତି ହେବ ନାହିଁ । ଏଥିସହ ଉପକୂଳରେ ଅଧିକାଂଶ ସରକାରୀ ଜମି ରହିଥିବାରୁ ରାସ୍ତା ନିର୍ମାଣ ସୁରୁଖୁରୁରେ ହୋଇପାରିବ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଖୁବ୍ ଶୀଘ୍ର ଉଦ୍ଧାରକାରୀ ଟିମ୍ ପହଞ୍ଚି ପାରିବ । ଉପକୂଳବର୍ତ୍ତୀ ଅଞ୍ଚଳ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ, ତଟ ସୁରକ୍ଷା ବି ହୋଇପାରିବ । ଏହାଦ୍ୱାରା ଉପକୂଳବାସୀଙ୍କ ଅର୍ଥନୈତିକ ବିକାଶ ମଧ୍ୟ ହେବ । ତେଣୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଶ୍ରୀ ମହାପାତ୍ରଙ୍କ ନିକଟରେ ଦାବି କରିଛି ସଂଗଠନ । ଭଏସ୍ ଅଫ୍ ବାଲିକୁଦା ସହ ଉପକୂଳ ରାଜପଥ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ୍ୟ ଏକ ଦାବିପତ୍ର ଶ୍ରୀ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ତେବେ ଶ୍ରୀ ମହାପାତ୍ର ସକାରାତ୍ମକ ମତ ଦେବା ସହ ଖୁବ୍ ଶୀଘ୍ର ଏସମ୍ପର୍କରେ ସରକାର ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଥିବା ପ୍ରତିନିଧି ମଣ୍ଡଳୀ ସୂଚନା ଦେଇଛି । ଏଥିରେ ରାଜେଶ ମହାରଣା, ବିଜୟ ଦାସ, ଅଶ୍ୱିନୀ ରାଉତ, ସୁଧନ ମହାନ୍ତି, ଜିତୁ ବିଶ୍ୱାଳ, ମାନସ ବେହେରା, ଆଶିଷ ସ୍ୱାଇଁ, ବିକ୍ରମ ସ୍ୱାଇଁ, ଜଗନ୍ନାଥ ରାଉତଙ୍କ ନେତୃତ୍ୱରେ ଶତାଧିକ ଯୁବକ ସାମିଲ ହୋଇଥିଲେ ।

## ଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର ,୩/୧୧ (ନି.ପ୍ର): ଆର୍ଯ୍ୟାନ୍ ଆଲେକ୍‌ଜାଣ୍ଡାର ଦାଶ, ଇଂଟରନ୍ୟାସନାଲ ମ୍ୟାଥମେଟିକ୍ସ ଅଲିମ୍ପିଆଡ଼ରେ ବିଦ୍ୟାଳୟସ୍ତରରେ ପ୍ରଥମସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ସେ ନାରାୟଣ 'ଇ' ଟେକ୍ନୋ ସ୍କୁଲ, ୟୁନିଟ୍-୮, କଳିଙ୍ଗ ଭବନ ବ୍ରାଂଚ, ବିଦ୍ୟାଳୟରେ ଦ୍ୱିତୀୟ ଷ୍ଟାଣ୍ଡାର୍ଡ଼ରେ ଅଧ୍ୟୟନ କରନ୍ତି । ବିଦ୍ୟାଳୟର ପ୍ରିନ୍ସିପାଲ ଟି. ଶ୍ରୀଦେବୀ ସାର୍ଟିଫିକେଟ ଓ ସ୍ୱର୍ଣ୍ଣ ପଦକ ପିନ୍ଧାଇବା ଅବସରରେ ତାର ଉନ୍ନତିର ଭୂୟସୀ ପ୍ରଶଂସା କରିଛନ୍ତି । କେବଳ ପାଠ ନୁହେଁ, ବିଭିନ୍ନ କ୍ରୀଡ଼ା, ସଙ୍ଗୀତ, ଚିତ୍ରାଙ୍କନ ଆଦିରେ ସେ ନିଜର କୃତିତ୍ୱ ପ୍ରଦର୍ଶନ କରି ପ୍ରମାଣପତ୍ର ଲାଭ କରିଛନ୍ତି । ମାତ୍ର ସାଢେ ତିନିବର୍ଷ ବୟସରେ ବିସ୍ମୟ ବାଳକ ଭାବରେ ପ୍ରମାଣ ପତ୍ର ଓ ପୁରସ୍କାର ଲାଭ କରିଥିବା ଆର୍ଯ୍ୟାନ କଳିଙ୍ଗ ନଗର କେ-୮ସ୍ଥିତ ପିତା ଦେବବ୍ରତ ଦାଶ ଓ ମାତା ଖୁସି ଦାଶଙ୍କର ଜ୍ୟୋଷ୍ଠପୁତ୍ର ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡ. ଗଙ୍ଗୋତ୍ରୀ ଦେବୀ ଓ ଶ୍ରୀ ନିରଞ୍ଜନ ଦାଶଙ୍କ ନାତି ଅଟନ୍ତି ।

# ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧକ୍ଷଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ

ଭୁବନେଶ୍ୱର ,୩/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଅସିତ ତ୍ରିପାଠୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ଗତକାଲି ଅପରାହ୍ନରେ ସୋନପୁର ଠାରେ ପ୍ରସ୍ତାବିତ ପଶ୍ଚିମ ଓଡିଶା ବିକାଶ ପରିଷଦ ହ୍ୟାଣ୍ଡଲୁମ ମଲ୍ ର ଯୋଜନା ଓ ଅଗ୍ରଗତି ସମ୍ପର୍କରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହ ଜିଲ୍ଲାର ହ୍ୟାଣ୍ଡଲୁମ ବସ୍ତ୍ର ବୁଣାଳୀଙ୍କ ସହିତ ଆଲୋଚନା କରି ବୁଣାକାରମାନଙ୍କୁ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ରର ଚାହିଦା ଦୃଷ୍ଟିରୁ ନୂତନ ଡିଜାଇନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଜିଲ୍ଲାର ହ୍ୟାଣ୍ଡଲୁମ୍ ବସ୍ତ୍ରର ବଜାରୀକରଣକୁ ଅଧିକ ସୁଦୂରପ୍ରସାରି କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଗସ୍ତ ଅବସରରେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପଶ୍ଚିମ ଓଡିଶା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଅଜିତ କୁମାର ମିଶ୍ର, ଜିଲ୍ଲାପାଳ ଶ୍ରୀମତୀ ଆବୋଲୀ ସୁନିଲ ନରୱଣେ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଶ୍ରୀ ତ୍ରିପାଠୀ ବିନିକା ମାର୍କେଟ ୟାର୍ଡ଼ ଠାରେ ଡୁଙ୍ଗୁରିପାଲି ବ୍ଲକ୍ ର ଗଜବନ୍ଧ ଏବଂ ଗଣିଆ ସମେତ ଅନ୍ୟାନ୍ୟ ଗ୍ରାମରେ ଚାଷୀମାନଙ୍କ ସହିତ ମାଛ ଚାଷ ଓ ଅନ୍ୟାନ୍ୟ ଚାଷ ସମ୍ବନ୍ଧରେ ପଚାରି ବୁଝିଥିଲେ । ଚାଷୀମାନଙ୍କ ସହିତ ସେ ସମନ୍ୱିତ ଚାଷ, ଧାନ ବଜାର ଓ ବିକ୍ରି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ଚାଷୀମାନଙ୍କୁ କେବଳ ଧାନ ଚାଷ ନକରି ଅନ୍ୟ ଅଣଧାନ ତଥା ଅଧିକ ଲାଭକାରୀ ଚାଷ କରିବା ନିମନ୍ତେ ସେ ପରାମର୍ଶ ଦେଇଥିଲେ ଏହା ଦ୍ୱାରା ଜିଲ୍ଲାର ଚାଷ ଓ ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ । ଏହି ବୈଠକରେ ଡୁଙ୍ଗୁରିପାଲି ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏବଂ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କୁ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଭାବେ ଅବଗତ କରାଇଥିଲେ । ସନ୍ଧ୍ୟାରେ ଶ୍ରୀ ତ୍ରିପାଠୀ, ସୋନପୁର ଠାରେ ଥିବା ମିଶନ ଶକ୍ତି ଦ୍ୱାରା ପରିଚାଳିତ ସୁବର୍ଣ୍ଣାଶ୍ରୀ ଫରେଷ୍ଟ ପାର୍କ ପରିଦର୍ଶନ କରିଥିଲେ । ପରେ ଜିଲ୍ଲାପାଳଙ୍କ ସଭାଗୃହ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା ସମୀକ୍ଷା ବୈଠକରେ ଉପନିର୍ଦ୍ଦେଶକ ଯୋଜନା ଓ ପରିସଂଖ୍ୟାନ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଭାରପ୍ରାପ୍ତ ଅଧିକାରୀ, ସୁବର୍ଣ୍ଣପୁର, ପଶ୍ଚିମ ଓଡିଶା ବିକାଶ ପରିଷଦ ଯୋଜନାର ଅଗ୍ରଗତି ଓ ବିଭିନ୍ନ ପଦକ୍ଷେପ ଉପରେ ସୂଚନା ଗୃହରେ ଉପସ୍ଥାପନା କରିଥିଲେ । ଏହି ଅବସରରେ ଜିଲ୍ଲା ହସ୍ତତନ୍ତ, କୃଷି, ଶିଳ୍ପ, ମତ୍ସ୍ୟ, ଉଦ୍ୟାନ, ଓରମାସ୍ ଅଧିକାରୀମାନଙ୍କ ସହିତ ଅଧକ୍ଷ ଶ୍ରୀ ତ୍ରିପାଠୀ ଅଲୋଚନା କରି ଜିଲ୍ଲାର ଏକ କାର୍ଯ୍ୟ ଖସଡା କରି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ସମୟୋଚିତ ଭାବରେ ପଶ୍ଚିମ ଓଡିଶା ବିକାଶ ପରିଷଦ ଦ୍ୱାରା ଅନୁମୋଦିତ ପ୍ରକଳ୍ପଗୁଡିକୁ ସମାପ୍ତ କରି କାର୍ଯ୍ୟ ସମାପ୍ତ ସାର୍ଟିଫିକେଟ ଏବଂ ବିନିଯୋଗ ସାର୍ଟିଫିକେଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପ୍ରସ୍ତାବିତ ଧାରଣା ସ୍ଥଗିତ

ଜୟପୁର ,୩/୧୧ (ନି.ପ୍ର): ଆସନ୍ତା କାଲି ନଭେମ୍ବର -୩ ତାରିଖ ଠାରୁ କାଗଜ କଳ ଅବସରପ୍ରାପ୍ତ ଶ୍ରମିକ ମାନେ ପି ଏଫ୍, ପେନସନ ଏବଂ ବକେୟା ପାଉଣା ପାଇବା ପାଇଁ ଦାବି କରି କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଧାରଣାରେ ବସିବା ପାଇଁ କାଗଜ କଳ କର୍ତ୍ତୃପକ୍ଷ ଙ୍କୁ ନୋଟିସ୍ ଜାରି କରିଥିଲେ । ଇତିମଧ୍ୟରେ ଶ୍ରମିକ ମାନେ ମାନ୍ୟବର ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ସହ ସାକ୍ଷାତ କରି ସହଯୋଗ ଲୋଡ଼ିବା ରେ ସେ କୋରାପୁଟ ଜିଲ୍ଲାପାଳ ଙ୍କୁ ଯୋଗାଯୋଗ କରିଥିଲେ । ଜିଲ୍ଲାପାଳ ଙ୍କୁ ସବିଶେଷ ବିଷୟ ଜଣାଇବା ପାଇଁ ଜିଲ୍ଲାପାଳ ଆସନ୍ତା କାଲି ଅପରାହ୍ନ ଚାରିଟା ସମୟରେ ସମୟ ଧାର୍ଯ୍ୟ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଶ୍ରୀ ନନ୍ଦ ଅବସରପ୍ରାପ୍ତ ଶ୍ରମିକ ମାନଙ୍କୁ ଉପଦେଶ ଦେଇଥିଲେ ଯେ ଜିଲ୍ଲାପାଳ ଙ୍କୁ ଭେଟି ଆଲୋଚନା ପରେ ଆନ୍ଦୋଳନ କାର୍ଯ୍ୟ କ୍ରମ ନିଅନ୍ତୁ, ବର୍ତ୍ତମାନ ଦେଇଥିବା ନୋଟିସ୍ ପ୍ରକାରେ ଧାରଣା କୁ ସାମୟିକ ସ୍ଥଗିତ ରଖାଯାଉ । ପରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ସଭାରେ ମିଳିତ ହୋଇ ଆନ୍ଦୋଳନ କୁ ସାମୟିକ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା କାଲି ର ଜିଲ୍ଲାପାଳ ଙ୍କ ସହ ମିଟିଂ ପରେ ପୁଣି ବସି ପରବର୍ତ୍ତୀ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି ଜଣାଇଛନ୍ତି ।

## ଆଜି ବି ପଚାଶ ତଳେ ରାଜ୍ୟରେ ଦୈନିକ କରୋନା ସଂକ୍ରମଣ

ଭୁବନେଶ୍ୱର ,୩/୧୧ (ନି.ପ୍ର): ଆଜି ବି ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ପଚାଶ ତଳେ ରହିଛି । ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୨୨ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୧୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୯ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରେ ୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୧୦ଟି ଜିଲ୍ଲାରୁ ୨୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ସୁନ୍ଦରଗଡ଼ ଜିଲ୍ଲାରୁ ସର୍ବାଧିକ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧, କଟକରୁ ୪ ଜଣ, ଦେବଗଡ଼ରୁ ୨, ଯାଜପୁରରୁ ୨, ଝାରସୁଗୁଡ଼ାରୁ ୧, କେନ୍ଦ୍ରାପଡ଼ାରୁ ୧, ଖୋର୍ଦ୍ଧା ଜିଲ୍ଲାରୁ ୩, ସମ୍ବଲପୁରରୁ ୧ ଜଣ, ସୋନପୁରରୁ ୧, ସୁନ୍ଦରଗଡ଼ରୁ ୫ ଜଣ ଓ କ୍ଷେଟପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୩, ୩୬, ୨୧୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୩, ୨୬, ୭୨୮ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୨୩୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ସହର ପାର୍ଶ୍ୱବର୍ତ୍ତୀ ଅଂଚଳରେ ମୌଳିକ ସୁବିଧା ବିକାଶ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର ,୩/୧୧ (ନି.ପ୍ର): ପ୍ରମୁଖ ସହର ଗୁଡ଼ିକର ପାର୍ଶ୍ୱବର୍ତ୍ତୀ ଅଂଚଳମାନଙ୍କରେ ଗମନାଗମନ ସହ ମୌଳିକ ସେବା-ଭିତିଭୂମି ବିକାଶ ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନ ସଭାଗୃହରେ ରାଜଧାନୀ ସମେତ ବଡ଼ ବଡ଼ ମହାନଗର ନିଗମ ଅଂଚଳର ବିକାଶ ସମ୍ବନ୍ଧିତ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ ସହରାଂଚଳ ବିକାଶ ପାଇଁ ଆନ୍ତଃ-ବିଭାଗୀୟ ସମନ୍ୱୟ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ପାର୍ଶ୍ୱବର୍ତ୍ତୀ ଅଂଚଳରେ ଉତମ ରାସ୍ତା ତିଆରି ହେଲେ ସହରକୁ ଯିବା ଆସିବା ସୁଗମ ହେବ । ଟ୍ରାଫିକ୍ ଭିଡ଼ ଓ ଦୁର୍ଘଟଣା ଆଦି କମିବ । ତା ଛଡ଼ା ସହର ପାର୍ଶ୍ୱବର୍ତ୍ତୀ ଅଂଚଳରେ ଗୁଣାତ୍ମକ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ ଓ ନାଗରିକ ସେବାକେନ୍ଦ୍ର ଆଦି ବିକଶିତ ହେଲେ ଲୋକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ହେବ । ସହର ଉପରେ ମଧ୍ୟ ଆବାସିକ-ଚାପ କମିବ । ତେଣୁ ବିଭିନ୍ନ ପ୍ରମୁଖ ସହରର ପାର୍ଶ୍ୱବର୍ତ୍ତୀ ଅଂଚଳମାନଙ୍କରେ ରାସ୍ତା ପ୍ରଶସ୍ତିକରଣ ସହ ବିଭିନ୍ନ ମୌଳିକ ସେବାର ଉନ୍ନତି ପାଇଁ ଏକ ୫-ବର୍ଷିଆ କାର୍ଯ୍ୟ ଯୋଜନା ଚିଠା ପ୍ରସ୍ତୁତ କରିବା ନିମନ୍ତେ ଶ୍ରୀ ମହାପାତ୍ର ପୂର୍ତ୍ତ, ଗ୍ରାମ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳଯୋଗାଣ ଏବଂ ଜଳ ସଂପଦ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସହରକୁ ବିଭିନ୍ନ ଦିଗରୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକର ଚିହ୍ନଟ କରି ସେସବୁର ତାଲିକା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଚିହ୍ନିତ ରାସ୍ତା ଗୁଡ଼ିକ ମଧ୍ୟରେ ଆନ୍ତଃ-ସଂଯୋଗୀକରଣ ମାଧ୍ୟମରେ ଏକ ରୋର୍ଡ ନେଟ୍-ୱାର୍କ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏକ ମାସ ମଧ୍ୟରେ ଏହି କାର୍ଯ୍ୟ ଯୋଜନା ତିଆରି କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ପାନୀୟ ଜଳ ଓ ନର୍ଦ୍ଦମା ପାଇପ୍, ବିଭିନ୍ନ ପ୍ରକାର କେବୁଲ ଆଦି ନିମନ୍ତେ ସହର ମଧ୍ୟସ୍ଥ ରାସ୍ତାକୁ କାଟିବା, ପ୍ରଶସ୍ତିକରଣ ନିମନ୍ତେ ଚିହ୍ନିତ ରାସ୍ତା ଓ ଛକ ସ୍ଥାନମାନଙ୍କରୁ ବିଦ୍ୟୁତ ଓ ଟେଲିଫୋନ୍ ଆଦି ଖୁଣ୍ଟ ସ୍ଥାନାନ୍ତର କରିବା ଆଦି ବିଷୟରେ ବୈଠକରେ ସବିଶେଷ ଆଲୋଚନା ହୋଇ ଏ କ୍ଷେତ୍ରରେ ରହିଥିବା ସମସ୍ୟାର ଆଶୁ ସମାଧାନ ପନ୍ଥା ନିର୍ଦ୍ଧାରଣ କରାଯାଇଥିଲା ।

# ରାଜଭବନରୁ ଚନ୍ଦନଗଛ ଚୋରି

ଭୁବନେଶ୍ୱର ,୩/୧୧ (ନି.ପ୍ର): ରାଜ୍ୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ସୁରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ କୁହାଯାଉଥିବା ରାଜଭବନକୁ ସୁରକ୍ଷା ଦେଇପାରୁନି କମିସନରେଟ୍ ପୁଲିସ । ରାଜଭବନ ପରିସରରୁ ଲକ୍ଷାଧିକ ଟଙ୍କାର ଚନ୍ଦନଗଛ ଚୋରି ହୋଇଯାଇଛି । ରାଜଭବନ ପକ୍ଷରୁ ବିଧିବଦ୍ଧ ଭାବରେ ଏତଲା ଦିଆଯିବା ପରେ କ୍ୟାପିଟାଲ୍ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଗତ କାଲି ଦିଆଯାଇଥିବା ଏତଲାକୁ ୪୮ ଘଣ୍ଟା ପୂରିଥିଲେ ମଧ୍ୟ ପୁଲିସ ଚୋରଙ୍କ ପାଖରେ ପହଞ୍ଚି ପାରି ନାହିଁ । କେବଳ ସିସିଟିଭି ଫୁଟେଜ୍ ଯାଞ୍ଚ କରି ବସିଯାଇଛି । ରାଜଭବନ ପରିସରରେ ଏକ ହରିଣ ପାର୍କ ରହିଛି । ଶହ ଶହ ହରିଣ ଏଠାରେ ମୁକ୍ତ ବିଚରଣ କରୁଛନ୍ତି । ଏହି ପାର୍କକୁ ଲାଗି ଚନ୍ଦନ ଗଛ ସମେତ ବିଭିନ୍ନ କିସମର ଶହ ଶହ ଗଛ ରହିଛି । ବିନାନୁମତିରେ ରାଜଭବନକୁ କାହାରିକୁ ପ୍ରବେଶ କରାଇ ଦିଆଯାଉ ନାହିଁ । ସୁଉଚ୍ଚ ପାଚେରି ରାଜଭବନକୁ ଘେରି ରହିଥିବା ବେଳେ ସମଗ୍ର ଅଞ୍ଚଳ ସିସିଟିଭି ନଜରରେ ରହିଛି । ମୁଖ୍ୟ ଫାଟକରେ ୨୪ ଘଣ୍ଟିଆ ସୁରକ୍ଷା କର୍ମୀ ନିୟୋଜିତ ହେବା ସହ ସ୍ୱତନ୍ତ୍ର ପୁଲିସ ଅଫିସର ମଧ୍ୟ ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ଏ ସବୁ ଭିତରେ ଚନ୍ଦନ ଗଛ କାଟି ଗଣ୍ଡିକୁ ବାହାରକୁ ବୋହି ନେବା ଏକ ପ୍ରକାର ଅସମ୍ଭବ କାମ ହୋଥିଲେ ମଧ୍ୟ ଦୁର୍ବୃତ୍ତ ଏହି କାମରେ ସଫଳ ହୋଇଛି ।

ତେବେ ଏ ନେଇ କ୍ୟାପିଟାଲ ଥାନା ପୁଲିସ କହିଛି ଯେ ଏକାଧିକ ଚନ୍ଦନ ଗଛ ଚୋରି ହେବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ମିଛ । ବରଂ ଗୋଟିଏ ଗଛ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଆମେ ସିସିଟିଭି ଫୁଟେଜ୍ ଯାଞ୍ଚ କରି ଚୋରକୁ ଚିହ୍ନଟ କରିବାକୁ ଉଦ୍ୟମ କରୁଛି । କେତେକ ସନ୍ଦିଗ୍ଧଙ୍କ ଉପରେ ମଧ୍ୟ ନଜର ରଖିଛୁ । ଖୁବ୍‌ଶୀଘ୍ର ଆମେ ଚୋରକୁ ଧରିବା ସହ କାଠ ଜବତ କରିବୁ ବୋଲି କହିଛି ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

ଭବାନୀପାଟଣା ,୩/୧୧ (ନି.ପ୍ର): ଆଜି କଳାହାଣ୍ଡି ଜିଲ୍ଲା ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରାର ଉଦଜାପନୀ ଅବସରରେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର ମହାସମାରୋହରେ ବୋରଭଟା ଠାରୁ ବୋରଡ଼ା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ । ଏହି ଶୁଭ ମୁହୁର୍ତରେ ବେଲପଡା ଠାରେ ଅଂଚଳ ବାସୀ ତଥା ମହିଳା ଗୋଷ୍ଠୀ ମାନେ ବନ୍ଦାପନା, ହୁଳହୁଳିରେ ବରଣ୍ୟ ସାଂସଦ ସୁଜିତ କୁମାରଙ୍କୁ ପାଛୋଟି ନେଇଥିଲେ । ପଦଯାତ୍ରା ପରେ ବେଲପଡା ଠାରେ କ୍ଲବ ଗୃହ ଓ଼ ଗାୟତ୍ରୀ ମଣ୍ଡପକୁ ଲୋକାର୍ପଣ କରିଥିଲେ ଏବଂ ଅଂଚଳର ବିଭିନ୍ନ ସମସ୍ୟାକୁ ଯଥା ଶୀଘ୍ର ସମାଧାନ କରିବା ସହ ବୋରଭଟା ବିଦ୍ୟାଳୟକୁ ୬ ଲକ୍ଷ ଟଙ୍କା ଏମ. ପି. ପାଣ୍ଠିରୁ ଦେବାକୁ ଘୋଷଣା କରିଥିଲେ । ଏହାପରେ ବୋରଡ଼ା ନିକଟସ୍ଥ ଉଡ଼ନ୍ତି ନଦୀରେ ଅଧାପନ୍ତରିଆ ବେରେଜକୁ କାର୍ଯ୍ୟକ୍ଷମ କରିବା ସହ ତେଲ ନଦୀରେ ମେଗା ପ୍ରୋଜେକ୍ଟ କରି ମିଲକି ଅଂଚଳକୁ ଜଳ ଯୋଗାଇବାର ବ୍ୟବସ୍ଥା କରିବାକୁ ଏକ ଦାବିପତ୍ର ସାଂସଦଙ୍କୁ ଦିଆଯାଇଥିଲା । ବୋରଡ଼ା ଠାରୁ ଖୋଲପଲା ପର୍ଯ୍ୟନ୍ତ ପିଏମଜିଏସ ରାସ୍ତାକୁ ମରାମତି ଜରୁରୀ ଥିବା, ସମସ୍ତ ସମସ୍ୟା ପ୍ରତି ଧ୍ୟାନ ଦେବା ବୋଲି ତଥା ଅଂଚଳର ବିକାଶ ହେଲେ ଦେଶର ବିକାଶ ହେବ ବୋଲି ଆଲୋଚନା ହୋଇଥିଲା । ଏହି ଜନ ସମ୍ପର୍କ ପଦଯାତ୍ରାରେ ସୁଜିତ କୁମାର ରାଜ୍ୟ ସଭା ସଦସ୍ୟ, ପୂର୍ବତନ ବିଧାୟକ ଅନାମ ନାଏକ, ମଂଟୁ ନାଏକ ଯୁବ ବିଜେଡି ରାଜ୍ୟ ଉପ ସଭାପତି, ପ୍ରଶାନ୍ତ ନାଏକ ଏସ ସି ସେଲ ଜିଲ୍ଲା ସଭାପତି, ଅବିନାଶ ଠାକୁର, ସୁଶୀଲ କୁମାର ସାହୁ ବ୍ଲକ ଯୁବ ସଭାପତି, ଅଶ୍ୱିନୀ ଭୋଇ, ପ୍ରଦୀପ କୁମାର ଭୋଇ, ନରେଶ ହରିଜନ, ବିବେକ ରଞ୍ଜନ ନାଗ ସରପଂଚ ସମେତ ପ୍ରମୁଖ ବିଜେଡି କର୍ମକର୍ତ୍ତା ପଦଯାତ୍ରାରେ ସାମିଲ ହୋଇ ସରକାରଙ୍କ ବିକାଶମୂଳକ ଯୋଜନା କାର୍ଯ୍ୟ ସବୁ ପ୍ରଚାର ପ୍ରସାର କରିଥିଲେ ।

# ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର ,୩/୧୧ (ନି.ପ୍ର): ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି । ବିପ୍ଳବୀ ଜୟୀ ରାଜଗୁରୁ ଥିଲେ ଦେଶଭକ୍ତ, ପରମଯୋଗୀ, ବିଚକ୍ଷଣ କୁଟନୀତିଜ୍ଞ, ଅର୍ଥନୀତି ବିଶାରଦ ଓ ଶ୍ରେଷ୍ଠ ସଂଗଠକ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି । ଆଜିର ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଲେ ଯେ ଦେଶ ସ୍ୱାଧୀନତାର ପ୍ରଥମ ସଂଗ୍ରାମୀ ଯୋଦ୍ଧା ବିପ୍ଳବୀ ଜୟୀ ରାଜଗୁରୁ ମାଟିମାଆର ସମ୍ମାନ ରକ୍ଷା ପାଇଁ ନିଜର ଜୀବନ ଉତ୍ସର୍ଗ କରିଥିଲେ । ବହୁବିଧ ବିଦ୍ୟାର ଅଧିକାରୀ କାଳଜୟୀ ପୁରୁଷ ଜୟୀ ରାଜଗୁରୁ ସମାଜର ହିତ ପାଇଁ ନିଷ୍ଠାପର ଭାବେ କାର୍ଯ୍ୟ କରିଯାଇଛନ୍ତି । ପୂର୍ବତନ ମନ୍ତ୍ରୀ ସଂଜୟ କୁମାର ଦାସବର୍ମା ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଅକ୍ଳାନ୍ତ ପରିଶ୍ରମ ଏବଂ ସାଂଗଠନିକ ଦକ୍ଷତା ଯୋଗୁଁ ଓଡ଼ିଶାର ମାଟିମାଆକୁ ଭଲ ପାଉଥିବା ବହୁ ବୀରସନ୍ତାନଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଉଜ୍ଜୀବିତ ହେବା ସହ ବ୍ରିଟିଶମାନଙ୍କ ବିରୁଦ୍ଧରେ ଲଢ଼ିବା ପାଇଁ ସେମାନଙ୍କୁ ପ୍ରେରଣା ଯୋଗାଇଥିଲା । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମର ଅଧକ୍ଷ ଡ. ଲେଲିନ୍ ମହାନ୍ତି ତାଙ୍କ ବକ୍ତବ୍ୟରେ ବିପ୍ଳବୀ ଜୟୀ ରାଜଗୁରୁଙ୍କୁ ପ୍ରଥମ ମୁକ୍ତିସଂଗ୍ରାମର ଯୋଦ୍ଧା ଭାବେ ଅଭିହିତ କରିବା ସହ ଓଡ଼ିଶାର ବୀର ସନ୍ତାନମାନଙ୍କର ସେ ପ୍ରେରଣାର ଉତ୍ସ ଥିଲେ ବୋଲି ପ୍ରକାଶ କରିଥିଲେ । ରେଭେନ୍ସା ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ବରିଷ୍ଠ ପ୍ରାଧ୍ୟାପିକା ପ୍ରଫେସର ବିନୋଦିନୀ ଦାସ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଜୀବନୀ ସଂପର୍କରେ ବହୁ ତଥ୍ୟ ଉପସ୍ଥାପନ କରି ତାଙ୍କୁ ଜଣେ ଉଚ୍ଚକୋଟୀର ସ୍ୱୟଂସଂପୂର୍ଣ୍ଣ ବ୍ୟକ୍ତି ତଥା ନିଷ୍ଠାପର କର୍ମବୀର ଏବଂ ପରାକ୍ରମୀ ଯୋଦ୍ଧା ଭାବେ ବର୍ଣ୍ଣନା କରିଥିଲେ ।

ଉତ୍ସବରେ ପୌରୋହିତ୍ୟ କରି ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଲେ ଯେ ଜୟୀ ରାଜଗୁରୁଙ୍କ କର୍ମମୟ ଜୀବନ ସର୍ବଦା ସମାଜର ହିତ ପାଇଁ ପ୍ରେରିତ ଥିଲା ଏବଂ ତାଙ୍କ ଅବଦାନର ପ୍ରାସଙ୍ଗିକତା ଯୁବପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ । ସଭା ପ୍ରାରମ୍ଭରେ ଅତିଥିମାନେ ମହାନ ବିପ୍ଳବୀ ଜୟୀ ରାଜଗୁରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ପ୍ରକାଶିତ ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ ଉପରେ ଆଧାରିତ ଏକ ଗବେଷଣାତ୍ମକ ସଂକଳନ ଅତିଥିମନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦର ସଂପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସଂଚାଳନ କରିଥିଲେ । ସଭା ପରେ ସ୍ମୃତି ପରିଷଦ ତରଫରୁ ଗୀତଗୋବିନ୍ଦ ଏବଂ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସକାଳେ ଭୁବନେଶ୍ୱରସ୍ଥିତ ଏ.ଜି. ଛକଠାରେ ଶହୀଦ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତିରେ ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ବିଭାଗୀୟ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଥିଲେ । ପରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ପୁରୀ ଆନୁକୁଲ୍ୟରେ ଜୟଦେବ ଭବନଠାରେ 'ଓଡ଼ିଶା ତଥା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି-ଜୟୀ ରାଜଗୁରୁଙ୍କ ଜୀବନୀ ଓ ଅବଦାନ' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ।

## ଧର୍ମ-ସଂସ୍କୃତି-ପରଂପରାର ମାସ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ । ସେ ଦିନ ପ୍ରତ୍ୟୁଷରୁ ଆବାଳ- ବୃଦ୍ଧା- ବନିତା ନଦୀ ବା ପୁଷ୍କରଣୀରେ ବୁଡ ପକାଇ କଦଳୀ ବାହୁଙ୍ଗା ବା ସୋଲ ତିଆରି ଖେଳଣା ଡଙ୍ଗାରେ ଦୀପ ଜାଳି ଓ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି । ଏହି ସମୟରେ ସମସ୍ତେ ଉତ୍ ଫୁଲ୍ଲିତ ଚିତ୍ତରେ ଗାନ କରନ୍ତି 'ଆ କା ମା ବୈ, ପାନ ଗୁଆ ଥୋଇ ପାନ ଗୁଆ ତୋର, ମାସକ ଧରମ ମୋର ।' ଏହି ଆନନ୍ଦ ଉଲ୍ଲାସ ଅବସରରେ ଗଭୀର ଭକ୍ତି ସହକାରେ ପ୍ରତ୍ୟେକ ପୁଣ୍ୟ ଅର୍ଜନ ସକାଶେ ମାନସିକ କରିଥାନ୍ତି । ସାଧାରଣତଃ ଦୃଢ ବିଶ୍ୱାସ ରହିଛି ଯେ ଏହିଦିନ ପ୍ରତ୍ୟୁଷରୁ ସ୍ନାନପୂର୍ବକ ଦେବଦର୍ଶନ କଲେ ସମସ୍ତ ପ୍ରକାର ପାପ ନାଶ ହୋଇଥାଏ । ଅପରପକ୍ଷରେ ଆଷାଢ଼,କାର୍ତ୍ତିକ, ମାଘ ଓ ବୈଶାଖ- ଏଇ ଚାରିମାସ ହେଉଛି ସୂର୍ଯ୍ୟଙ୍କର ଅୟନାନ୍ତ କାଳ । ସମ୍ଭବତଃ ଏହି ଅୟନାନ୍ତ ଦିବସମାନଙ୍କରେ ସୌରଦେବଙ୍କ ଉପାସନା କରାଯିବା ବିଧି ବ୍ୟବସ୍ଥା ରହିଛି । ପୌରାଣିକ ଅନୁଧ୍ୟାନରୁ ସ୍ପଷ୍ଟ ହୋଇଛି ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ । ତେଣୁ ଏହି ଚାରିମାସର ଆଦ୍ୟବର୍ଣ୍ଣ 'ଆ କା ମା ବୈ' ସାଧାରଣ ଜନଜୀବନକୁ ଯେ ପ୍ରଭାବିତ କରୁ ନ ଥିବ ତାହା କୁହାଯାଇ ନପାରେ । ହୁଏତ ଗଙ୍ଗା ବା ଲକ୍ଷ୍ମୀନାରାୟଣ ଉପାସନା କରିବା ମୂଳରେ ଓଡ଼ିଶାର ନରନାରୀ ଜଳରେ ସ୍ୱଦେଶ ସଂସ୍କୃତିର ପ୍ରତୀକ ଉପାସନା ସାମଗ୍ରୀ ତାମ୍ବୁଳ, ଅକ୍ଷତ ଓ ତିଳ ନିକ୍ଷେପ ପୂର୍ବକ ପ୍ରତିଦାନ ସ୍ୱରୂପ ଦେବତାଙ୍କ ଠାରୁ ପୁଣ୍ୟ କାମନା କରିଥାନ୍ତି । ଏହି ଅବକାଶରେ ଶ୍ୟାମଦେଶ (ଥାଇଲ୍ୟାଣ୍ଡ )ରେ କଦଳୀପଟୁଆ ନିର୍ମିତ ଛୋଟଛୋଟ ଡଙ୍ଗା ଭସାଇବା ପରମ୍ପରା ଏବେ ମଧ୍ୟ ପ୍ରଚଳିତ ଅଛି ।

ଏହି କାର୍ତ୍ତିକ ପୂର୍ଣ୍ଣିମା ଅବକାଶରେ ପ୍ରାଚୀନ ଉତ୍କଳର ରାଜଧାନୀ ଐତିହାସିକ କଟକନଗରୀ ଉପକଣ୍ଠସ୍ଥ ବାରବାଟୀ ଦୁର୍ଗ ନିକଟବର୍ତ୍ତୀ ପଡ଼ିଆରେ ଅନୁଷ୍ଠିତ ବାଲିଯାତ୍ରାର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ , ସେତିକି ସମଗ୍ର ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଛି । ଏସବୁ ଦୃଷ୍ଟିରୁ କହିବାକୁ ଗଲେ କାର୍ତ୍ତିକ ପୂର୍ଣ୍ଣିମା ଓଡ଼ିଶାର ଏକ ପ୍ରଧାନ ଉତ୍ସବ ପାଲଟି ଯାଇଛି । ଉତ୍କଳର ବିଲୁପ୍ତ ନୌପରମ୍ପରା ସହିତ ଏହାର ସଂପୃକ୍ତି ବହୁଭାବରେ ସ୍ୱୀକୃତ ଲାଭ କରିଛି । ଫଳତଃ ଏକ ସୁଦୃଢ ଧର୍ମ-ସଂସ୍କୃତି-ପରଂପରାର ମାସ କାର୍ତ୍ତିକ ପାଲଟି ଯାଇଛି..!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋ : ୯୦୪୦୧୫୧୪୭୫

## ବେଗୁନାପଟା ପିଲାଙ୍କ ଦୁଃଖ, ବର୍ଷାଦିନରେ ପାଠପଢ଼ା ଠପ୍

ଉଦଳା,୦୩/୧୧ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧର ପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ବେଗୁନାପଟା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଲେ । ଫଳରେ ଉକ୍ତ ଗ୍ରାମର ୨୫ ଜଣ ଛାତ୍ରଛାତ୍ରୀଙ୍କୁ ନିୟମିତ ପାଦରେ ଚାଲି ଚାଲି ୫ କି:ମି: ଦୂରରେ ଥିବା ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟକୁ ଯିବାକୁ ପଡୁଛି । ଖାଲି ସେତିକି ନୁହେଁ ପିଲାମାନେ ଏପରି ବିପଦ ସଂକୁଳ ରାସ୍ତା ପାରି ହୋଇ ଆସୁଛନ୍ତି ଯେ କେଉଁ ମୂହୁର୍ତ୍ତରେ କିଛି ବି ଅଘଟଣ ଘଟିବାର ସମ୍ଭାବନା ରହିଛି । ବର୍ଷାଦିନରେ ଏହି ରାସ୍ତା ଦେଇ ପାଦରେ ଚାଲିଚାଲି ଯିବା ସମ୍ଭବ ହେଉନଥିବାରୁ ପିଲାମାନେ ବାଧ୍ୟ ହୋଇ ବିଦ୍ୟାଳୟକୁ ନଯାଇ ପାଠ ପଢ଼ା ବନ୍ଦ କରନ୍ତି । ପିଲାମାନଙ୍କର ଏପରି ଦୁର୍ଦ୍ଦଶା ଦେଖି ସରକାର ପୁଣି ଥରେ ବେଗୁନାପଟା ବିଦ୍ୟାଳୟଟିକୁ ଖୋଲିବା ପାଇଁ ଅନୁମତି ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି ।

## ଡ୍ରେନ ଉପରୁ ଜବର ଦଖଲ ଉଚ୍ଛେଦ

ନୀଳଗିରି,୦୩/୧୧ (ନି.ପ୍ର): ନୀଳଗିରି ସହରର ଡ୍ରେନ ଅବରୋଧ ଯୋଗୁଁ ବର୍ଷା ଜଳ ନିଷ୍କାସନ ହୋଇ ପାରୁ ନ ଥିବା ବେଳେ ବର୍ଷା ଜଳ ରାସ୍ତାରେ ଜମାଟ ହୋଇ ରହୁଥିଲା । ଏହାକୁ ଗୁରୁତ୍ୱ ଦେଇ ଏନ.ଏ.ସି. କର୍ତ୍ତୃପ ଲକ୍ଷ୍ମୀବଜାରର ଜବରଦଖଲ କରିଥିବା ଦୋକାନୀଙ୍କୁ ସାତ ଦିନିଆ ନୋଟିସ ମଧ୍ୟ ଜାରି କରିଥିବା ବେଳେ ଗୁରୁବାର ଦିନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବଡୁ, ସହକାରୀ ଜିଲ୍ଲାପାଳ ସିଦ୍ଧାର୍ଥ ପରିଡ଼ା, ନୀଳଗିରି ଥାନାର ସବ୍‌ଇନିସ୍‌ପେକ୍ଟର ବିରଂଚି ସାହୁ, ସମେତ ପୋଲିସ ଫୋର୍ସ, ବିଦ୍ୟୁତ୍ ବିଭାଗର କର୍ମଚ଼ରୀ, ନୀଳଗିରି ଏନ.ଏ.ସି. କର୍ମଚାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଅଛି । ଏନ.ଏ.ସି.ର ଉପନଗରପାଳ ମହେନ୍ଦ୍ର ନାଥ ବେହେରା ମଧ୍ୟ ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଇଭିଏମରେ ସିଲ୍ ହେଲା....

ତେବେ ଗୋଟିଏ ଦୁଇଟି ସ୍ଥାନରେ କାଁ ଭାଁ ବିଶୃଙ୍ଖଳାକୁ ଛାଡି ଦେଲେ ମୋଟାମୋଟି ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି । ବହୁ ପ୍ରତିକ୍ଷୀତ ଧାମନଗର ଉପନିର୍ବାଚନ ପାଇଁ ଶେଷ ହୋଇଛି ମତଦାନ । ଧାମନଗର ପାଇଁ ନେତା ବାଛିଛନ୍ତି ଧାମନଗରର ଭୋଟର । ଆଉ ଇଭିଏମରେ ସିଲ୍ ହୋଇଯାଇଛି ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ୫ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟ । ଧାମନଗର ଉପନିର୍ବାଚନ ଉପରେ ସାରାରାଜ୍ୟର ନଜର ରହିଥିବାବେଳେ, ଭୋଟ ଦେବାକୁ ଧାମନଗରବାସୀଙ୍କ ଭିତରେ ବି ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା । ସକାଳୁ ସକାଳୁ ଭୋଟ ଗ୍ରହଣ କେନ୍ଦ୍ରରେ ଧାଡି ଲଗାଇଥିଲେ ଭୋଟର । ଆଉ ଗଣତନ୍ତ୍ରର ମହାନ ପର୍ବରେ ସାମିଲ ହୋଇ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରିଛନ୍ତି । ଧାମନଗରରେ ଭୋଟ ଗ୍ରହଣକୁ ନେଇ ମାହୋଲ ସରଗରମ ଥିବାବେଳେ ବୁଥମାନଙ୍କରେ ଦେଖିବାକୁ ମିଳିଥିଲା ରୋଚକ ଦୃଶ୍ୟ । ସ୍କୁଲର ପିଲାମାନେ ସ୍ୱେଚ୍ଛାସେବୀ ଭାବେ ବୟସ୍କ ଲୋକମାନଙ୍କୁ ମତଦାନ କେନ୍ଦ୍ରକୁ ନେବା ସହ ଭୋଟ ଦେବାରେ ସହାୟତା କରିଥିଲେ । ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍କୁଲ ପିଲାମାନେ ଏହି ସେବା ଯୋଗାଇଥିଲେ ।

### ଜେଲ ଭିତରେ ସତ୍ୟେନ୍ଦ୍ରଙ୍କୁ ....

ଆଣିନି କୋର୍ଟରେ ସିସିଟିଭି ଫୁଟେଜ ସହ କୋର୍ଟରେ ସତ୍ୟପାଠ ଦାଖଲ କରିଛି । ଇଡିର ଅଭିଯୋଗକୁ ନେଇ ଆକ୍ସନ ମୁଡକୁ ଆସିଛି କେନ୍ଦ୍ର ଗୃହମନ୍ତ୍ରାଳୟ । ତୁରନ୍ତ ଦିଲ୍ଲୀ ସରକାରରଙ୍କୁ ଚିଠି ଲେଖି ଏହି ବାବଦରେ ଜବାବ ମଗାଯାଇଛି । ଜେଲର ସିସିଟିଭି ଫୁଟେଜ ଏକଥା ମଧ୍ୟ ବଖାଣୁଛି କି ସେଲରେ ଥିବା ଅନ୍ୟ କଏଦୀ କିଭଳି ଭାବେ ଜୈନଙ୍କ ସେଲକୁ ଆସନ୍ତି ଓ ଘଂଟା ଘଂଟା ଧରି କଥା ହୁଅନ୍ତି । ଇଡି ଏକଥା ମଧ୍ୟ କହିଛି କି ପୂର୍ବରୁ ସତ୍ୟେନ୍ଦ୍ର ଜୈନ ଜେଲ ମନ୍ତ୍ରୀ ଥିଲେ ଓ ଏହାର ଫାଇଦା ଉଠାଇ ଜେଲରେ ସବୁ ପ୍ରକାର ସୁବିଧା ପାଉଥିଲେ । ସେପଟେ ତିହାଡ ଜେଲ ପ୍ରଶାସନ ଏହା ଉପରେ ଜବାବ ରଖିଛି । ଇଡି ଯେଉଁ ଅଭିଯୋଗ କରୁଛି ସେଥିରେ କୌଣସି ସତ୍ୟତା ନାହିଁ । ଅନ୍ୟ କଏଦୀଙ୍କ ପରି ସତ୍ୟେନ୍ଦ୍ର ଜେଲରେ ଦିନ କାଟୁଛନ୍ତି ଓ କଏଦୀଙ୍କ ସହ କଥା ହୁଅନ୍ତି ବୋଲି ତିହାଡ ଜେଲ ପ୍ରଶାସନ କହିଛି । କିଛି ଦିନ ପୂର୍ବରୁ ଦିଲ୍ଲୀ ମଣ୍ଡୋଲି ଜେଲରେ ଥିବା ମହାଠକ ସୁକେଶ ଚନ୍ଦ୍ରଶେଖର ସତ୍ୟେନ୍ଦ୍ରଙ୍କ ଉପରେ କୋଟି କୋଟି ଟଙ୍କା ଲାଂଚ ନେଇଥିବା ଅଭିଯୋଗ କରିଥିଲା । ଯାହାକୁ ନେଇ ଦିଲ୍ଲୀ ରାଜନୀତିରେ ହଇଚଇ ସୃଷ୍ଟି ହେବା ସହ କାଉଂଟର କରିଥିଲା ବିଜେପି । ସେପଟେ ଆପ କହିଥିଲା କି ମୋରବୀ ଦୁର୍ଘଟଣା ଉପରୁ ଧ୍ୟାନ ହଟାଇବା ପାଇଁ ସୁକେଶ କାନ୍ଧରେ ବନ୍ଧୁକ ରଖି ବିଜେପି ଆମ ଆଦମୀ ପାର୍ଟି ଉପରେ ଗୁଳିଚଳାଉଛି ।

### ରାଲି ବେଳେ ଗୁଳିମାଡ଼, ଇମ୍ରାନ....

ସେମାନଙ୍କୁ ଗୁଳି ବାଜିଛି । ପଞ୍ଜାବ ପ୍ରଦେଶର ଗଭର୍ଣ୍ଣର ଓ ଇମ୍ରାନ ଖାନଙ୍କ ଜଣେ ସହଯୋଗୀଙ୍କୁ ବି ଗୁଳି ବାଜିଛି । ପାକିସ୍ତାନର କିଛି ଗଣମାଧମ କହିଛନ୍ତି, ପୂର୍ବତନ ପ୍ରଧାନମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଉଦ୍ୟମ କରାଯାଇଛି । ପାକିସ୍ତାନର ତେହେରିକ-ଏ-ଇନସାଫ ପାର୍ଟି କହିଛି, ଇମ୍ରାନଙ୍କ ଉପରେ ନୁହେଁ ବରଂ ପାକିସ୍ତାନ ଉପରେ ଆକ୍ରମଣ ହୋଇଛି । ଗୁଳିମାଡ ପରେ ଇମ୍ରାନ ଖାନଙ୍କ ଗୋଡରେ ପଟି ବନ୍ଧାଯାଇଥିବା ଦେଖାଯାଇଥିଲା । ଇମ୍ରାନ ଖାନ ୨୦୧୮ ମସିହାରୁ ଚଳିତବର୍ଷ ଏପ୍ରିଲ ଯାଏଁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଥିଲେ । ପାକିସ୍ତାନ ସଂସଦରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା । ଏହା ପରେ ପାକିସ୍ତାନ ମୁସଲିମ ଲିଗ ( ନୱାଜ) ଗୋଷ୍ଠୀର ଶେହନାଜ ସରିଫ ପ୍ରଧାନମନ୍ତ୍ରୀ ହୋଇଥିଲେ । ବର୍ତ୍ତମାନ ସରକାର ବିରୋଧରେ ଇମ୍ରାନ ଆନ୍ଦୋଳନ ଜାରି ରଖିଛନ୍ତି । ଇମ୍ରାନ ଖାନଙ୍କ ଉପରେ ଏହି ଆକ୍ରମଣ ପରେ ପାକିସ୍ତାନରେ ରାଜନୈତିକ ସରଗରମ ଓ ହିଂସା ବଢିବା ଆଶଙ୍କା କରାଯାଉଛି ।

### ଗ୍ୟାସ ଚାମ୍ବର ପାଲଟିଲାଣି....

ଏୟାର ଇଣ୍ଡେକ୍ସ କ୍ୱାଲିଟି ୩୭୩ରେ ପହଁଚିଲାଣି । ଦିଲ୍ଲୀର ବାୟୁ ପ୍ରଦୂଷଣକୁ ରାଜନୀତି ମଧ୍ୟ ଆରମ୍ଭ ହୋଇଛି । ଦିଲ୍ଲୀ ଓ ପଂଜାବ ସରକାରଙ୍କୁ ଏହା ପାଇଁ ସିଧାସଳଖ ଦାୟୀ କରିଛି ବିଜେପି । ସବୁଠୁ ଚିନ୍ତାର କଥା ହେଉଛି ପ୍ରଦୂଷଣ ପାଇଁ ସେଠାକାର ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଛି । ବିଶେଷ କରି ଶ୍ୱାସଜନିତ ସମସ୍ୟା, ଉପୁଜିଛି । ସ୍ଥିତି ଏଭଳି ହୋଇଛି ବିଭିନ୍ନ ସରକାରୀ ଓ ଘରୋଇ ଡାକ୍ତରଖାନାରେ ଭର୍ତି ସଂଖ୍ୟା ବଢୁଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ବାୟୁପ୍ରଦୂଷଣ କାରଣରୁ ଛାତି,ଚକ୍ଷୁ, ଗଳା, ଚର୍ମ ଓ ନାକ ଜନିତ ରୋଗ ବିଶେଷ କରି ପରିଲିକ୍ଷିତ ହେଉଛି । ଏଥିସହ ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ବି ବାୟୁ ପ୍ରଦୁଷଣ ମସ୍ତିଷ୍କ ସ୍ତରରେ ମଧ୍ୟ ପ୍ରଭାବ ପକାଉଛି । ଯାହା ପାଇଁ ଚିଡଚିଡାପଣ ଅଧିକ ଦେଖିବାକୁ ମିଳୁଛି । ଚେଷ୍ଟ ଇନଫେକ୍ସନରେ ବହୁ ରରୋଗୀଙ୍କୁ ଆସିୟୁରେ ଭର୍ତି କାରିବାକୁ ପଡୁଛି । ସେପଟେ ବୃଦ୍ଧ ବ୍ୟକ୍ତିଙ୍କ ନିକଟରେ ପ୍ରଦୁଷଣ ପାଇଁ ହୃଦଘାତର ସମ୍ଭାବନା ୧୦ଗୁଣ ବୃଦ୍ଧି ପାଉଛି । ବିଷ ବଳୟ ସାଜିଛି ଦିଲ୍ଲୀର ପ୍ରଦୁଷିତ ବାୟୁ । ଦୀପାବଳୀ ପରେ ଓ ଶୀତ ଋତୁ ଆରମ୍ଭ ହେବା ପରେ ଏଠାକାର ସ୍ଥିତି ଦିନକୁ ଦିନ ବିଗୁଡୁଛି । ସମୟ ଥାଉ ଥାଉ ଯଦି ବାୟୁପ୍ରଦୂଷଣ ମୁକାବିଲା ସଠିକ ଭାବେ ନକରାଯାଏ ତେବେ ଏହାର ପରିଣାମ କେବଳ ଦିଲ୍ଲୀବାସୀ ନୁହେଁ ସାରା ଦେଶକୁ ଭୋଗିବାକୁ ପଡିପାରେ ।

### ଏଥର ବଡଓଷାରେ ହେବ....

ପୂଜକ ସମିତି ବୈଠକରେ ଏହି ନିଷ୍ପତି ନିଆଯାଇଛି । ଝୁଲାପୋଲର ସ୍ଥିତି ଯାଞ୍ଚ ପାଇଁ ଝୁଲାପୋଲଠୁ ମନ୍ଦିର ବେଢା ଯାଏଁ ୧୪୪ ଧାରା ବଳବତ୍ତର ରହିବ ବୋଲି ପ୍ରଶାସନ ସୂଚନା ଦେଇଛି । ବଡ ଓଷାରେ ଠାକୁରଙ୍କ ପ୍ରତ୍ୟକ୍ଷ ଦର୍ଶନ ବଦଳରେ ପରଦାରେ ଭୋଳା ଦର୍ଶନକୁ ନେଇ ଶ୍ରଦ୍ଧାଳୁ ଓ ସେବାୟତ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । କରୋନା ଯୋଗୁଁ ଦୁଇ ବର୍ଷ ପରେ ଧବଳେଶ୍ୱରଙ୍କୁ ଦର୍ଶନ ଓ ଆଶୀର୍ବାଦ ନେବାକୁ ଭକ୍ତ ଚାହିଁ ରହିଥିଲେ । ପୀଠରେ ଲାଗି ହେବାକୁ ଥିବା ପ୍ରସିଦ୍ଧ ଗଜ ଭୋଗ ପାଇଁ ବରାଦ ମଧ୍ୟ ଆସିଥିଲା । କିନ୍ତୁ ପ୍ରଶାସନ ପକ୍ଷରୁ ଭର୍ଚୁଆଲ ଦର୍ଶନ ନିଷ୍ପତି ସେମାନଙ୍କୁ କ୍ଷତିରେ ପକାଇଲା ବୋଲି ମନ୍ଦିରର ସେବାୟତ ଅଭିଯୋଗ କରିଛନ୍ତି । ସେହିପରି ବଡଓଷା ସମୟରେ କିଛି ରୋଜଗାର କରିବା ଆଶାରେ ଥିବା ଛୋଟ ଛୋଟ ଦୋକାନୀ ଏଥର ମଧ୍ୟ ନିରାଶ ହୋଇଛନ୍ତି ।

## ଡାକ ସତର୍କତା ସଚେତନତା ସପ୍ତାହ ପାଳିତ

ଜଳେଶ୍ୱର ୩/୧୧(ନି.ପ୍ର): ନଭେମ୍ବର ୧ ତାରିଖରୁ ୬ ତାରିଖ ଡାକ ସତର୍କତା ସଚେତନ ସପ୍ତାହ ପାଳିତ ହେଉଛି । ଏଥିଲାଗି ବିଭାଗ ପକ୍ଷରୁ ଭ୍ରଷ୍ଟାଚର ମୁକ୍ତ ଓ ବିକଶିତ ଭାରତ ଲାଗି ଭାବି ନାଗରିକଙ୍କୁ ଆହ୍ୱାନ ଦିଆଯାଇଛି । ଏହି ଅବସରରେ ଜଳେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଡାକପାଳ ରାମେଶ୍ୱର ହେମ୍ବ୍ରମ ଅଧ୍ୟକ୍ଷତା କରି ଆସନ୍ତା ପିଢିର ନାଗରିକଙ୍କ ଦ୍ୱାରା ବିକଶିତ ଓ ଭ୍ରଷ୍ଟାର ମୁକ୍ତ ଭାରତ ଗଠନ ଲାଗି ପ୍ରତ୍ୟେକ ପିତାମାତା ଚେଷ୍ଟିତ ହେବା ଉଚିତ୍ ବୋଲି କହିଥିଲେ । ଡାକ ନିରିକ୍ଷକ (ପୂର୍ବ) ସଦାଶିବ ରାଉତ, ଯୁଗଳ କିଶୋର ପ୍ରଧାନ, କମଳାକାନ୍ତ ସିଂ, ସୁକୁମାର ରଣା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ ଜ୍ୟୋତିରାଦିତ୍ୟ ପତି, ରୋହିତ୍ କୁମାର ଜେନା ଓ ରାଜିବ ଲୋଚନ ଚକ୍ରବର୍ତ୍ତୀ କୃତିତ୍ୱ ଅର୍ଜନ କରିଥିବାରୁ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଧାନ ଫସଲରେ ଚକଡ଼ା ପୋକ

ଜୟପୁର,୦୩/୧୧ (ନି.ପ୍ର): ପ୍ରଥମେ ନକଲି ଧାନ ବିହନ ଆଉ ଏବେ ଧାନ ଫସଲରେ ଚକଡା ପୋକକୁ ନେଇ ଚିନ୍ତାରେ କୋରାପୁଟର ଚାଷୀ ।ଯେତେ କୀଟନାଶକ ପକାଇଲେ ବି ପୋକ ମରୁ ନାହାଁନ୍ତି ।ଆଉ ସବୁ ଆଡୁ ନିରାଶ ହେବା ପରେ ଶେଷରେ ପାରମ୍ପରିକ ପୂଜାର୍ଚ୍ଚନାକୁ ଓହ୍ଲାଇଛନ୍ତି ଧାନ ଜମିରେ ମନ୍ଦିର ରେ ପୂଜା କରିଥିବା ପାଣି ଆଣି ଛିଂଚନ କରୁଛନ୍ତି ।ଏମିତି ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକର ନୂଆଗୁଡା ଗାଁରେ ।

## ବସ୍ତା ସ୍ମାର୍ଟ ପଏଣ୍ଟରେ ଅବ୍ୟବସ୍ଥା, ଠକାମିର ଶିକାର ହେଉଛନ୍ତି ଗ୍ରାହକ



ବସ୍ତା,୦୩/୧୧ (ନି.ପ୍ର): ବସ୍ତା ବ୍ଲକର ସଦର ମହକୁମା ବସ୍ତା ବଜାରରେ ଅଳ୍ପ ଦିନ ତଳେ ଖୋଲା ଯାଇଥିବା ସ୍ମାର୍ଟ ପଏଣ୍ଟ ରେ ଘୋର ଅବ୍ୟବସ୍ଥା ଦେଖାଦେବା ସହ ଗ୍ରାହକମାନେ ଠକାମୀର ଶିକାର ହେବା ଜଣାଯାଇଛି । ମିଳିଥିବା ସୂଚନା ଅନୁସାରେ ଉକ୍ତ ମଲ୍‌ରେ ମିଳୁଥିବା ସମସ୍ତ ଜିନିଷ ର ମୂଲ୍ୟ ଗ୍ରାହକମାନଙ୍କ ପାଇଁ ବିଭିନ୍ନ ଷ୍ଟିକର ମାଧ୍ୟମ ରେ ଦର୍ଶାଯାଇଥିବା ବେଳେ ଗ୍ରାହକ ଟିଏ ବିଭିନ୍ନ ଜିନିଷ ସଂଗ୍ରହ କରି ମୂଲ୍ୟ ପଇଠ ପାଇଁ କାଉଁଟର କୁ ଯାଇଥାଏ, ତେବେ ସେଠାରେ ବିଭିନ୍ନ ଜିନିଷ ର ମୂଲ୍ୟ ଏପଟ ସେପଟ ହେଉଥିବା ଜଣାଯାଇଛି । ସାଧାରଣ ଗ୍ରାହକଟି ଠିକ୍ ଭାବେ ଜାଣି ନପାରି ଠକାମୀର ଶିକାର ହେଉଥିବା ସ୍ଥଳେ ଜାଣି ପାରୁଥିବା ଗ୍ରାହକ ଉପସ୍ଥିତ କର୍ମଚାରୀମାନଙ୍କୁ ପଚାରିବା ପରେ ଠିକ୍ ଭାବରେ ଅପଡେଟ ହୋଇନଥିବା କହି ତତ୍‌କ୍ଷଣାତ୍ ଦର୍ଶାଯାଇଥିବା ଷ୍ଟିକରକୁ ହଟାଇ ଦେଉଛନ୍ତି । ତେବେ ସାଧାରଣ ଗ୍ରାହକଟି ଠକାମୀର ଶିକାର ହେଉଥିବା ସ୍ଥଳେ କିଛି ଲୋକ ଏଥିରୁ ବର୍ତି ଯାଉଥିବା ଜଣାଯାଇଛି । ତେବେ ବଜାରରେ ଖୋଲୁଥିବା ମଲ ଗୁଡିକ ଗ୍ରାହକ ପାଇଁ କେତେ ସ୍ୱଛ ତାହା ସାଧାରଣ ରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ମଲର ମ୍ୟାନେଜରଙ୍କୁ ପଚାରିବା ପରେ ସେ ଛୁଟିରେ ଅଛନ୍ତି ଏବଂ ହଠାତ୍ ଦରଦାମ ଅପଡେଟ୍ ହେଲେ ଆମେ କିଛି କରି ପାରିବୁ ନାହିଁ ବୋଲି କହିଛନ୍ତି ।

## ରାସ୍ତାକଡ ପରିତ୍ୟକ୍ତ ଘରୁ ମହିଳାଙ୍କ ଶବ ଉଦ୍ଧାର : ହତ୍ୟା ସନ୍ଦେହ

ଜଳେଶ୍ୱର ୩/୧୧(ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ରାଇବଣିଆ-ଖୁଆଡ ମୁଖ୍ୟରାସ୍ତାକଡ ଧାନଘେରା ଗାଁର ଏକ ପରିତ୍ୟକ୍ତ ଆଜେବେଷ୍ଟ ଘରେ ଜଣେ ମହିଳାଙ୍କ ଶବ ପଡିଥିବା ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ । ମହିଳା ଜଣକ ନିଳ ଶାଢୀ ଓ ନାଲି ସ୍ୱେଟର ପିନ୍ଧିଥିବା ବେଳେ ପାଖରେ ଏକ ଆସବପତ୍ର ଭର୍ତ୍ତି ଅଖା ପଡିଥିବା ଦେଖିବାକୁ ମିଳିଛି । ରାଇବଣିଆ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । କାଳିକ ପଂଚାୟତର ଗହିରାବନ୍ଧ ଗାଁର ନାରାୟଣ ମୁର୍ମୁଙ୍କ ସ୍ତ୍ରୀ ସନିଆ (୪୦) ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ୍ ଜାଣିବାକୁ ପାଇଛି । କିନ୍ତୁ ଘରଠାରୁ ପ୍ରାୟ ୫ କି.ମି. ଦୂର ଏକ ପରିତ୍ୟକ୍ତ ଘରେ ସନିଆର ଶବ ଦେଖି ଏହା ଅପମୃତ୍ୟୁ କିମ୍ବା ହତ୍ୟା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ପୁଲିସ୍ ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଛି ।

## ନୀଳଗିରିରେ ଇଣ୍ଡିଆ ୱାନ୍ ଏଟିଏମ୍‌ର ଶୁଭ ଉଦ୍‌ଘାଟନ

ନୀଳଗିରି,୦୩/୧୧ (ନି.ପ୍ର): ନୀଳଗିରି ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଇଣ୍ଡିଆ ୱାନ ଏ.ଟି.ଏମ.କୁ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଶୁଭ ଉଦ୍‌ଘାଟନ କରିଛନ୍ତି । ଇଣ୍ଡିଆ ୱାନ୍ ଏଟଏମ ଫ୍ରାଚାଇଜ୍‌ର ସତ୍ୱାଧିକାରୀ ରାଜବରହମପୁର ଅଂଚଳର ହରିହର ବେହେରାଙ୍କ ପୁତ୍ର ସତ୍ୟରଂଜନ ବେହେରା , ଜୋନାଲ ମ୍ୟାନେଜର ଦେବାଶିଷ ରାଉତ, ବରହମପୁର ଗ୍ରା.ପ. ପୂର୍ବତନ ସମିତିସଭ୍ୟ ଅକ୍ଷୟ କୁମାର ବେହେରା, ଗଙ୍ଗାଧରର ମିଶ୍ର, ରବିନ୍ଦ୍ର ବେହେରା, ବ୍ରଜ କିଶୋର ବେହେରା, ଲକ୍ଷ୍ମୀମଣୀ ପାତ୍ରଙ୍କ ଗହଣରେ ଉକ୍ତ ଏ.ଟି.ଏମ. ର ଶୁଭାରମ୍ଭ କରିଥିଲେ । ଏଠାରେ ସମସ୍ତ ଏ.ଟି.ଏମ. କାର୍ଡ ପ୍ରଯୁଜ୍ୟ ବୋଲି ସତ୍ୱାଧିକାରୀ ସତ୍ୟରଂଜନ ବେହେରା ସୂଚନା ଦେଇଛନ୍ତି ।

## ଅପହୃତା ନାବାଳିକାକୁ ଉଦ୍ଧାର କରୁନି ପୁଲିସ, ହାଇକୋର୍ଟରେ ମାମଲା ରୁଜୁ

ଭଦ୍ରକ, ୦୩/୧୧ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରହଣିଆ ପଂଚାୟତ ଦେଉଳପଦୀ ଗ୍ରାମର ଜନୈକ ଅପହୃତା ନାବାଳିକାକୁ ପୁଲିସ ଉଦ୍ଧାର କରୁନି । ଗତ ୧୬ ତାରିଖରେ ଅପହରଣ କରିଥିବା ଅଭିଯୁକ୍ତକୁ ବି ପୁଲିସ ଧରୁନି । ଝିଅକୁ ଉଦ୍ଧାର କରିବା ପାଇଁ ଉଚ୍ଚ ନ୍ୟାୟାଳୟରେ ଅପହୃତାଙ୍କ ମାଆ ମାମଲା ରୁଜୁ କରି ଉଦ୍ଧାର ପାଇଁ ପ୍ରାର୍ଥନା କରିଛନ୍ତି । ନାବାଳିକା ୧୬ ତାରିଖ ରାତ୍ର ପ୍ରାୟ ୧୨ଟା ସମୟରେ ଶୌଚ ପାଇଁ ବାହାରକୁ ଯାଇଥିବା ବେଳେ ଗ୍ରାମର ପ୍ରଶାନ୍ତ ଜେନା ଅପହରଣ କରିନେଇଥିଲା ବୋଲି ୧୭ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ ଅପହରଣ ମାମଲା ମଧ୍ୟ ରୁଜୁ କରି ପ୍ରଶାନ୍ତକୁ ଅଭିଯୁକ୍ତ ଦର୍ଶାଇଥିଲା । ହେଲେ ମାମଲା ରୁଜୁ କରି ପୁଲିସ ତୁନି ପଡିଥିଲା । ଘଟଣାକୁ ୧୮ ଦିନ ବିତିଥିଲେ ବି ଉଦ୍ଧାର ପାଇଁ ଉଦ୍ୟମ ହୋଇନଥିବା ଅଭିଯୋଗ କରି ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି ଅପହୃତାର ମାତା । ଆଇନଜିବୀ ତୁଷାରକାନ୍ତ ନାୟକ ମାମଲାର ପରିଚାଳନା କରୁଥିବା ଜଣାଯାଇଛି ।

## ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଓ ସଚେତନତା ସଭା

ଖୋର୍ଦ୍ଧା,୦୩/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳ ସଭା ଗୃହରେ ଦୁର୍ନିତି ନିବାରଣ ସପ୍ତାହ ଦିବସ ପାଳିତ ହୋଇଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସଭାପତିତ୍ୱରେ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଖୋର୍ଦ୍ଧା ଜିଲ୍ଲାର ଦୁର୍ନିତି ନିବାରଣ ବିଭାଗ ପୋଲିସ ଆରକ୍ଷୀ ଅନୁପମା ଜେମସ, ମୁଖ୍ୟ ବକ୍ତା ଭାବେ ଖୋର୍ଦ୍ଧା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ପ୍ରଫେସର ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ସମସ୍ତ ବିଭାଗର ଅଧିକାରୀ, ଖୋର୍ଦ୍ଧା ବୁଦ୍ଧି ଯିବି, ସାମ୍ବାଦିକ, କିଛି ଛାତ୍ର ଛାତ୍ରୀ, ଶିକ୍ଷକ, ଅଭିଭାବକ ଓ ଜିଲ୍ଲାପାଳ ଅଫିସ କର୍ମଚାରୀ ଯୋଗ ଦେଇଥିଲେ । ଏହି ସଭାକୁ ପରିଚାଳନା କରିଥିଲେ ଖୋର୍ଦ୍ଧା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜିତେନ୍ଦ୍ର ଜେନା । ସରକାରୀ କର୍ମଚାରୀ ସଚ୍ଚୋଟ ପଣିଆ ଲୋକଙ୍କୁ ଉଚିତ ସେବା ଦେବା ଦରକାର । ଏହି ସକାଶେ କୌଣସି ଉତ୍କଚ ଦାବି କରିବା ଦଣ୍ଡନୀୟ ଅପରାଧ । ପ୍ରତି ବର୍ଷ ଅନ୍ୟାୟ ଉପାୟେ ନିଜ୍ ଦରମା ଠାରୁ ବହୁ ସମ୍ପତ୍ତି ଠୁଳ କରିବା, ଲାଞ୍ଚ ନେବବେଳେ ରେଡ ହାଣ୍ଡ ଦୁର୍ନିତି ନିବାରଣ କର୍ମଚାରୀ ଦ୍ୱାରା ଧରାହୋଇ ଜେଲ ଯାଉଛନ୍ତି । ଏହି ଯୋଗୁ ତାଙ୍କର ଓ ତାଙ୍କ ପରିବାର ସମାଜରେ ଲଜ୍ଜିତ, ଅପମାନିତ ହେଉଛନ୍ତି । ସମସ୍ତ କର୍ମଚାରୀ ଉକ୍ତ ବିଭାଗ ଅଧିକାରୀମାନେ ସତର୍କତା ଅବଲମ୍ବନ କରିବା ଉଚିତ । ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ, ମନୋଜ କୁମାର ପାଢୀ, ଅତିରିକ୍ତ ଜିଲ୍ଲାପାଳ ସାଫାଲ୍ୟ ମଣ୍ଡିତ ପ୍ରଧାନ (ରାଜସ୍ୱ), ଜିଲ୍ଲା ପରିଷଦ ଉର୍ଣନୀୟ ଅଧିକାରୀ ଦିଗନ୍ତ ରାଉତରାୟ ତାଙ୍କର ଅଭିଭାଷଣରେ ଦୁର୍ନୀତି ହଟାଆ ଦେଶ ବଞ୍ଚାଅ ବିଷୟରେ ତାଙ୍କ ମତାମତ ରଖିଥିଲେ । ସଭାରେ ମୁଖ୍ୟ ଆକର୍ଷଣ ଥିଲେ ଦୁର୍ନୀତି ନିବାରଣ ଏସ୍‌ପି ୟଙ୍ଗ ମହିଳା ଅନୁପମା ଜେମ୍ସ । ସେ ମହାଶୟା ତାଙ୍କ ବିଭାଗ କାମ କରି କିପରି ଓଡ଼ିଶାରେ ବହୁ ଅନ୍ୟାୟ ଉପାୟରେ କୋଟିପତି ବନିଥିବା ଦୁର୍ନିତି ଗସ୍ତ ହାକିମ, ଧନୀ ମାନୀଙ୍କ ମୁଖା ଖୋଲିଛନ୍ତି ଆଲୋକପାତ କରିଥିଲେ ।

## ଦକ୍ଷିଣ ପୂର୍ବ ରେଳପଥ ଟେଣ୍ଡର

ଇ-ଟେଣ୍ଡର୍ ନୋଟିସ ନଂ :
**e- Tender /2022/45, dated 02.11.2022**
ଭାରତର ରାଷ୍ଟ୍ରପତି ତରଫରୁ ଡିଭିଜନାଲ୍ ରେଲୱେ ମ୍ୟାନେଜର, (Engg) ଦକ୍ଷିଣ ପୂର୍ବ ରେଳପଥ, ଖଡଗପୁର- ୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ **୩ଘଣ୍ଟା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରାଯାଇଛି । ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ଘଣ୍ଟାରେ ଖୋଲାଯିବ । ଟେଣ୍ଡର ନମ୍ବର : **E-KGP-South-34-2022. କାର୍ଯ୍ୟର ବର୍ଣ୍ଣନା :DEN** / ଦକ୍ଷିଣ/ ଖଡଗପୁର ଅଧୀନରେ ୨୪ ମାସ ପାଇଁ ଗୋପୀନାଥପୁର-ନୀଳଗିରି ଷ୍ଟେସନ ମଧ୍ୟରେ ଲେଭଲକ୍ରସିଂର ମ୍ୟାନିଂ ସହିତ ୨ ନମ୍ବର ମାନବ ବିହୀନ ସ୍ତର କ୍ରସିଂ ଗେଟ୍ର କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ । **ଟେଣ୍ଡର ମୂଲ୍ୟ : ଟ୧,୩୯,୪୬, ୪୭୨/-** । **ଅମାନତ ଟଙ୍କା : ୨,୧୯,୭୦୦/-** । **ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ୦.୦୦** । **କାର୍ଯ୍ୟର ସମାପ୍ତି ଅବଧି : ୨୪ ମାସ** । **ଟେଣ୍ଡର ଖୋଲିବାର ତାରିଖ : ୨୪/୧୧/୨୦୨୨** ବିଡିଂ ଆରମ୍ଭ ତାରିଖ : ୧୦/୧୧/୨୦୨୨ ରୁ ୨୪/୧୧/୨୦୨୨ର ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରକାରୀ ମାନେ ସଂପୂର୍ଣ୍ଣ ବିବରଣୀ ପାଇଁ ୱେବସାଇଟ **www.ireps.gov.in** ପରିଦର୍ଶନ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବନାହିଁ । **ବିଶେଷ ଦ୍ରଷ୍ଟବ୍ୟ :** ଆଶାୟୀ ବିଡରମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରି ସମସ୍ତ ଟେଣ୍ଡରରେ ଭାଗନେଇ ପରିବେ ।
**PR : 748**

## ଡଗରା-ମଧୁପୁରା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଦାବି

ଲଙ୍ଗଳେଶ୍ୱର,୦୩/୧୧ (ନି.ପ୍ର): ଦକ୍ଷିଣ ବାଲିଆପାଳ ର ପ୍ରମୁଖ ରାସ୍ତା ଡଗରା -ମଧୁପୁରା ରାସ୍ତା । ଏହା ଅତ୍ୟନ୍ତ ଶୋଚନୀୟ ହୋଇ ମରଣ ଯନ୍ତା ପାଲଟି ଥିଲେ ମଧ୍ୟ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ କାର୍ଯ୍ୟ ଆରମ୍ଭ କରିବାର ବିଳମ୍ବ ଯୋଗୁଁ ଜନ ଅସନ୍ତୋଷ ବଢୁଛି ।ନିର୍ମାଣ କାର୍ଯ୍ୟ ବନ୍ଦ କରିବା ଏକ ଷଡ଼ଯନ୍ତ୍ର ନୁହେଁତ ବୋଲି ଲୋକେ ପ୍ରଶ୍ନ କରିଛନ୍ତି । ଏଇ ରାସ୍ତା ସରକାର ବଦଳରେ ବନ୍ଦର କମ୍ପାନୀ କରିବା ନେଇ ଷଡଯନ୍ତ୍ର ଚାଲିଛି ।ସେଥିପାଇଁ କାର୍ଯ୍ୟ ବନ୍ଦ ରହିଥିବା କଥା ପ୍ରଘଟ ହେବାପରେ ଜନ ଅସନ୍ତୋଷ ତେଜିବା ସହିତ ଆନ୍ଦୋଳନର ରୂପ ନେଉଛି । ଖବର ନେବାରୁ ଜଣାଯାଇଛି ଡଗରା ଚଉମୁଖ ରାସ୍ତାକୁ ଲାଗି ଡଗରା ବଡ଼ ଗୁମୁଟି ଛକ ଠାରୁ ମଧୁପୁରାଯାଏ ଦୀର୍ଘ ୧୦.୫ କି:ମି ଏଇ ରାସ୍ତା ନିର୍ମାଣ ପାଇଁ ସରକାର ପଚିଶ କୋଟି ଟଙ୍କା ମଞ୍ଜୁର କରିଥିଲେ ।ଗତ ବର୍ଷ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭରଚୁଆଲ ଶିଳାନ୍ୟାସ କରିଥିଲେ ।ଟେଣ୍ଡର ଫାଇନାଲ ହେବାପରେ ଗତ ଜୁଲାଇ ସାତ ତାରିଖ ଦିନ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଆନୁଷ୍ଠାନିକ ଭାବେ ଡଗରା ଠାରେ ଶିଳା ସ୍ଥାପନ କରିଥିଲେ । ଟେଣ୍ଡର ପାଇଥିବା କମ୍ପାନୀ କେବଳ ଏଗ୍ରିମେଣ୍ଟ କରିବାର ଥିଲା ।କିନ୍ତୁ ଓସାରିଆ ହେବାକୁ ଥିବା ଏଇରାସ୍ତା ରୁ ବାଡ଼ ଉଠାଇବା,ସଫା କରିବା କାର୍ଯ୍ୟ ସରିବା ସହିତ ପାଖା ପାଖି ଦୁଇ କୋଟିର ନିର୍ମାଣ ସାମଗ୍ରୀ ଆଣି ପକାଇଥିଲେ । ଏବେ କିଛିଦିନ ପୂର୍ବରୁ ଏଇ କମ୍ପାନୀ କାମ କରିବା ପରିବର୍ତ୍ତେ ଜିନିଷପତ୍ର ଉଠାଇବାକୁ ଲାଗିଲେ ।କାର୍ଯ୍ୟ ନ କରିବାର ଷଡ଼ଯନ୍ତ୍ର ବୋଲି ଭାବି ସ୍ଥାନୀୟ ଲୋକେ ବନ୍ଦ କରଛନ୍ତି ।ତେବେ ବିଭାଗୀୟ ଅଧିକାରୀ ଏଗ୍ରିମେଣ୍ଟ ନ କରି ଏହି ରାସ୍ତା ନିର୍ମାଣ, ସୁବର୍ଣ୍ଣରେଖା ବନ୍ଦର ନିର୍ମାଣ କରୁଥିବା ଟାଟା କମ୍ପାନୀ କୁ ଅର୍ପଣ କାରବାର ଅଭିଯୋଗ ହୋଇଛି । ଦକ୍ଷିଣ ବାଲିଆପାଳ ର ଲୋକେ ବନ୍ଦରକୁ ବିରୋଧ କରୁଥିବାରୁ ଏଇ ରାସ୍ତା ନିର୍ମାଣ କଲେ ଏଠାରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି ।ଏଇ ରାସ୍ତା ଏ ଅଞ୍ଚଳର ପ୍ରମୁଖ ରାସ୍ତା ହୋଇଥିବାରୁ ଦଶ ଟି ପଞ୍ଚାୟତ ର ହଜାର ହଜାର ଲୋକ ଏଇ ରାସ୍ତା ଉପରେ ନିର୍ଭର କରନ୍ତି । ତେବେ ଅନ୍ୟଥା ସଦଯନ୍ତ୍ରରୁ ନିବୃତ ରହି ବାଲେଶ୍ୱର ଜିଲ୍ଲାପାଳ ଓ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ବନ୍ଦର ପ୍ରୀତି ଛାଡି, ଟେଣ୍ଡର ପାଇଥିବା କମ୍ପାନୀ କୁ ତୁରନ୍ତ କାମ କରିବାର ନିର୍ଦ୍ଦେଶ ଦେବାକୁ ସାଧରଣରେ ଦାବି ହେବା ସହ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପାଖକୁ ଦାବିପତ୍ର ପ୍ରଦାନ କରିଛନ୍ତି ।ନଚେତ ସାଧାରଣ ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସର୍ବଶ୍ରୀ ଦେବେନ୍ଦ୍ର ରଣଜିତ, ଚନ୍ଦନ କୁମାର ଜେନା, ରତ୍ନାକର ଜେନା, ହୃଷିକେଶ ନାୟକ, ଅଜୟ କୁମାର ପାତ୍ର ପ୍ରମୁଖ । ମୁଖ୍ୟମନ୍ତ୍ରୀ ସହିତ ମୁଖ୍ୟ ଶାସନ ସଚିବ, ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀ ଆର ଡି ସି, ଜିଲ୍ଲାପାଳ, ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏ ବାବଦରେ ଅଧିକ୍ଷଣ ଯନ୍ତ୍ରୀ ନନ୍ଦ ଦୁଲାଲ ଘଡାଇଙ୍କୁ ପଚାରିବାରୁ ରାସ୍ତା କାର୍ଯ୍ୟ ବନ୍ଦର ନିର୍ମାଣ କମ୍ପାନୀ ଟାଟା କୁ ଦିଆଯାଇଛି ବୋଲି କହିଥିଲେ ।

## କେନ୍ଦ୍ରାପଡା ଜିଲ୍ଲାରେ ସ୍ୱତନ୍ତ୍ର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା,୦୩/୧୧ (ନି.ପ୍ର): ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶ କ୍ରମେ ପୁରୁଣା ଭିନ୍ନକ୍ଷମ ପ୍ରମାଣ ପତ୍ର ଥିବା ବ୍ୟକ୍ତିମାନେ ୧.୦୯.୨୦୨୨ ପରଠାରୁ କୌଣସି ସରକାରୀ ସୁବିଧା ପାଇପାରିବେ ନାହିଁ । ଏଥିପାଇଁ ଆବେଦନ କରି ପରୀକ୍ଷା କରାଇ ନୂତନ ପ୍ରମାଣ ପତ୍ର ହାସଲ କରିବା ଜରୁରୀ ହୋଇପଡିଛି । ଜିଲ୍ଲାର ବିଭିନ୍ନ ବ୍ଲକ ଓ ଜିଲ୍ଲା ମୁଖ୍ୟାଳୟରେ ସ୍ୱତନ୍ତ୍ର ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରୁ ବାଦ୍ ପଡିଥିବା ଓ ଅନଲାଇନରେ ଆବେଦନ କରିଥିବା ଗରଦପୁର ଓ ରାଜନଗର ବ୍ଲକର ବ୍ୟକ୍ତିମାନଙ୍କ ପାଇଁ ପରୀକ୍ଷା ଶିବିର ଟାଉନ ହଲରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ବିରେନ୍ଦ୍ର କୁମାର ଦାସ, ଡାକ୍ତର ସଂଜିତ ସେଠୀ, ଡାକ୍ତର ତନ୍ମୟ କୁମାର ଲେଙ୍କା, ଡାକ୍ତର ବିଜୟ କୁମାର ଦାସ, ଡାକ୍ତର ଅଜୟ କୁମାର ସାହୁ ଓ ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ପ୍ରମୁଖ ବିଶେଷଜ୍ଞ ଚିକିତ୍ସକ ମାନେ ଶ୍ରବଣ ବିଭାଗର ୩୮ ଜଣ, ୪୮ ଜଣ ଚକ୍ଷୁ ବିଭାଗର, ମାନସିକ ଅନଗ୍ରସର ବିଭାଗର ୧୬୦ ଓ ଅସ୍ଥିଶଲ୍ୟ ବିଭାଗର ୧୯୨ ଜଣ ଭିନ୍ନକ୍ଷମଙ୍କର ଡାକ୍ତରୀ ପରୀକ୍ଷା କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ବିଭାଗର ବିଶେଷଜ୍ଞ ଡାକ୍ତର ଉପସ୍ଥିତ ରହି ଭିନ୍ନକ୍ଷମ ମାନଙ୍କର ପରୀକ୍ଷା କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୁପାଲି ପ୍ରିୟଦର୍ଶନୀ, ସ୍ୱପ୍ନାଂଶୁ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଶକ୍ତି ଫାଉଣ୍ଡେସନ ଉଦ୍‌ଘାଟିତ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଭୁବନେଶ୍ୱର ମୁନିସିପାଲ୍ କର୍ପୋରେସନ୍ (ବି.ଏମ୍.ସି.) ର ୧୩ ନମ୍ବର ୱାର୍ଡରେ ମହିଳାମାନଙ୍କ ଦ୍ୱାରା ଗଠିତ ହୋଇଥିବା ଶକ୍ତି ଫାଉଣ୍ଡେସନ୍‌ର ପବିତ୍ର ଅଁଳା ନବମୀ ଓ ରାଧା ପାଦ ଦର୍ଶନ ତିଥିରେ ଉଦ୍‌ଘାଟନ ହୋଇଯାଇଅଛି । ୧୩ ନମ୍ବର ୱାର୍ଡର ଶହ ଶହ ସଂଖ୍ୟାରେ ମା’ ଭଉଣୀମାନେ ସାଇ ମନ୍ଦିର ପ୍ରାଙ୍ଗଣରେ ଏକାଠି ହୋଇ ଉତ୍ସବ ପାଳନ କରିଥିଲେ । ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ବିଜେଡି ନେତ୍ରୀ ବୀଣାପାଣି ଦାସଙ୍କ ନେତୃତ୍ୱରେ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ଏହି ଶକ୍ତି ଫାଉଣ୍ଡେସନକୁ ଭୁବନେଶ୍ୱର ମାନ୍ୟବର ଉତର ବିଧାୟକ ଶ୍ରୀ ସୁଶାନ୍ତ ରାଉତ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସାଇ ମନ୍ଦିରରେ ଅଁଳା ନବମୀ ମା’ ମାନେ ପାଳିଛନ୍ତି ଏବଂ ଗତ ଦୁଇବର୍ଷ ହେଲା କରୋନା ମହାମାରୀ ଯୋଗୁଁ ମା’ ମାନେ ଭଲରେ କିଛି କରିପାରି ନଥିଲେ । ଆଗକୁ ବହୁ କାମ ଏହି ଶକ୍ତି ଫାଉଣ୍ଡେସନ୍ ମାଧ୍ୟମରେ କରି ମା’ ମାନେ ରୋଜଗାରକ୍ଷମ ହୋଇପାରିବେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ମୂଳଲକ୍ଷ୍ୟ ହେଉଛି ମା’ ଭଉଣୀମାନେ ସ୍ୱାବଲମ୍ବୀ ହୁଅନ୍ତୁ, ସେମାନଙ୍କର ଆର୍ଥିକ ଉନ୍ନତି ହେଉ ବୋଲି ବିଧାୟକ ଶ୍ରୀ ସୁଶାନ୍ତ ରାଉତ କହିଛନ୍ତି । ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ବିଜେଡ଼ି ନେତ୍ରୀ ଇତିଶ୍ରୀ ଜେନା, ୧୩ନମ୍ବର ୱାର୍ଡର କର୍ପୋରେଟର ଇତିଶ୍ରୀ ଦାସ, ୧୪ନମ୍ବର ୱାର୍ଡର କର୍ପୋରେଟର ଜୟନ୍ତୀ ସାହୁ, ୧ ନମ୍ବର ୱାର୍ଡର କର୍ପୋରେଟର ପପୁ ରାଉତ ଭଳି ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶକ୍ତି ଫାଉଣ୍ଡେସନର କେକ୍ କାଟି ଦୀପଜାଳି ଜନ୍ମଦିନ ପାଳନ କରିଥିଲେ । ସବୁ ମା’ ମାନେ ମିଶି ଏହି ଫାଉଣ୍ଡେସନ୍ ଗଠନ କରିଛୁ, ସମସ୍ତେ ମିଳିମିଶି କାମ କରିବୁ, ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ସଶକ୍ତ କରିବୁ ବୋଲି କହିଛନ୍ତି ଭୁବନେଶ୍ୱର ବସ୍ତି ସଂଘର ସଭାପତି ତଥା ବିଜେଡି ନେତ୍ରୀ ବୀଣାପାଣି ଦାସ । ସେହିପରି ନୂଆକରି ଗଢ଼ି ଉଠିଥିବା ଏହି ଫାଉଣ୍ଡେସନର ଉନ୍ନତି କାମନା କରିଥିଲେ ସ୍ଥାନୀୟ କର୍ପୋରେଟର ଇତିଶ୍ରୀ ଦାସ ।

# ଢେଙ୍କାନାଳରେ ବାଜିରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଂଟ ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

ଢେଙ୍କାନାଳ/ଭୁବନେଶ୍ୱର, ୦୩/୧୧ (ନି.ପ୍ର): ଐତିହାସିକ ସହର ଢେଙ୍କାନାଳର ମିନି ଷ୍ଟାଡିୟମରେ ଗୁରୁବାର ‘ଆମେ ଓଡ଼ିଆ’ ଫାଉଣ୍ଡେସନ ଟ୍ରଷ୍ଟ ତରଫରୁ ଆୟୋଜିତ ‘ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଂଟ’ ଢେଙ୍କାନାଳର ଯୁବଶକ୍ତିଙ୍କୁ ଫୁଟବଲ ଖେଳ ପ୍ରତି ପ୍ରେରିତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେହିପରି ଭାରତବର୍ଷକୁ ଖେଳର ବଡ ପ୍ରୟୋଗଶାଳା ବନାଇବାରେ ଆମେ ସମସ୍ତେ ଉଦ୍ୟମ କରିବା ଦରକାର ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ । ଏହି ଉଦଘାଟନ ସମାରୋହରେ ଯୋଗଦେବା ସହ ଟୁର୍ଣ୍ଣାମେଂଟର କପକୁ ଉନ୍ମୋଚନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ପବିତ୍ର କାର୍ତିକ ମାସରେ, ବିଶେଷ ଭାବରେ ଦେଶ ସ୍ୱାଧୀନତାର ୭୫ ବର୍ଷ ଯାତ୍ରା ଅବସରରେ ଅମୃତ ମହୋତ୍ସବ ପାଳନ କରିବା ବେଳେ ଢେଙ୍କାନାଳର ଗୌରବ ତଥା ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ସ୍ମୃତିରେ ଏହି ଜାତୀୟ ସ୍ତରର ଫୁଟବଲ କପ୍ ଟୁର୍ଣ୍ଣାମେଂଟ ଆୟୋଜନ ହେବା ଖୁସିର ବିଷୟ । ଆଜିର ସମୟରେ ବାଜି ରାଉତଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କର ସାହସକୁ ମନେ ପକାଇବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଆଜିର ଆଧୁନିକ ଯୁବପିଢ଼ିଙ୍କୁ ଖେଳରେ ସାମିଲ କରିବା ଏହି ଟୁର୍ଣ୍ଣାମେଣ୍ଟର ମୂଳ ଉଦ୍ଦେଶ୍ୟ ରହିଛି । ଢେଙ୍କାନାଳ, ଅନୁଗୋଳ ଓ ତାଳଚେରରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ନେଇ ଲୋକମାନେ ବିଶେଷ ଭାବରେ ଯୁବକମାନଙ୍କ ମଧ୍ୟରେ ବହୁତ ଉତ୍ସାହ ଅଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଖେଲୋ ଇଣ୍ଡିଆ ଅଭିଯାନ, ଫିଟ୍ ଇଣ୍ଡିଆ ମାଧ୍ୟମରେ ଦେଶରେ କ୍ରୀଡାକୁ ପ୍ରୋତ୍ସାହନ ଦିଆଯାଉଛି । ଆଜି ଯେତେବେଳେ ପିଲାମାନେ ଇଂଟରନେଟ, ଟିଭିରେ ଅଟକି ଯାଉଛନ୍ତି, ତାଙ୍କୁ ପଡିଆକୁ ଆଣିବା ଓ ଖେଳରେ ସାମିଲ କରିବା ଆମର ଉଦ୍ଦେଶ୍ୟ । ଏଥିପାଇଁ ଅନ୍ତରାଷ୍ଟ୍ରୀୟ ଫୁଟବଲ ସଂଗଠନ (ଫିଫା), ସର୍ବଭାରତୀୟ ଫୁଟବଲ ସଂଘ(ଏଆଫଏଫଏଫ), ଭାରତ ସରକାରଙ୍କ ସହଯୋଗରେ ମିଳିତ ଭାବରେ ‘ଫୁଟବଲ ଫର୍ ସ୍କୁଲ’ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଅଧୀନରେ ଦେଶର ୨ କୋଟି ୫୦ ଲକ୍ଷ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଫୁଟବଲ କ୍ରୀଡା ସହ ଯୋଡାଯିବାର ଯୋଜନା କରାଯାଇଛି । ଜବାହର ନବୋଦୟ ବିଦ୍ୟାଳୟ ମାଧ୍ୟମରେ ସମଗ୍ର ଭାରତବର୍ଷର ସବୁ ଜିଲ୍ଲାରେ ସରକାରୀ ଓ ବେସରକାରୀ ସ୍କୁଲ ଗୁଡିକୁ ୧୦ ଲକ୍ଷ ଫୁଟବଲ୍ ବଂଟନ କରାଯିବ। ସେହିପରି ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଂଟ ଉଭୟ ମହିଳା ଓ ପୁରୁଷ ବର୍ଗ ମଧ୍ୟରେ ଆୟୋଜନ କରାଯିବା ନେଇ ଯୋଜନା ହୋଇଛି । ଏହି ସବୁ ପଦକ୍ଷେପ ଦ୍ୱାରା ଆଜିର ନୂଆପିଢି ଫୁଟବଲ ସହ ସାମିଲ ହେବେ। ଫୁଟବଲ ଖେଳରେ ମହିଳା ମାନଙ୍କୁ ଅଗ୍ରାଧିକାର ଦିଆଯିବ । ଓଡ଼ିଶାରେ ମଧ ଖେଳର ପରମ୍ପରାକୁ ପୁର୍ନଜୀବିତ କରାଯିବ । ଯୁବକ ଯୁବତୀମାନେ ଫୁଟବଲ, କ୍ରିକେଟ, ଆଥଲେଟିକ, ହକି, ଭଲିବଲ, ରଗବି, କବାଡି, ଖୋଖୋ ଓ ଅନ୍ୟାନ୍ୟ କ୍ରୀଡା ଖେଳିବା ପାଇଁ ମଇଦାନକୁ ଓହ୍ଲାନ୍ତୁ । ପିଲାମାନେ ଖେଳନ୍ତୁ, ସୁସ୍ଥ ରୁହନ୍ତୁ । ସୁସ୍ଥ ରହିଲେ ମନରେ ଉତ୍ସାହ ଆସିବ । ଓଡ଼ିଶା ଓ ମୁମ୍ବାଇର କେନକ୍ରେ ମଧ୍ୟରେ ଅନୁଷ୍ଠିତ ଉଦଘାଟନୀ ମ୍ୟାଚକୁ ଶ୍ରୀ ପ୍ରଧାନ ଉପଭୋଗ କରିବା ସହ ‘ବାଜି ରାଉତ ଜାତୀୟ ଫୁଟବଲ କପ୍ ଟୁର୍ଣ୍ଣାମେଂଟ’ ର ସର୍ବସଫଳତା କାମନା କରିଛନ୍ତି । ପ୍ରଥମ ମ୍ୟାଚରେ ବିଜୟୀ ଟିମ ମୁମ୍ବାଇ କେନକ୍ରେ ଏଫସି ଟିମକୁ ଶୁଭେଚ୍ଛା ଜଣାଇବା ସହ ସେ କହିଛନ୍ତି ଯେ ଉଭୟ ଟିମ ଭଲ ପ୍ରଦର୍ଶନ କରିଛନ୍ତି। ଓଡ଼ିଶା ଟିମର ଖେଳାଳିମାନେ ବହୁତ ଭଲ ଖେଳିଥିଲେ ।

# ବିଏସଏନଏଲ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ



ଭୁବନେଶ୍ୱର, ୦୩/୧୧ (ନି.ପ୍ର): ରାଷ୍ଟ୍ରାୟତ୍ତଦୂରସଞ୍ଚାର କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ), ଓଡ଼ିଶା ଶାଖା ପକ୍ଷରୁ ଦୁର୍ନୀତିନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଗୁରୁବାରଦିନ ଏକ ସଚେତନତା ପଦଯାତ୍ରା ବାଓ୍ୱାକାଥନ୍ ଆୟୋଜନ କରାଯାଇଥିଲା । ବିଏସଏନଏଲର ମୁଖ୍ୟ ମହାପ୍ରବନ୍ଧକ ଟେଲିକମ ଶ୍ରୀ ରୁଦ୍ରନାରାୟଣ ପଲେଇ, ଉପମହାପ୍ରବନ୍ଧକ (ଦୁର୍ନୀତିନିବାରଣ) ଶ୍ରୀ କାର୍ତ୍ତିକଚରଣ ପତିଙ୍କ ସମେତ ବିଏସଏନଏଲ ମୁଖ୍ୟକାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ । ପଦଯାତ୍ରା ସମୟରେ ପ୍ରତିଯୋଗୀମାନେ ‘‘ଭ୍ରଷ୍ଟାଚାରମୁକ୍ତ ଭାରତ-ବିକଶିତ ଭାରତ’’ ବିଷୟବସ୍ତୁର ବାର୍ତ୍ତା ବହନ କରୁଥିବା ପ୍ଲାକାର୍ଡଧରି ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମ ଅବସରରେ ଦୁର୍ନୀତି ନିରାକରଣ ପାଇଁ ବାର୍ତ୍ତା ପ୍ରଚାର କରାଯାଇଥିଲା ।

# ପଦାର୍ଥ ବିଜ୍ଞାନର ଉପଯୋଗିତା ଆଲୋଚନା ଚକ୍ର




ଉଦଳା, ୦୩/୧୧ (ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟ ପରିସରରେ “ବର୍ତ୍ତମାନ ଯୁଗରେ ପଦାର୍ଥ ବିଜ୍ଞାନର ଉପଯୋଗିତା” ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ଲିପିକା ବେହେରା ଉକ୍ତ ଆଲୋଚନା ଚକ୍ରରେ ସଭାପତିତ୍ୱ କରି କାର୍ଯ୍ୟକ୍ରମ ଆୟୋଜକ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଂଶସା କରିଥିଲେ । ଯୁକ୍ତ +୨ ବିଭାଗର ଅଧ୍ୟକ୍ଷ ଡ଼. ଚନ୍ଦ୍ର କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପଦାର୍ଥ ବିଜ୍ଞାନରେ ଆମ ଦେଶ କେତେ ପରିମାଣରେ ଅଗ୍ରସର ହେଲାଣି ବିଭିନ୍ନ ଦୃଷ୍ଟାନ୍ତ ମାନ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସେହିପରି +୨ ବିଭାଗର ପଦାର୍ଥ ବିଜ୍ଞାନର ମୁଖ୍ୟ ସୁବାଷ ସାହୁ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ପଦାର୍ଥ ବିଜ୍ଞାନର ବ୍ୟବହାର ଏବଂ ଅପବ୍ୟବହାର ବିଷୟରେ ନିଜର ମତାମତ ଉପସ୍ଥାପନ କରିଥିଲେ । ଶିକ୍ଷାର୍ଥୀ ମାନଙ୍କ ମଧ୍ୟରେ ଆକ୍ଷରିକା ମହାନ୍ତି ଓ ଭାଗ୍ୟଶ୍ରୀ ବେହେରା ନିଜ ନିଜର ସନ୍ଦର୍ଭ ପାଠ କରିଥିଲେ । ଏହାପରେ ବିଭାଗୀୟ ମୁଖ୍ୟ ଜ୍ଞାନ ରଂଜନ ମିଶ୍ର ନିଜର ପ୍ରବନ୍ଧକୁ ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥାପନ କରିଥିଲେ । ଅଧ୍ୟାପିକା ସ୍ମିତାଶ୍ରୀ ସିଂହ ନିଜର ସନ୍ଦର୍ଭ ଉପସ୍ଥାପନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

## ଲଳିତ ଦାସ ହେଲେ ରାଜ୍ୟ ପ୍ରିଂଟିଂ, ଷ୍ଟେସନାରୀ ଓ ପବ୍ଲିକେସନ୍ ନିର୍ଦ୍ଦେଶକ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ୧୯୯୨ ବ୍ୟାଚ୍ ଓଡ଼ିଆ ଆଇପିଏସ୍ ଲଳିତ ଦାସଙ୍କୁ କଟକସ୍ଥିତ ରାଜ୍ୟ ପ୍ରିଂଟିଂ,ଷ୍ଟେସନାରୀ ଓ ପବ୍ଲିକେସନ୍ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି । ଗତ ଏପ୍ରିଲରେ ତାଙ୍କୁ ଅଚାନକ ଗୁଇନ୍ଦା ନିର୍ଦ୍ଦେଶକ ପଦରୁ ହଟାଇ ଗୃହ ବିଭାଗର ଓଏସଡି ଭାବେ ଅବସ୍ଥାପିତ କରାଯାଇଥିଲା । ଗୁରୁବାର ଗୃହ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୨ ବ୍ୟାଚ୍ ଆଇପିଏସ୍ ଲଳିତ ଦାସଙ୍କୁ କଟକସ୍ଥିତ ରାଜ୍ୟ ପ୍ରିଂଟିଂ, ଷ୍ଟେସନାରୀ ଓ ପବ୍ଲିକେସନ୍ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି । ଆଇପିଏସ୍ ବିକେ ଶର୍ମା ଗତ ୩୧ତାରିଖରେ ସରକାରୀ ଚାକିରିରୁ ଅବସର ନେବା ପରେ ଏହି ପଦବୀ ଖାଲି ପଡ଼ିଥିଲା । ଆଜି ଶ୍ରୀ ଦାସଙ୍କୁ ଆଜି ଏହି ନୂଆ ନିଯୁକ୍ତି ମିଳିଛି ।

## ରାଜ୍ୟରେ ନୂଆ ୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ୍ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୩୩୬୨୧୭ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ୨୨ ଆକ୍ରାନ୍ତଙ୍କ ମଧ୍ୟରୁ ୧୩ ଜଣ କ୍ୱାରେଂଟାଇନ (ସଙ୍ଗରୋଧ)ରୁ ଏବଂ ୯ ଜଣ ଲୋକାଲ୍ କଂଟାକ୍ଟ (ସ୍ଥାନୀୟ ସମ୍ପର୍କ)ରୁ ରହିଛନ୍ତି । ସେହିପରି ୦ ରୁ ୧୮ ବର୍ଷ ମଧ୍ୟରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ନେଇ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ନୂଆ ୩୩ ଜଣ ସୁସ୍ଥ ହେବା ପରେ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୩୨୬୭୨୮ ରେ ପହଂଚିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୩ ରହିଛି । ରାଜ୍ୟରେ ନୂଆ ଚିହ୍ନଟ ହୋଇଥିବା ୨୨ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୪, ଦେବଗଡ଼ ଜିଲ୍ଲାରେ ୨, ଯାଜପୁର ଜିଲ୍ଲାରେ ୨ ଚିହ୍ନଟ ହୋଇଛନ୍ତି ।

# ସ୍ୱର୍ଗତ ବିଷ୍ଣୁପ୍ରିୟା ଶତପଥିଙ୍କୁ ଏମ୍‌କେସି ହାଇସ୍କୁଲରେ ଶ୍ରଦ୍ଧାଞ୍ଜଳି



ବାରିପଦା, ୦୩/୧୧ (ନି.ପ୍ର): ବିଶିଷ୍ଟ ଧର୍ମପ୍ରାଣା ତଥା ଛାତ୍ରବତ୍ସଳା ସ୍ୱର୍ଗତ ବିଷ୍ଣୁପ୍ରିୟା ଶତପଥିଙ୍କ ବିୟୋଗରେ ଏମ୍‌କେସି ହାଇସ୍କୁଲ ପରିସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ କୁଞ୍ଜବାଳା ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅମିତାଭ ମିଶ୍ର, ଶିକ୍ଷକ ରାଜୀବ ଲୋଚନ ଜେନା, ଗାୟତ୍ରୀ ପୃଷ୍ଟି, କୁମୁଦିନୀ ସି, ତନ୍ମୟ କୁମାର ତ୍ରିପାଠୀ, ଚିତ୍ତରଞ୍ଜନ ଗିରି, ସ୍ମୃତି ରଞ୍ଜନ ନାୟକ, ମୃତ୍ୟୁଞ୍ଜୟ ମହାନ୍ତ ପ୍ରମୁଖ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ସୂଚନା ଯୋଗ୍ୟ ସ୍ୱର୍ଗତ ବିଷ୍ଣୁପ୍ରିୟା ଶତପଥିଙ୍କ ନାମରେ ତାଙ୍କ ଜ୍ୟେଷ୍ଠ ପୁତ୍ର ପ୍ରଫେସର ଶଶୀଶେଖର ଶତପଥି ପ୍ରତିବର୍ଷ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ପରୀକ୍ଷାରେ ଶ୍ରେଷ୍ଠ ବିବେଚିତ ଦଶ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ରାଶି ପ୍ରଦାନ କରିଥାନ୍ତି । ଏହି ଅବସରରେ ଅମର ଆତ୍ମାକୁ ସମ୍ମାନ ଜଣାଇ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଦୁର୍ନୀତି ନିବାରଣ ସଚେତନତା ରାଲି ଅନୁଷ୍ଠିତ




ବାରିପଦା, ୦୩/୧୧ (ନି.ପ୍ର): ଆଜି ବାରିପଦା ଠାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର ସଦସ୍ୟ ମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ସକାଳ ଆଠ ଘଟିକା ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା । ପରିକ୍ରମା ସମୟରେ ରାଲିରେ ଅଂଶଗ୍ରହଣକାରି ମାନେ ଦୁର୍ନୀତି ନିବାରଣ ସମ୍ବନ୍ଧିତ ବିଭିନ୍ନ ପ୍ରକାର ସ୍ଲୋଗାନ ମାନ ଦେଇ ଲୋକ ମାନଙ୍କ ପାଖରେ ସଚେତନତା ବାର୍ତ୍ତା ପହଂଚାଇବା ସହ ସମାଜର ପ୍ରତ୍ୟେକ ବ୍ୟକ୍ତି ଦୁର୍ନୀତି ବିରୋଧରେ ସ୍ୱର ଉତୋଳନ କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ । ଉକ୍ତ ରାଲିକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିକାଶ ରଂଜନ ମହାନ୍ତି ଆୟୋଜନ କରିଥିବା ବେଳେ ବାରିପଦା ଭିଜିଲାସନ୍ସ ୟୁନିଟର ଡିଏସପି ଜୟନ୍ତୀ ଦଳେଇ ଓ ଇନିସ୍ପେକଟର ବିକାଶ କୁମାର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଶ୍ରୀମା ମହିଳା ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, ସେଂଟ ଆନୀ କନଭେଂଟ ସ୍କୁଲ, ଏମ.ପି.କେ. ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ସତ୍ୟସାଇ ବିଦ୍ୟା ବିହାର ଓ କ୍ରୀଡା ଛାତ୍ରାବାସର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ମିଥ୍ୟା କୃଷି ଋଣ ପ୍ରତିବାଦରେ ଧାରଣା ଦେବେ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ

ନୀଳଗିରି, ୦୩/୧୧ (ନି.ପ୍ର): ନୀଳଗିରି ଲ୍ୟାମ୍ପରେ କୃଷି ଋଣ ପ୍ରଦାନରେ ବ୍ୟାପକ ଦୁର୍ନିତୀ ହୋଇଥିବା ବେଳେ ସଜନାଗଡ଼ ସେବା ସମବାୟ ସମିତିରେ ଅନେକ ଋଷୀଙ୍କ ନାମରେ ମିଥ୍ୟା କୃଷି ଋଣ କରି ଲକ୍ଷ ଲକ୍ଷ ଟଙ୍କା ଅଧିକାରୀ ଓ କର୍ମଋରୀମାନେ ଆତ୍ମସାତ କରିଥିବା ନେଇ ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ ଆସନ୍ତା ୫/୧୧/୨୨ରିଖରେ ଏ.ଆର.ସି.ଏସ. ଅଫିସ ଆଗରେ ଧାରଣାରେ ବସିବେ ବୋଲି ଏକ ପ୍ରେସ ଇସ୍ତାହାରରେ ସୂଚନା ଦେଇଛନ୍ତି । ସଜନାଗଡ଼ ସେବା ସମବାୟ ସମିତି ରେ ୮୦ ଭାଗ ଋଷୀ ଆଦିବାସୀ ହରିଜନ ସଂପ୍ରଦାୟରର ହୋଇଥିବା ବେଳେ ସେମାନଙ୍କ ଅଜ୍ଞାତରେ ତାଙ୍କ ନାମରେ ଲକ୍ଷ ଲକ୍ଷ ଟଙ୍କା ଋଣ ଉଠିଥିବାର ଜାଣିବା ପରେ ସେମାନେ ମୁଣ୍ଡରେ ହାତ ଦେଇଥିଲେ । ଏ ନେଇ ଚାଷୀମାନେ ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀଙ୍କୁ ଅବଗତ କରାଇଲା ପରେ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଏହି ଘଟଣାକୁ ଗୁରୁତ୍ୱ ଦେଇ ଧାରଣା ଦେବାର ନିଷ୍ପତି ନେଇଛନ୍ତି । ଧାରଣା ଦେବା ନେଇ ନୀଳଗିରି ଏଆରସିଏସ, ବାଲେଶ୍ୱର ଜିଲ୍ଲାପାଳ, ବାଲେଶ୍ୱର ଏସ.ପି., ବାଲେଶ୍ୱର ଡି.ସି.ଆରଏସ, ଉପଜିଲ୍ଲାପାଳ, ନୀଳଗିରି, ଆଇ.ଆଇ.ସି. ନୀଳଗିରିରି ଥାନାଙ୍କୁ ଲିଖିତ ଭାବେ ଜଣାଇଥିବା ପ୍ରେସ ଇସ୍ତାହାରରୁ ଜଣାପଡ଼ିଛି ।

## ବିଜେବି କଲେଜରେ ଯୁବ ରେଡ଼କ୍ରସ ଜିଲ୍ଲାସ୍ତରୀୟ ପରାମର୍ଶଙ୍କ କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର, ୦୩/୧୧ (ନି.ପ୍ର): ସ୍ଥାନୀୟ ବିଜେବି ସ୍ୱୟଂଶାସିତ କଲେଜ ପରିସରରେ ଯୁବ ରେଡ଼କ୍ରସ ଶାଖା ବିଜେବି କଲେଜ ତରଫରୁ ଜିଲ୍ଲାସ୍ତରୀୟ ପରାମର୍ଶଙ୍କ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କଲେଜର ଅଧକ୍ଷ ଡ. ନିରଞ୍ଜନ ମିଶ୍ର ଅଧକ୍ଷତା କରିଥିଲେ । ରାଜ୍ୟ ଯୁବ ରେଡ଼କ୍ରସ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା, ଆଂଚଳିକ ଶାଖାର ପ୍ରାକ୍ତନ ସମ୍ପାଦିକା ଡ. ସାଧନା ଶତପଥୀ ଏବଂ ସଂଯୋଜକ ଡ. ରେବତୀକାନ୍ତ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଭୁବନେଶ୍ୱରର ବିଭିନ୍ନ କଲେଜର ଯୁବ ରେଡ଼କ୍ରସ ପରାମର୍ଶଦାତାମାନେ ଅତିଥି ଭାବରେ ଯୋଗଦେଇ ଯୁବ ରେଡ଼କ୍ରସ ପ୍ରତି ଛାତ୍ରଛାତ୍ରୀମାନଙ୍କ ଆଗ୍ରହ ବଢାଇବ ଦିଗରେ ସଚେତନ ହେବାକୁ ଏବଂ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଭୁବନେଶ୍ୱର ଶାଖା ସମାଜରେ ସଚେତନତା ସୃଷ୍ଟି କରିବା ଦିଗରେ ଆଲୋଚନା କରିଥିଲେ ।

# ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ବିଜ୍ଞାନ ମେଳା ଅନୁଷ୍ଠିତ



କଇଥଖୋଲା, ୦୩/୧୧ (ନି.ପ୍ର): ସ୍ଥାନୀୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ବାସୁଦେବପୁର ସଂକୁଳ ପ୍ରମୁଖ ଶିକ୍ଷାବିତ ରମାକାନ୍ତ କରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ କରଞ୍ଜମାଳ ସିଆର ସି ସି ଅନୁପ କୁମାର ଦାସ ଯୋଗ ଦେଇ ପିଲା ମାନଙ୍କ ର ବିଜ୍ଞାନ ପ୍ରତିଭା ବିକାଶ ଦିଗରେ ବିଜ୍ଞାନ ମେଳା ଓ ବିଜ୍ଞାନ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଥାଏ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଧର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଯତୀନ୍ଦ ନାଥ ଉଚ୍ଚ ବିଦ୍ୟାଳୟ ର ବିଜ୍ଞାନ ଶିକ୍ଷକ ବିଶ୍ୱ ରଞ୍ଜନ ଭୂୟାଁ, ସୁକଚାନ ମାନା ୟୁପି ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ତ୍ରିନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ସାଧନ କୁମାର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଗୁରୁମା ରଶ୍ମିତା ବେହେରା ଅତିଥି ପରିଚୟ ରଖିଥିଲେ । ଗୁରୁଜୀ ବିଶ୍ୱଜିତ ଜାନା ଧନ୍ୟବାଦ ଅର୍ପଣ କରିଥିଲେ । ପିଲାମାନଙ୍କ ମଧ୍ୟରେ ବିଜ୍ଞାନ କୁଇଜ, ବିଜ୍ଞାନ ଭିତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏହି ମେଳା ରେ ପରିବେଶ, ଶକ୍ତି, ପ୍ରଦୂଷଣ, ଜଳ, ବୈଷୟିକ କାରିଗରୀ ଉପରେ ମୋଟ ୭୮ ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ଶେଷରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ ।

# ଧାମନଗରରେ ୬୬.୬୩ ଶତକଡ଼ା ମତଦାନ



ଭଦ୍ରକ, ୦୩/୧୧ (ନି.ପ୍ର): ଭଦ୍ରକ ଧାମନଗର ଉପ ନିର୍ବାଚନରେ କିଛି ଛୋଟ ଛୋଟ ଗଣ୍ଡଗୋଳ ଓ ଉତ୍ତେଜନାକୁ ଛାଡିଦେଲେ ମୋଟା ମୋଟି ଭାବରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ସରିଛି । ମତଦାନ ଠିକ୍ ୭ଟାରେ ଆରମ୍ଭ ହୋଇଥିଲା । ଆରମ୍ଭରେ ୧୫,୬୯,୭୪,୭୫,୧୬୫ ଏହି ୫ ଟି ବୁଥ ଇ ଭି ଏମ ରେ ଖରାପ ହେତୁ ତାହାକୁ ବଦଳା ଯାଇ ମତଦାନ ଆରମ୍ଭ ହୋଇଥିଲା । ସକାଳ ୯ଟା ସୁଦ୍ଧା ୧୦.୨୫ ଶତକଡ଼ା, ୧୧ ଟା ସୁଦ୍ଧା ୨୨.୩୬, ଏବଂ ଗୋଟାଏ ସୁଦ୍ଧା ୩୮.୫୭ ଶତକଡ଼ା ମତଦାନ ହୋଇଥିଲା । ରାମେଶ୍ୱରପୁର ଠାରେ ୧୬୯, ୧୭୦ ନଂ ବୁଥରେ ହାତାହାତି ହୋଇଥିବା ବେଳେ ଆହତଙ୍କୁ ଡାକ୍ତରଖାନା ନିଆଯାଇଛି । ସେହିପରି ୨୨ ଓ ୨୩ ନଂ ବୁଥରେ ରିଗିଂ ନେଇ ବିଜେପି ଅଭିଯୋଗ କରିଛି । ବହୁ ସ୍ଥାନରେ ଭୋଟର ଲିଷ୍ଟରେ ଡିଲିଟେଡ ଷ୍ଟାମ୍ପ ମାରା ଯାଇଥିବାରୁ ଭୋଟର ମାନେ ଆଧାରକାର୍ଡ ନେଇଥିଲେ ମଧ ଭୋଟ ଦେଇ ପାରିନଥିବାରୁ ଅସନ୍ତୋଷ ଦେଖାଯାଇଥିଲା । ଧାମନଗର ୧୦ ନଂ ଜୋନ ଭଗବାନପୁର ପଞ୍ଚାୟତ ବୁଥ ନଂ ୧୨୧ କ୍ରମିକ ନଂ ୫୬୧ ଓ କ୍ରମିକ ନଂ ୫୬୭ ଡିଲିଟେଡ ହେତୁ ଭୋଟର ମତଦାନ କରି ପାରି ନଥିଲେ । ସେହିପରି କଲ୍ୟାଣୀ ଠାରେ ଏକ ବୁଥ ନିକଟରେ ମୁତୟନ ଜଣେ ଫୋର୍ସଙ୍କ ଅତ୍ୟଧିକ କାର୍ଯ୍ୟାନୁଷ୍ଠାନରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଥିଲା । ସବୁ ପିଙ୍କ୍ ବୁଥରେ ମହିଳା ଭୋଟରଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ଅସୁରାଳି ଜୋନ ରଇପୁର ପଞ୍ଚାୟତ ୨୪୩ ନଂ ବୁଥରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେତୁ ଉତ୍ତେଜନା ଦେଖା ଦେଇଥିଲା । ତେବେ ସନ୍ଧ୍ୟା ୫ଟା ସୁଦ୍ଧା ୫୮.୫୩ ଶତକଡ଼ା ଭୋଟ ହୋଇଥିବା ବେଳେ ଏବେବି ବହୁ ବୁଥରେ ଭୋଟର ଧାଡ଼ିରେ ଥିବାରୁ ଏହା ୨୦୧୯ ନିର୍ବାଚନ ଭୋଟ ଦାନ ୭୨.୦୧ ଶତକଡ଼ା ପାଖା ପାଖି ହୋଇପାରେ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନି ସୂଚନା ଦେଇଥିବା ବେଳେ ସନ୍ଧ୍ୟା ୬ଟା ସୁଧା ୬୬.୬୩ ଶତକଡ଼ା ମତଦାନ ହୋଇଥିବା ଜଣାଯାଇଛି । ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ କଡାକଡି ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ନିଜେ ଜିଲ୍ଲାପାଳ ବହୁ ବୁଥ ବୁଲି ସ୍ଥିତି ସମୀକ୍ଷା କରୁଥିବା ଦେଖାଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo